ବର୍ଷ-୨୫, ସଂଖ୍ୟା-୨୬୨
ଭୁବନେଶ୍ୱର
୩୦, ସେପ୍ଟେମ୍ବର, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 262
Bhubaneswar
30, September, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଟ୍ରଫି ଚୋର ପାକିସ୍ତାନ



## ପିଓକେରେ ଆନ୍ଦୋଳନ

**ନୂଆଦିଲ୍ଲୀ, ୨୯।୯ (ମହାଭାରତ):** ପାକିସ୍ତାନର ଶେହବାଜ ସରିଫ ସରକାର ବିରୋଧରେ ପାକିସ୍ତାନ ଅଧିକୃତ କାଶ୍ମୀର – ପିଓକେରେ ବିଶାଳ ପ୍ରତିବାଦ । ଆୱାମୀ ଆକ୍ସନ୍ କମିଟି -ଏଏସି ଡାକରାରେ ବନ୍ଦ ପାଳନ କରାଯାଉଛି । ହଜାର ହଜାର ଲୋକ ବିଭିନ୍ନ ଦାବି ନେଇ ରାସ୍ତାକୁ ଓହ୍ଲାଇଛନ୍ତି । ଗାଡି ମୋଟର ଚଳାଚଳ କରୁନାହିଁ । ପାକିସ୍ତାନ ଅଧିକୃତ କାଶ୍ମୀର- ପିଓକେର ସାମ୍ପ୍ରତିକ ଇତିହାସରେ ଏହା ସବୁଠାରୁ ବଡ଼ ପ୍ରତିବାଦ ମଧ୍ୟରୁ ଗୋଟିଏ ବୋଲି କୁହାଯାଉଛି । ପିଓକେ ବିଧାନସଭାରେ କାଶ୍ମୀର ଶରଣାର୍ଥୀଙ୍କ ପାଇଁ ସଂରକ୍ଷିତ ୧୨ଟି ଆସନ ଉଚ୍ଛେଦ, ରାଜନୈତିକ ଓ ଅର୍ଥନୈତିକ ଦୃଷ୍ଟିରୁ ପିଓକେ ଲୋକଙ୍କୁ ୭୦ ବର୍ଷ ଧରି ଅବହେଳା ଆଦି ୩୮ ଘଟଣା ଓ ଏହାର ସମାଧାନ ଦାବି ନେଇ ଆନ୍‌ଦୋଳନ କରୁଛି ଆୱାମୀ ଆକ୍ସନ୍ କମିଟି । ତେବେ ପୋଲିସର କାର୍ଯ୍ୟାନୁଷ୍ଠାନ ଯୋଗୁଁ ୪ ଜଣଙ୍କର ମୃତ୍ୟୁ ଘଟିଛି ।

# ୪ ପ୍ରସ୍ତାବ ଉପରେ ବାଜିଲା କ୍ୟାବିନେଟ୍ ମୋହର

**ଭୁବନେଶ୍ୱର, ୨୯।୯ (ମହାଭାରତ):** ରାଜ୍ୟ କ୍ୟାବିନେଟର ୨୭ତମ ବୈଠକ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ମୋଟ ୪ ପ୍ରସ୍ତାବକୁ ଅନମୋଦନ ମିଳିଛି । ଏହା ମଧ୍ୟରେ ପୂର୍ତ୍ତ ବିଭାଗର ଗୋଟିଏ, ସ୍କୁଲ ଓ ଗଣଶିକ୍ଷା ବିଭାଗର ଗୋଟିଏ ଏବଂ ଶ୍ରମ ବିଭାଗରର ଦୁଇଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦିତ ହୋଇଛି ।

ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ, ୧୯୫୬ ରେ ସଂଶୋଧନ ପାଇଁ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛନ୍ତି । ଓଡିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ, ୧୯୫୬ର ବ୍ୟବସ୍ଥାଗୁଡ଼ିକ ୨୦ କିମ୍ବା ତଦୁର୍ଦ୍ଧ୍ୱ କର୍ମଚାରୀଙ୍କୁ ନିୟୋଜିତ କରିଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ଲାଗୁ ହେବ, ପରନ୍ତୁ ସମସ୍ତ ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନରେ ନିୟୋଜିତ କର୍ମଚାରୀଙ୍କ ସଂଖ୍ୟା ନିର୍ବିଶେଷରେ ଓଡିଆ ସାଇନ ବୋର୍ଡ ପ୍ରଦର୍ଶନ କରିବାକୁ ପଡିବ । ଦୈନିକ କାର୍ଯ୍ୟ ନିର୍ଘଣ୍ଟ ୯ ଘଣ୍ଟାରୁ ୧୦ ଘଣ୍ଟାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି । ଏକ ପ୍ରତିଷ୍ଠାନରେ କର୍ମଚାରୀଙ୍କ କାର୍ଯ୍ୟପାଳି ଅତି କମରେ ଅଧଘଂଟାର ବ୍ୟବଧାନ ବିନା ନିରନ୍ତର ୬ ଘଣ୍ଟାରୁ ଅଧିକ ହେବନାହିଁ । ତ୍ରୈମାସିକ ଓଭର ଟାଇମ କାର୍ଯ୍ୟସୀମା ୧୪୪ ଘଣ୍ଟାକୁ ବୃଦ୍ଧି କରାଯାଇଛି । କୌଣସି ପ୍ରତିଷ୍ଠାନରେ ଜଣେ କର୍ମଚାରୀ କୌଣସି ଦିନରେ ୧୦ ଘଣ୍ଟାରୁ ଅଧିକ କିମ୍ବା କୌଣସି ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାର୍ଯ୍ୟ କରିଲେ, ସେ ଏପରି ଓଭରଟାଇମ କାର୍ଯ୍ୟ ବାବଦକୁ ସାଧାରଣ ମଜୁରି ହାରର ଦ୍ୱିଗୁଣିତ ମଜୁରି ପାଇବାକୁ ହକଦାର ହେବେ । ପ୍ରତିଷ୍ଠାନ ଗୁଡିକ ଦିନରାତି ୨୪ ଘଂଟା ଏବଂ ବର୍ଷକୁ ୩୬୫ ଦିନ ଖୋଲା ରହି ପାରିବ । ରାତିରେ ମହିଳା କର୍ମଚାରୀଙ୍କ କାର୍ଯ୍ୟ ଉପରେ ପ୍ରତିବନ୍ଧକ ହଟିବ । ମହିଳା କର୍ମଚାରୀ ମାନଙ୍କୁ ସେମାନଙ୍କ ଲିଖିତ ସମ୍ମତିରେ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚିତ ସର୍ତ୍ତାବଳୀ ଅନୁଯାୟୀ ରାତ୍ରିରେ ନିୟୋଜିତ କରାଯାଇପାରିବ ।



ଏହି ସଂସ୍କାର ଗୁଡିକ ରାଜ୍ୟରେ ନୂତନ ଶିଳ୍ପ ଏବଂ ନିବେଶକୁ ଆକର୍ଷିତ କରିବ, କାରଖାନା ଗୁଡିକୁ ସର୍ବୋଚ୍ଚ ଚାହିଦା ପୂରଣ କରିବାରେ ସକ୍ଷମ କରିବ ଏବଂ ଉତ୍ପାଦକତା ବୃଦ୍ଧି କରିବ । ଏହା ଅଧିକ ଓଭର ଟାଇମ କାମ କରିବାକୁ ଅନୁମତି ଦେଇ ଶ୍ରମିକଙ୍କ ରୋଜଗାର ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିବ । ଭାରତ ସରକାରଙ୍କ ନିୟନ୍ତ୍ରଣ ମୁକ୍ତି ବା ଡି-ରେଗୁଲେସନ ପଦକ୍ଷେପର ପ୍ରାଥମିକତା କ୍ଷେତ୍ରରେ ପ୍ରସ୍ତାବିତ ଏହି ଅନୁମୋଦିତ ସଂଶୋଧନ ପ୍ରସ୍ତାବ ଗୁଡିକ ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଓ ଦ୍ରୁତ ବ୍ୟବସାୟୀକରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ, ଯାହା କି ଆମକୁ ବିକଶିତ ଓଡିଶା ଓ ବିକଶିତ ଭାରତ ଗଢିବାରେ ସାହାଯ୍ୟ କରିବ । ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାରେ ଗ୍ରାମପଂଚାୟତ ସ୍ତରରେ ଆଦର୍ଶ ବିଦ୍ୟାଳୟର ବିକାଶ ପାଇଁ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି । ତିନି ବର୍ଷ (୨୦୨୫-୨୬ ରୁ ୨୦୨୭-୨୮ ) ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ୨୨୦୦ ଗୋଟି ମଡେଲ ସ୍କୁଲ ନିର୍ମାଣ ପାଇଁ ମୋଟ ଆର୍ଥିକ ବ୍ୟୟ ଅଟକଳ ୧୨,୦୦୦ କୋଟି ଟଙ୍କା ଅଟେ ।

ପ୍ରତ୍ୟେକ ସ୍କୁଲ ପାଇଁ ଆନୁମାନିକ ଖର୍ଚ୍ଚ ପ୍ରାୟ ୫ କୋଟି ଟଙ୍କା ଆକଳନ କରାଯାଇଥିବା ବେଳେ, ପ୍ରତ୍ୟେକ ସ୍କୁଲ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଆଧାରରେ ପ୍ରକୃତ ଖର୍ଚ୍ଚ ନିର୍ଣ୍ଣୟ କରାଯିବ । ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନା ଓଡ଼ିଶାରେ ଏକ ଅନ୍ତର୍ଭୁକ୍ତି ମୂଳକ ଏବଂ ଗୁଣାତ୍ମକ ଶିକ୍ଷା ଇକୋସିଷ୍ଟମ ଗଠନ କରିବା ଦିଗରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ, ସମାନ ଶିକ୍ଷା ସୁଯୋଗ ଏବଂ ପ୍ରତ୍ୟେକ ପିଲାର ମୌଳିକ ସଶକ୍ତିକରଣ ପ୍ରତି ରାଜ୍ୟର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିବା ଦିଗରେ ଅଭିପ୍ରେତ ।ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାର ଲକ୍ଷ୍ୟ ହେଉଛି ଶିକ୍ଷା ଅଧିକାର ଆଇନ, ୨୦୦୯ ର ଉଦ୍ଦେଶ୍ୟ ସହିତ ସମନ୍ୱୟ ରକ୍ଷା କରିବା ସହ ଅନ୍ତର୍ଭୁକ୍ତି ଶିକ୍ଷା ଓ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱାରୋପ କରି ଗ୍ରାମ ପଞ୍ଚାୟତ ସ୍ତରରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବା ।

କେନ୍ଦୁଝର ଘଟଗାଁ ଠାରେ ଥିବା ମା ତାରିଣୀ ମନ୍ଦିର ପରିସରର ପାରିପାର୍ଶ୍ୱିକ ବିକାଶ ଉପରେ ଓଡ଼ିଶା ସରକାର ଗୁରୁତ୍ୱାରୋପ କରିଛନ୍ତି । ମା ତାରିଣୀ ମନ୍ଦିର ପରିସରର ପାରିପାର୍ଶ୍ୱିକ ବିକାଶ ଦ୍ୱାରା ଭକ୍ତମାନଙ୍କ ଦୀର୍ଘ ଦିନର ଦାବି ପୂରଣ ହେବ । ଏହି ବିକାଶର ଫଳସ୍ୱରୂପ ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ଅର୍ଥନୈତିକ ବିକାଶ ହେବ । ରାଜ୍ୟ କ୍ୟାବିନେଟ୍ ଏଥିପାଇଁ ୧୪୬ କୋଟି ଟଙ୍କା ମୂଲ୍ୟର ସର୍ବନିମ୍ନ ଟେଣ୍ଡର (ଜି.ଏସ୍.ଟିକୁ ବାଦ୍ ଦେଇ) ମେସର୍ସ ଦିଲ୍ଲୀପ କନଷ୍ଟ୍ରକସନ୍ ପ୍ରାଇଭେଟ୍ ଲିମିଟେଡ୍ ସପକ୍ଷରେ ଅନୁମୋଦନ କରିଛନ୍ତି । ୫୯.୨୦୬ ଏକର ପରିମିତ ଅଞ୍ଚଳରେ ଏହି ବିକାଶ କାର୍ଯ୍ୟ ୨୪ ମାସ ଭିତରେ ସଂମ୍ପୂର୍ଣ୍ଣ କରିବାକୁ ଧାର୍ଯ୍ୟ କରାଯାଇଛି । ଏହି ବିକାଶ କାର୍ଯ୍ୟ ପାଇଁ ସମୁଦାୟ ୨୨୬ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏଠାରେ ଭକ୍ତଙ୍କ ସୁବିଧା ପାଇଁ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ତୀର୍ଥ ଯାତ୍ରୀ କେନ୍ଦ୍ର , ଇଂଟରପ୍ରିଟେସନ୍ ସେଂଟର , ଫୁଡ୍ ପ୍ଲାଜା ଏମ୍ଂ ୱାଚ୍ ଟାୱାର , ମାର୍କେଟ୍ କମ୍ପ୍ଲେକ୍ସ , ନଡ଼ିଆ ଭଣ୍ଡାର ଓ ପ୍ରସାଦ ସେବନ ପ୍ରକୋଷ୍ଠ (୫୦୦ ଜଣ ବସିଲା ଭଳି) ଏବଂ ଜିନିଷ ରଖିବା ଘର କରାଯିବ । ଏହି ସବୁ କାର୍ଯ୍ୟ ସମାପ୍ତ ହେଲା ପରେ, ଘଟ ଗାଁ ସ୍ଥିତ, ମାଙ୍କ ପୀଠ, ଭାରତର ପ୍ରମୁଖ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ର ଭାବରେ ପରିଗଣିତ ହେବ ।

# କେନ୍ଦ୍ରକୁ ଗଲେ ଆଇଏଏସ୍ ଦମ୍ପତି

**ଭୁବନେଶ୍ୱର, ୨୯।୯ (ମହାଭାରତ):** ଓଡ଼ିଶା କ୍ୟାଡ଼ରର ଅଉ ଦୁଇଜଣ ଆଇଏଏସ ଅଫିସରଙ୍କୁ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିଛି । ୨୦୧୧ ବ୍ୟାଚ୍ ଆଇଏଏସ୍ ସମର୍ଥ ବର୍ମା ଓ ତାଙ୍କ ଆଇଏଏସ୍ ପତ୍ନୀ ୨୦୧୪ ବ୍ୟାଚର ସ୍ୱାଧା ଦେବ ସିଂ କେନ୍ଦ୍ରୀୟ ଡେପୁଟେସନରେ ଯିବେ । ଉଭୟଙ୍କୁ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିଛି ଓ ସେମାନଙ୍କୁ ୩ ସପ୍ତାହ ସୁଦ୍ଧା ରିଲିଭ୍ କରିବା ନିମନ୍ତେ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କୁ ଚିଠି ଲେଖି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ଅବଗତ କରାଇଛି । ସମର୍ଥ ଓ ତାଙ୍କ ପତ୍ନୀ ସ୍ୱାଧାଙ୍କୁ ମାତ୍ର ୩ଦିନ ବ୍ୟବଧାନରେ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିଛି ।



୨୦୧୧ ବ୍ୟାଚ୍ ଆଇଏଏସ୍ ସମର୍ଥ ବର୍ମା ଏବେ ଓଡ଼ିଶା ସରକାରରେ ମାଇନର ମିନେରାଲ୍ସ ନିର୍ଦ୍ଦେଶକ ଓ ଅତିରିକ୍ତ ଭାବେ ଓଡ଼ିଶା ବନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଛନ୍ତି । ସମର୍ଥଙ୍କୁ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟରେ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି । ସେ ଦାୟିତ୍ୱ ନେବା ଦିନଠୁ ୫ବର୍ଷ ପର୍ଯ୍ୟନ୍ତ ଅବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇବେ । ତାଙ୍କୁ ନିଜର ନୂଆ ଦାୟିତ୍ୱ ତୁଲାଇବା ନିମନ୍ତେ ତୁରନ୍ତ ରିଲିଭ୍ କରିବାକୁ ମୁଖ୍ୟ ସଚିବଙ୍କୁ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଆଜି ଚିଠି ଲେଖି ଅବଗତ କରାଯାଇଛି । ଏହାପୂର୍ବରୁ ସେ କେନ୍ଦ୍ରାପଡ଼ା, ପୁରୀ ଜିଲ୍ଲାରେ ଜିଲ୍ଲାପାଳ ଦାୟିତ୍ୱ ତୁଲାଇଛନ୍ତି । ୨୦୧୪ ବ୍ୟାଚ୍ ଆଇଏଏସ୍ ସ୍ୱାଧାଦେବ ସିଂ ଏବେ ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ଓ ରାଜ୍ୟ ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କୁ ଗତ ୨୬ତାରିଖରେ ନୂଆଦିଲ୍ଲୀସ୍ଥିତ ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କ କାର୍ଯ୍ୟାଳୟରେ ଜନଗଣନା ନିର୍ଦ୍ଦେଶକ/ନାଗରିକ ପଞ୍ଜିକରଣ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି । ସେ ଏହି ପଦବୀରେ ୨୦୨୫ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବେ । ଏହାପରେ କେନ୍ଦ୍ରୀୟ ଷ୍ଟାଫିଂ ସ୍କିମ୍ ଅଧୀନରେ ଅନୁମୋଦିତ ତାଙ୍କର କାର୍ଯ୍ୟକାଳକୁ ବୃଦ୍ଧି କରାଯାଇ ପାରିବ ବୋଲି ଉଲ୍ଲେଖ ରହିଛି । ତାଙ୍କୁ ତୁରନ୍ତ ରିଲିଭ୍ କରିବା ନିମନ୍ତେ ମୁଖ୍ୟ ସଚିବଙ୍କୁ ମଧ୍ୟ ଚିଠି ଲେଖି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ବିଭାଗ ସୂଚନା ଦେଇଛି । ସ୍ୱାଧା ଏହା ପୂର୍ବରୁ ରାୟଗଡ଼ା ଓ ନୟାଗଡ଼ ଜିଲ୍ଲାରେ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଛନ୍ତି । ଏବେ ଓଡ଼ିଶା କ୍ୟାଡ଼ରର ମୋଟ ୨୫ଜଣ ଆଇଏଏସ୍ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦପଦବୀରେ କାର୍ଯ୍ୟରତ ଅଛନ୍ତି । ଏବେ ସମର୍ଥ ଓ ସ୍ୱାଧାଙ୍କୁ ମିଶାଇଲେ କେନ୍ଦ୍ରୀୟ ଡେପୁଟେସନରେ ଥିବା ଆଇଏଏସ ଅଫିସରଙ୍କ ସଂଖ୍ୟା ୨୭କୁ ଛୁଇଁବ । ରାଜ୍ୟରେ ମୋଟ ୨୪୮ଟି ମଞ୍ଜୁରୀପ୍ରାପ୍ତ ଆଇଏଏସ୍ ପଦବୀ ଥିବାବେଳେ ସେଥିରୁ ୪୫ଟି ଖାଲି ପଡ଼ିଛି ।

## ଲରେନ୍ସ ଗ୍ୟାଙ୍ଗକୁ ଝଟକା

ଓଟାୱା : କାନାଡା ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗକୁ ଏକ ଆତଙ୍କବାଦୀ ଗୋଷ୍ଠୀ ଭାବରେ ଘୋଷଣା କରିଛି । କାନାଡା ସରକାର କହିଛନ୍ତି ଯେ ଏହି ଗ୍ୟାଙ୍ଗ ଭାରତରେ ଅବସ୍ଥିତ ଏବଂ ଏହାର ନେତା ଜେଲରେ ଥିବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର କରି ଅପରାଧ କରେ । ଆତଙ୍କବାଦୀ ସଂଗଠନ ଘୋଷଣା ପରେ କାନାଡା ସରକାର ଏବେ ଗ୍ୟାଙ୍ଗର ସମ୍ପତ୍ତି ଜବତ କରିପାରିବେ ଏବଂ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ବନ୍ଦ କରିପାରିବେ । ଗତ ବର୍ଷ, କାନାଡା ପୁଲିସ ଦାବି କରିଥିଲା ଯେ ଭାରତ କାନାଡାରେ ଖଲିସ୍ତାନ ସମର୍ଥକମାନଙ୍କୁ ହତ୍ୟା ଏବଂ ଭୟଭୀତ କରିବା ପାଇଁ ଏହି ଗ୍ୟାଙ୍ଗକୁ ବ୍ୟବହାର କରିଥିଲା ଭାରତ ଏହାକୁ ଅସ୍ୱୀକାର କରିଥିଲା ଏବଂ କହିଛି ଯେ ଏହା ଗ୍ୟାଙ୍ଗର ପାଣ୍ଠି ବନ୍ଦ କରିବା ପାଇଁ କାନାଡା ସହିତ କାମ କରୁଛି । କେବଳ ଭାରତରେ, ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ୭୦୦ ସକ୍ରିୟ ସଦସ୍ୟ ଅଛନ୍ତି, ଯେଉଁମାନେ ଡକାୟତି ଠାରୁ ଆରମ୍ଭ କରି ଦାଦାବଟି ଆଦାୟ ଏବଂ ମନି ଲଣ୍ଡରିଂ ପର୍ଯ୍ୟନ୍ତ ବେଆଇନ କାର୍ଯ୍ୟକଳାପରେ ଜଡିତ ।

# ବିହାର ପାଇଁ ୭ ନୂତନ ଟ୍ରେନ

**ପାଟନା, ୨୯।୯ (ମହାଭାରତ):** କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିହାରର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ସହିତ ଆଜି ବିହାରରେ ମୋଟ ସାତୋଟି ନୂତନ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି, ଯେଉଁଥିରେ ତିନୋଟି ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ଅନ୍ତର୍ଭୁକ୍ତ । ଏହି ନୂତନ ଟ୍ରେନଗୁଡ଼ିକ ବିହାରରେ ସଂଯୋଗୀକରଣକୁ ଏକ ନୂତନ ଦିଗ ପ୍ରଦାନ କରିବ ଏବଂ ଯାତ୍ରୀମାନଙ୍କୁ ଉତ୍ତମ ଯାତ୍ରା ସେବା ପ୍ରଦାନ କରିବ । ଏହି ନୂତନ ଟ୍ରେନଗୁଡ଼ିକର ଉଦଘାଟନ ସହିତ, ସାରା ଦେଶରେ କାର୍ଯ୍ୟ କରୁଥିବା ୩୦ଟି ଅମୃତ ଭାରତ ଏକ୍ସପ୍ରେସ ସେବା ମଧ୍ୟରୁ ବିହାରରେ ମୋଟ ୨୬ଟି ଅମୃତ ଭାରତ ଏକ୍ସପ୍ରେସ ସେବା କାର୍ଯ୍ୟକ୍ଷମ ହୋଇଛି ।ମୁଜାଫରପୁର-ଚାର୍ଲାପାଲି ଅମୃତ ଭାରତ ଏକ୍ସପ୍ରେସ ହେଉଛି ମୁଜାଫରପୁରରୁ ଦକ୍ଷିଣ ଭାରତକୁ ଯାଉଥିବା ପ୍ରଥମ ଅମୃତ ଭାରତ ଟ୍ରେନ, ଯେତେବେଳେ ଛାପରା-ଆନନ୍ଦ ବିହାର ଅମୃତ ଭାରତ ଏକ୍ସପ୍ରେସ ବିହାରରୁ ଦିଲ୍ଲୀକୁ ଯାଉଥିବା ଷଷ୍ଠ ଅମୃତ ଭାରତ ଟ୍ରେନ ପାଲଟିଛି ।



ଏହି ଅତ୍ୟାଧୁନିକ ସ୍ୱଦେଶୀ ଟ୍ରେନଗୁଡ଼ିକ ଯାତ୍ରୀମାନଙ୍କୁ ଏକ ଦ୍ରୁତ, ସୁରକ୍ଷିତ ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବ । ଏଗୁଡ଼ିକ ଦେଶର ବିଭିନ୍ନ ଅଂଶ, ବିଶେଷକରି ଉତ୍ତର ଏବଂ ଦକ୍ଷିଣ ଭାରତ ସହିତ ବିହାରର ସଂଯୋଗକୁ ସୁଦୃଢ଼ କରିବ । ଏଗୁଡ଼ିକର କାର୍ଯ୍ୟ ରାଜ୍ୟରେ ଆର୍ଥିକ କାର୍ଯ୍ୟକଳାପକୁ ବୃଦ୍ଧି କରିବ ଏବଂ ପର୍ଯ୍ୟଟନ, ବାଣିଜ୍ୟ ଏବଂ ନିଯୁକ୍ତି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ । ଏହି କାର୍ଯ୍ୟକ୍ରମରେ, କେନ୍ଦ୍ରମନ୍ତ୍ରୀ ଭିଡିଓ କନଫରେନ୍ସ ମାଧ୍ୟମରେ କହିଥିଲେ ଯେ ବିହାରରେ ବିକାଶର ଗତି ଏପରି ଯେ ନିକଟ ଭବିଷ୍ୟତରେ ରାଜ୍ୟ ଏକ ସୁବର୍ଣ୍ଣ ରାଜ୍ୟ ଭାବରେ ଉଭା ହେବ ।

ଏହି ଟ୍ରେନଗୁଡ଼ିକ ବିହାରରେ ସଂଯୋଗର ଏକ ନୂତନ ସ୍ତର ପ୍ରଦାନ କରିବ, ଯାତ୍ରୀମାନଙ୍କ ପାଇଁ ସୁବିଧା ବୃଦ୍ଧି କରିବ ଏବଂ ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବ । ଶ୍ରୀ ବୈଷ୍ଣବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୨୦୧୪ରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ, ସେ ରେଳକୁ ପ୍ରାଥମିକତା ଦେଇଛନ୍ତି, ରାଜ୍ୟଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦେଇଛନ୍ତି । ସେ କହିଛନ୍ତି ଯେ ୨୦୧୪ ପୂର୍ବରୁ ବିହାରର ବାର୍ଷିକ ରେଳ ବଜେଟ୍ ମାତ୍ର ପ୍ରାୟ ୧୦୦୦ କୋଟି ଟଙ୍କା ଥିଲା, ଯେତେବେଳେ ଆଜି ଏହା ପ୍ରାୟ ୧୦,୦୦୦ କୋଟି ଟଙ୍କାରେ ପହଞ୍ଚିଛି । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିହାରର ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣ ଉପସ୍ଥାପନ କରିଛନ୍ତି, ଯାହା ଅଧୀନରେ ବିହାରରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଚାଲିଛି । ସେ ଏହା ମଧ୍ୟ କହିଛନ୍ତି ଯେ ରାଜ୍ୟର ରେଳ ନେଟୱାର୍କକୁ ସମ୍ପୂର୍ଣ୍ଣ ବିଦ୍ୟୁତୀକରଣ କରାଯାଇଛି ଏବଂ ୧୮୯୯ କିଲୋମିଟର ନୂତନ ଟ୍ରାକ୍ ବିଛାଯାଇଛି ।

## ଲଦାଖ ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ

**ନୂଆଦିଲ୍ଲୀ, ୨୯।୯ (ପିଆଇବି):** ଲଦାଖ ପ୍ରସଙ୍ଗରେ ଶୀର୍ଷ ସଂସ୍ଥା ଲେହ (ଏବିଏଲ୍) ଏବଂ କାର୍ଗିଲ ଗଣତାନ୍ତ୍ରିକ ମେଣ୍ଟ (କେଡିଏ) ସହିତ ଆଲୋଚନା ପାଇଁ ସରକାରଙ୍କ ଦ୍ୱାର ସର୍ବଦା ଖୋଲା ରହିଛି । ଲଦାଖ କିମ୍ବା ଏହିପରି କୌଣସି ମଞ୍ଚ ଉପରେ ଏଚପିସି ମାଧ୍ୟମରେ ଏବିଏଲ ଏବଂ କେଡିଏ ସହିତ ଆଲୋଚନାକୁ ଆମେ ନିରନ୍ତର ସ୍ୱାଗତ କରୁଛୁ ।ଲଦାଖ ଉପରେ ଉଚ୍ଚ କ୍ଷମତାସମ୍ପନ୍ନ କମିଟି (ଏଚପିସି) ମାଧ୍ୟମରେ ଶୀର୍ଷ ସଂସ୍ଥା ଲେହ (ଏବିଏଲ) ଏବଂ କାର୍ଗିଲ ଗଣତାନ୍ତ୍ରିକ ମେଣ୍ଟ (କେଡିଏ) ସହିତ ସ୍ଥାପିତ ଆଲୋଚନା ବ୍ୟବସ୍ଥା ଲଦାଖର ଅନୁସୂଚିତ ଜନଜାତିଙ୍କ ପାଇଁ ବର୍ଦ୍ଧିତ ସଂରକ୍ଷଣ, ଏଲଏଏଚଡିସିରେ ମହିଳା ସଂରକ୍ଷଣ ଏବଂ ସ୍ଥାନୀୟ ଭାଷାଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବା ରୂପରେ ଆଜି ପର୍ଯ୍ୟନ୍ତ ଭଲ ଫଳାଫଳ ପାଇଛି । କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରେ ୧୮୦୦ଟି ସରକାରୀ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଆମର ବିଶ୍ୱାସ ଯେ ନିରନ୍ତର ଆଲୋଚନା ଦ୍ୱାରା ନିକଟ ଭବିଷ୍ୟତରେ ଆଶାନୁରୂପ ଫଳ ମିଳିବ ।

# ୧୯୩ ପୂଜା ମଣ୍ଡପରେ ୬୧ ପ୍ଲାଟୁନ ଫୋର୍ସ ମୁତୟନ

**ଭୁବନେଶ୍ୱର, ୨୯।୯ (ମହାଭାରତ):** ଦୁର୍ଗାପୂଜା ପାଇଁ ରାଜଧାନୀରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ୧୯୩ ଟି ପୂଜା ମଣ୍ଡପରେ ଲୋକଙ୍କ ସୁରକ୍ଷାକୁ ନିୟନ୍ତ୍ରଣ ପାଇଁ ୬୧ ପ୍ଲାଟୁନ ଫୋର୍ସ ମୁତୟନ ହେବେ । ଯାହା ଭିତରେ ୩ ପ୍ଲାଟୁନ ସେଂଟ୍ରାଲ ଆର୍ମଡ ଫୋର୍ସ ମଧ୍ୟ ରହିଛନ୍ତି ବୋଲି ପୋଲିସ୍ କମିଶନର ଏସ ଦେବଦତ ସିଂ ସୂଚନା ଦେଇଛନ୍ତି ।

ସେ କହିଛନ୍ତି ୩ ଜଣ ଡିସିପି ରାଙ୍କ ଅଫିସର ସୁରକ୍ଷା ବ୍ୟବସ୍ଥା ମନିଟର କରିବେ । ୨୪ ଟି ପେଣ୍ଡାଲରେ ମା'ଙ୍କ ମୂର୍ତିରେ ସୁନା ଓ ରୂପା ଅଳଙ୍କାର ବ୍ୟବହାର ହେଉଥିବାରୁ ସେଠାରେ ସୁରକ୍ଷା ବ୍ୟବସ୍ଥା ବ୍ୟାପକ ହେବ । ଡ୍ରୋନ୍ ଦ୍ୱାରା ମଧ୍ୟ ସୁରକ୍ଷା ବ୍ୟବସ୍ଥା ଯାଂଚ ହେବ । ୪ ଟି ଡ୍ରୋନ୍ ର ବ୍ୟବସ୍ଥା ହୋଇଛି । ଏସବୁକୁ ସ୍ମାର୍ଟ ସିଟି କ୍ୟାମେରା ଦ୍ୱାରା ମନିଟର କରାଯିବ । କମିଶନରେଟ ପୋଲିସର ହର୍ ଟିମ ମହିଳାଙ୍କ ସୁରକ୍ଷା ଦିଗରେ ନିୟୋଜିତ ହୋଇଛନ୍ତି । ମୋବାଇଲ ପାଟ୍ରୋଲିଂ ବ୍ୟାପକ ହୋଇଛି । ଷ୍ଟ୍ରାଇକିଂ ଫୋର୍ସ , ସ୍ପେଶାଲ ଟାକ୍ଟିକାଲ ୟୁନିଟ, ବମ ଡିସ୍ପୋଜାଲ ସ୍କ୍ୱାଡ ମଧ୍ୟ ମୁତୟନ ହେବେ । ରାଜଧାନୀବାସୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଯାଇ ଏଭଳି ବ୍ୟବସ୍ଥା ହୋଇଥିବା କହିଛନ୍ତି ପୋଲିସ କମିଶନର । ସେହିପରି ଟ୍ରାଫିକ ବ୍ୟବସ୍ଥା ସହରରେ ବର୍ତମାନ ଅସମ୍ଭାଳ ହୋଇପଡିଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ଛକ ବଜାରରେ ଟ୍ରାଫିକ ସମସ୍ୟା ଦେଖାଯାଉଛି । ଏସବୁକୁ ନିୟନ୍ତ୍ରଣ କରିବା ପାଇଁ ୧୫ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା କହିଛନ୍ତି ପୋଲିସ କମିଶନର ।



# ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ

**ଭୁବନେଶ୍ୱର, ୨୯।୯ (ମହାଭାରତ):** ବଙ୍ଗୋପସାଗରରେ ନୂଆ ଲଘୁଚାପ ସୃଷ୍ଟି ହେବାରୁ ଓଡ଼ିଶାରେ ଦୁର୍ଗାପୂଜା ଉତ୍ସବ ମଳିନ କରିପାରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ଅକ୍ଟୋବର ୩ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବ ।

ଅରଇଏମ୍‌ଡି ପୂର୍ବାହ୍ନ ବୁଲେଟିନ୍‌ରେ କହିଛି, ୩୦ ସେପ୍ଟେମ୍ବରରେ ଉତ୍ତର ଆଣ୍ଡାମାନ ସାଗରରେ ଏକ ସାଇକ୍ଲୋନିକ୍ ସର୍କୁଲେସନ୍ ସୃଷ୍ଟି ହେବ ଏବଂ ୧ ଅକ୍ଟୋବର ଉତ୍ତର ଓ ମଧ୍ୟ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବ ଏହା ପଶ୍ଚିମବଙ୍ଗ-ବାଂଲାଦେଶ କିମ୍ବା ଓଡ଼ିଶା ଉପକୂଳ ଆଡ଼କୁ ଗତି କରିପାରେ ରିପୋର୍ଟ ଅନୁଯାୟୀ, ଏହା ଅକ୍ଟୋବର ୨ରେ ଡିପ୍ରେସନ୍‌ରେ ପରିଣତ ହୋଇ ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଅତିକ୍ରମ କରିପାରେ ।

**୧-୩ ତାରିଖ ସମୁଦ୍ରକୁ ଯିବା ମନା**

**ଖରାପ ହୋଇପାରେ ଦୁର୍ଗାପୂଜା ମାହୋଲ**

ଅକ୍ଟୋବର ୧ରୁ ୩ ତାରିଖ ପାଗ ଖରାପ ରହିବା ସହିତ ସମୁଦ୍ର ଅଶାନ୍ତ ରହିପାରେ । ଓଡ଼ିଶା ଉପକୂଳ ଓ ବାହାରେ ଓ ଉତର ଏବଂ କେନ୍ଦ୍ରିୟ ବଙ୍ଗୋପସାଗରରେ ପବନର ବେଗ ଘଂଟା ପ୍ରତି ୩୫ରୁ ୪୫ କି.ମି. ଏବଂ ସ୍ଥଳ ବିଶେଷରେ ୫୫ କି.ମି.କୁ ଛୁଇଁପାରେ । ଏଣୁ ଏହି ସମୟରେ ମତ୍ସ୍ୟଜିବୀମାନଙ୍କୁ ସମୁଦ୍ରକୁ ମାଛ ଧରିବାକୁ ଯିବାକୁ ବାରଣ କରାଯାଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୋମବାର ଜାରି ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

ଅକ୍ଟୋବର ୧ରୁ ଉପକୂଳ ଓଡ଼ିଶା ଓ ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ହେବ, ଯାହା ଦୁର୍ଗାପୂଜାର ବାହାରେ କାର୍ଯ୍ୟକ୍ରମ ଓ ଯାତ୍ରା ଯୋଜନାକୁ ପ୍ରଭାବିତ କରିପାରେ ୨ ଓ ୩ ଅକ୍ଟୋବରରେ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ, ଢେଙ୍କାନାଳ, ସୁନ୍ଦରଗଡ଼, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର, ବୌଦ୍ଧ, ସୋନପୁର, ଅନୁଗୁଳ ଓ ନୂଆପଡ଼ା ଆଦି ଜିଲାରେ ମଧ୍ୟମ ଧରଣର ବର୍ଷା ହେବ । ୨୯ ସେପ୍ଟେମ୍ବରରୁ ୩ ଅକ୍ଟୋବର ପର୍ଯ୍ୟନ୍ତ ଗଜପତି, ଗଞ୍ଜାମ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା, ନୟାଗଡ଼, ପୁରୀ, କନ୍ଧମାଳ ଓ ଅନ୍ୟ ଜିଲାରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ୩୦-୪୦ କିମି/ଘଣ୍ଟା ବେଗରେ ପବନ ହେବ ଅକ୍ଟୋବର ୧-୩ ମଧ୍ୟରେ ଓଡ଼ିଶା ଉପକୂଳ ଓ ବଙ୍ଗୋପସାଗରରେ ୩୫-୪୫ କିମି/ଘଣ୍ଟା ବେଗରେ ପବନ ବହିପାରେ, ଯାହା ୫୫ କିମି/ଘଣ୍ଟା ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ।

## ଶିରୀଶ ମୁର୍ମୁ ଆରବିଆଇ ଡେପୁଟି ଗଭର୍ଣ୍ଣର

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୯।୯ (ମହାଭାରତ):** କେନ୍ଦ୍ରରେ ଆଉ ଜଣେ ଓଡ଼ିଆଙ୍କୁ ବଡ ପୋଷ୍ଟରେ ଦେଖିବାକୁ ମିଳିଛି । କେନ୍ଦ୍ର ସରକାର ଓଡ଼ିଶାର ଶିରିଷ ଚନ୍ଦ୍ର ମୁର୍ମୁଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଡେପୁଟି ଗଭର୍ଣ୍ଣର ଭାବେ ନିଯୁକ୍ତ କରିଛନ୍ତି । ମନ୍ତ୍ରୀମଣ୍ଡଳର ନିଯୁକ୍ତି କମିଟି ତାଙ୍କୁ ୯ ଅକ୍ଟୋବର କିମ୍ବା ତାପରେ ଯୋଗଦେବା ତାରିଖଠାରୁ ତିନି ବର୍ଷ ପାଇଁ ଏହି ପଦବୀରେ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି । ଶିରୀଶ ଚନ୍ଦ୍ର ମୁର୍ମୁ ହେଉଛନ୍ତି ଜମ୍ମୁ-କଶ୍ମୀରର ପ୍ରଥମ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ସାନ ଭାଇ ।



ଆରବିଆଇର ଡେପୁଟି ଗଭର୍ଣ୍ଣର ଭାବରେ ନିଯୁକ୍ତି ପାଇଥିବାରୁ ଶିରୀଶ ଚନ୍ଦ୍ର ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଡେପୁଟି ଗଭର୍ଣ୍ଣର ଭାବରେ ନିଯୁକ୍ତି ପାଇଥିବାରୁ ଶିରୀଶ ଚନ୍ଦ୍ର ମୁର୍ମୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଜଣେ ସୁଯୋଗ୍ୟ ଓଡ଼ିଆ ଦେଶର ସର୍ବୋଚ୍ଚ ବ୍ୟାଙ୍କରେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ଆରବିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ତାଙ୍କର ଦୀର୍ଘ ଦିନର ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତା ଦେଶର ଆର୍ଥିକ ବ୍ୟବସ୍ଥା ଓ ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ ବୋଲି ମୋର ଦୃଢ଼ ବିଶ୍ୱାସ । ଆଗାମୀ କାର୍ଯ୍ୟକାଳ ଓ ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଉଛି ଏବଂ ସଫଳତା କାମନା କରୁଛି ।

# ୮ କୋଟିର ବାଣ ଜବତ, ୧୩୩ ଗିରଫ

**ଭୁବନେଶ୍ୱର, ୨୯।୯ (ମହାଭାରତ):** ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଗତ ୧୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଓଡିଶା ପୋଲିସ ତରଫରୁ ସମଗ୍ର ଓଡ଼ିଶାରେ "ଅଗ୍ନି" ନାମକ ବିଶେଷ ଅଭିଯାନ ଚଳାଯାଇଥିଲା । ଆସନ୍ତା ପର୍ବପର୍ବାଣିକୁ ଦୃଷ୍ଟିରେ ରଖି ବେଆଇନ ବିସ୍ଫୋରକ ଭଣ୍ଡାର, ବିନା ଅନୁମତିରେ ପରିବହନ ଓ ବେଆଇନ ଆତସବାଜି ବିକ୍ରୟକୁ ରୋକିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଇଛି ।

ସମଗ୍ର ରାଜ୍ୟରେ ସର୍ବମୋଟ ୧୮୪ ଟି ମାମଲା ରୁଜୁ ହୋଇଥିବା ବେଳେ, ୧୩୩ ଜଣଙ୍କୁ ଗିରଫ ଏବଂ ୪୫ ନୋଟିସ ଜାରି କରାଯାଇଛି ।ମୋଟ ଆନୁମାନିକ ୮,୨୪,୬୦,୭୦୦ ଟଙ୍କା ମୂଲ୍ୟର ସାମଗ୍ରୀ ଜବତ କରାଯାଇଛି । "ଅଗ୍ନି" ଅଭିଯାନ ଫଳରେ ରାଜ୍ୟରେ ବେଆଇନ ଆତସବାଜି ଓ ବିସ୍ଫୋରକ ବ୍ୟବସାୟରେ ରୋକ ଲାଗି ପାରିଛି । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅପରେସନ ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଛି । ରାଜ୍ୟ ପୋଲିସର ଏହି ପ୍ରୟାସ ପର୍ବ-ପର୍ବାଣୀ ସମୟ ରେ ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତି ସୁରକ୍ଷାକୁ ସୁନିଶ୍ଚିତ କରିଛି ।

ଏହି ଅଭିଯାନରେ ସମଗ୍ର ରାଜ୍ୟରେ ଅନୁଗୁଳ, କେନ୍ଦୁଝର, ଗଞ୍ଜାମ, ବୌଦ୍ଧ ଜିଲ୍ଲା ରେ ସର୍ବାଧିକ ପରିମାଣର ବେଆଇନ ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ବୌଦ୍ଧ ଜିଲ୍ଲାରେ ସର୍ବାଧିକ ୫ କୋଟି ଟଙ୍କା ମୂଲ୍ୟର ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ୧୦ ଟି ମାମଲା ରୁଜୁ ହୋଇଥିଲା ବେଳେ ୫ ଜଣଙ୍କୁ ଗିରଫ ଏବଂ ୫ ଜଣଙ୍କୁ ନୋଟିସ ଜାରି କରାଯାଇଛି ।

ସେହିପରି ଗଞ୍ଜାମ ଜିଲ୍ଲାରେ ୨୧,୦୫,୦୦୦ ଟଙ୍କା ମୂଲ୍ୟର ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିବା ବେଳେ ୧୪ ଟି ମାମଲା ରୁଜୁ ସହ ୪ ଜଣଙ୍କୁ ଗିରଫ ଏବଂ ୧୦ ଜଣଙ୍କୁ ନୋଟିସ ଜାରି କରାଯାଇଛି ।



ସେହିପରି କେନ୍ଦୁଝର ଜିଲ୍ଲାରେ ୧୫,୧୬,୦୦୦ ଟଙ୍କା ମୂଲ୍ୟର ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିବା ବେଳେ ୨୧ ଟି ମାମଲା ରୁଜୁ ଏବଂ ୨୧ ଜଣଙ୍କୁ ଗିରଫ କରାଯାଇଛି । ସେହିପରି ଅନୁଗୁଳ ଜିଲ୍ଲାରେ ୧.୫୦ କୋଟି ଟଙ୍କା ମୂଲ୍ୟର ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିବା ବେଳେ ୧୭ ଟି ମାମଲା ରୁଜୁ ସହ ୧୩ ଜଣଙ୍କୁ ଗିରଫ କରାଯାଇଛି ।

# ଛେନା ପୁର ମଣ୍ଡା ପିଠା

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥରେ ଅରୁଆ ଚାଉଳକୁ ପାଣିରେ ଭିଜାଇ ରଖନ୍ତୁ। କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ। ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ। ଗ୍ୟାସରେ କଡ଼େଇ ବସାଇ ନଡ଼ିଆ କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ। ଆପଣ ଏଠାରେ ଚାହିଁଲେ ଚିନି ଜାଗାରେ ଗୁଡ଼ ମଧ୍ୟ ପକାଇ ପାରିବେ। ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ। ପାଣି ଫୁଟିଯିବା ପରେ ଚାଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଲାନ୍ତୁ। ଜନ୍ତା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଜନ୍ତା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୂର ଦେଇ ଗୋଲ ଗୋଲ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ। ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା।



ଖବର

# ଦିଲ୍ଲୀ ଦଶହରା ରାମଲୀଳାରେ ରାମ ଭୂମିକାରେ ନଜର ଆସିବେ ବବି ଦେଓଲ



ଦଶହରାରେ ଦିଲ୍ଲୀର ଲବ କୁଶ ରାମଲୀଳାରେ ସାମିଲ ହେବେ ବଲିଉଡ ଆକ୍ଟର ବବି ଦେଓଲ୍ । ତାଙ୍କୁ ରାମ ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ । ଯେଉଁଥିରେ ତାଙ୍କୁ ରାବଣ ପୋଡି କରୁଥିବାର ମଧ୍ୟ ଦେଖିବାକୁ ମିଳିବ । ଏହି ଖବରକୁ ଅଭିନେତା ସ୍ପଷ୍ଟ କରିଛନ୍ତି ।ଆପଣଙ୍କୁ ଜଣାଇ ଦେଉଛୁ ଯେ, ଲାଲକିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ରାବଣ ପୋଡ଼ି ପାଇଁ ଲଭ କୁଶ ରାମଲୀଳା କମିଟି ବବି ଦେଓଲଙ୍କୁ ନିମନ୍ତ୍ରଣ କରିଛି । ଯାହା ଅକ୍ଟୋବର ୨ ତାରିଖରେ ଆୟୋଜନ କରାଯାଇଛି । ଏହାରି ମଧ୍ୟରେ ଆୟୋଜକମାନେ ଗୋଟିଏ ଭିଡିଓ ସେୟାର କରିଛନ୍ତି । ବବି ଦେଓଲ ଏହି ବାର୍ଷିକ ପରମ୍ପରାରେ ସାମିଲ ହୋଇଥିବାରୁ ନିଜର ଖୁସି ପ୍ରକାଶ କରୁଥିବାର ଏହି ଭିଡିଓରେ ଦେଖିବାକୁ ମିଳିଛି ।ଭିଡିଓ ସମୟରେ, ବବି କହିଛନ୍ତି, ଏଥର ମୁଁ ଦିଲ୍ଲୀର ରାମଲୀଳାକୁ ଆସୁଛି । ତେଣୁ ଦଶହରାରେ ଦେଖା ହେବ ।ସାଧାରଣତଃ ଏହି କାର୍ଯ୍ୟକ୍ରମରେ ଅନେକ ଲୋକ ଜମିଥାଆନ୍ତି ସତ କିନ୍ତୁ ତାଙ୍କୁ ଦେଖିବା ପାଇଁ ଅଧିକ ଭିଡ଼ ହୋଇପାରେ ବୋଲି ଆଶା କରାଯାଉଛି । ଏହି ଐତିହାସିକ ମଞ୍ଚରେ ବବି ଦେଓଲଙ୍କ ଉପସ୍ଥିତି କେବଳ ଦର୍ଶକଙ୍କୁ ରୋମାଞ୍ଚିତ କରିବ ନାହିଁ ବରଂ ସବୁଦିନ ପାଇଁ ସମସ୍ତଙ୍କର ମନେ ରହିବ ।ଚଳିତ ବର୍ଷ ବବି ଦେଓଲ ମୁଖ୍ୟ ଅତିଥି ଭାବରେ ଯୋଗଦେବା ସହିତ, ଆୟୋଜକମାନେ ବିଶ୍ୱାସ କରନ୍ତି ଯେ ରାବଣର ପ୍ରତୀକାତ୍ମକ ବଧରେ ସିନେମାଟିକ୍ ଆକର୍ଷଣର ଏକ ସ୍ପର୍ଶ ରହିବ । ଦିଲ୍ଲୀର ଲାଲକିଲ୍ଲାରେ ଅନୁଷ୍ଠିତ ପ୍ରତିଷ୍ଠିତ ଲଭ କୁଶ ରାମଲୀଳାରେ ରାବଣଙ୍କ ସ୍ତ୍ରୀ ମନ୍ଦୋଦରୀ ଭୂମିକାରେ ଅଭିନୟ କରିବା ପରଠାରୁ ପୁନମ ପାଣ୍ଡେ ମନ୍ଦୋଦରୀ ଭାବରେ ଚର୍ଚ୍ଚାରେ ଅଛନ୍ତି । ଏଥିପାଇଁ ତାଙ୍କୁ ସମାଲୋଚନା କରିଛନ୍ତି । ସମାଲୋଚନା ସ□, ର । ମ ଲ 1 ଳ । ଆୟୋଜକମାନେ ନିଶ୍ଚିତ କରିଛନ୍ତି ଯେ ପାଣ୍ଡେଙ୍କୁ ବଦଳାଯିବ ନାହିଁ । ପୁନମ ପାଣ୍ଡେ ଏହି ଭୂମିକା ପାଇଁ ବ୍ୟକ୍ତିଗତ ଭାବରେ କମିଟି ସହିତ ଯୋଗାଯୋଗ କରିଥିଲେ । ସେ ଆର୍ଯ୍ୟ ବବରଙ୍କ ସହିତ ମଞ୍ଚ ସେୟାର କରିବେ। ଯାହା ଖୁବ୍ ଲୋକପ୍ରିୟତାକୁ ହାସଲ କରିବ ବୋଲି ଅନୁମାନ କରାଯାଉଛି ।

# ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଅଁଳା

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଅଁଳା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ ସହିତ କ୍ୟାଲସିୟମ, ମ୍ୟାଗ୍ନେସିୟମ, ପଲିଫେନାଲ ଓ ଆଇରନ ଭଳି ପୋଷକ ତତ୍ତ୍ୱ ରହିଛି। ଛୋଟ ଛୁଆ ଓ ବୟସ୍କଙ୍କ ପାଇଁ ଅଁଳା ଖୁବ ଉପକାରୀ। ପ୍ରତିଦିନ ଅଁଳା ଖାଇଲେ ସଂକ୍ରମଣର ଭୟ ନଥାଏ। ତେବେ ଆସନ୍ତୁ ଜାଣିବା, ଡାଏଟରେ ଅଁଳାକୁ କିପରି ସାମିଲ କରିପାରିବା।

♦ ବଜାରରେ ମିଳୁଥିବା ଅଁଳା କ୍ୟାଣ୍ଡି ଖାଇ ପାରିବେ। ଏହି କ୍ୟାଣ୍ଡିକୁ ଆପଣ ଚାହିଁଲେ ଘରେ ମଧ୍ୟ ତିଆରିକରି ପାରିବେ। ଏଥିପାଇଁ ପ୍ରଥମେ ଅଁଳାକୁ ସିଝାଇ ଚିନିରେ ପକାଇ ଖରାରେ ଶୁଖାଇ ଦିଅନ୍ତୁ। ଶୁଖିଯିବା ପରେ ଏୟାରଟାଇଟ ଡବାରେ କ୍ୟାଣ୍ଡିକୁ ଭର୍ତ୍ତି କରି ରଖନ୍ତୁ।

♦ ଅଁଳା ଚଟଣି ତିଆରି କରିବା ବହୁତ ସହଜ। ଏଥିପାଇଁ ଚିନି, ଭିନେଗାର ଓ ଗୁଜୁରାତିକୁ ମିଶାଇ ଅଁଳା ଚଟଣି ତିଆରି କରିପାରିବେ। ଆପଣ ଚାହିଁଲେ ଘରେ ଜିରା, ସୋରିଷତେଲ, ମେଥି ଓ ଅନ୍ୟାନ୍ୟ ସାମଗ୍ରୀ ମିଶାଇ ଅଁଳା ଆଚାର ମଧ୍ୟ ପ୍ରସ୍ତୁତ କରିପାରିବେ।

♦ ସେହିପରି ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ପ୍ରତିଦିନ ଗୋଟିଏ ଗ୍ଲାସ ପାଣିରେ ଅଁଳା ରସ ଓ ମହୁ ମିଶାଇ ପିଅନ୍ତୁ। ଏହାଦ୍ୱାରା କେବଳ ରୋଗ ପ୍ରତିରାଧକ ଶକ୍ତି ବୃଦ୍ଧି ହୋଇନଥାଏ, ତ୍ୱଚା ମଧ୍ୟ ସୁସ୍ଥ ରହିଥାଏ।



# ଦେବୀ ଦୁର୍ଗାଙ୍କ ଅସ୍ତ୍ରର ଅର୍ଥ

ଦେବୀ ଦୁର୍ଗା ସବୁଠାରୁ ଶକ୍ତିଶାଳୀ । ତାଙ୍କୁ ପୃଥିବୀର ସମସ୍ତ ରାକ୍ଷାସ ମାନଙ୍କୁ ହଟାଇବା ପାଇଁ ଅନେକ ଈଶ୍ୱରଙ୍କ ମିଳିତ ଶକ୍ତି ପ୍ରଦାନ କରାଯାଇଛି। ଦେବୀଙ୍କର ଦଶଟି ବାହୁ ତାଙ୍କ ଭକ୍ତଙ୍କ ସୁରକ୍ଷାକୁ ସୂଚିତ କରେ, ଯାହା ଆକାଶରୁ ପୃଥିବୀ ଯାଏଁ । ବାସ୍ତବରେ, ଦେବୀଙ୍କର ଶକ୍ତି ତାଙ୍କ ଦଶ ହାତରେ ଅସ୍ତ୍ର ଭାବରେ ଚିତ୍ରିତ ହୋଇଛି । ଅସ୍ତ୍ରଶସ୍ତ୍ରର ପ୍ରତୀକ ଏବଂ ଅର୍ଥ ଜାଣନ୍ତୁ–ତ୍ରିଶୂଳ– ଭଗବାନ ଶିବଙ୍କ ଦ୍ୱାରା ଉପହାର ପ୍ରାପ୍ତ ତ୍ରିଶୂଳ ରେ ତିନୋଟି ତୀକ୍ଷ୍ଣ ଧାର ଅଛି ଯାହା ତିନୋଟି ଗୁଣର ପ୍ରତୀକ ଅଟେ - ତନମାସ (ଶାନ୍ତି, ନିଷ୍କ୍ରିୟତା), ସତ୍ୟ (ପରିତ୍ରାଣ, ସକରାତ୍ମକତା ଏବଂ ଶୁଦ୍ଧତା) ଏବଂ ରାଜା (ଶାନ୍ତି, ହାଇପରାକ୍ଟିଭିଟି ଏବଂ ଇଚ୍ଛା) ।ଶଙ୍ଖ– ଶଙ୍ଖ ଶବ୍ଦ ଓମ୍’ ନାମକ ଶୁଦ୍ଧ ଏବଂ ପବିତ୍ର ଧ୍ୱନିର ପ୍ରତୀକ ଅଟେ ଯେଉଁଠାରୁ ବ୍ରହ୍ମାଣ୍ଡର ସମସ୍ତ ସୃଷ୍ଟି ହୋଇଥିଲା । ଏହାକୁ ଭଗବାନ ବରୁଣ ଉପହାର ଦେଇଥିଲେ। ସୁଦର୍ଶନ ଚକ୍ର -ଚକ୍ର ହେଉଛି ଭଗବାନ ବିଷ୍ଣୁଙ୍କ ଏକ ଉପହାର ଯାହାର ପ୍ରତୀକ ଅଟେ ଯେ ଜଗତ ଦୁର୍ଗାଙ୍କ ଦ୍ୱାରା ନିୟନ୍ତ୍ରିତ, ଯିଏ ସୃଷ୍ଟିର କେନ୍ଦ୍ର ଅଟେ ଏବଂ ବ୍ରହ୍ମାଣ୍ଡ ତାଙ୍କ ଚାରିପାଖରେ ଘୂରି ବୁଲୁଛି । ଏହା ମଧ୍ୟ ଧାର୍ମିକତା କିମ୍ବା ଧର୍ମର ପ୍ରତୀକ ଅଟେ ଯେହେତୁ ଏହା ଦେବୀଙ୍କ ଆଙ୍ଗୁଠିରେ ଘୂର୍ଣ୍ଣନ କରେ । ଏହି ଅସ୍ତ୍ର ସମସ୍ତ ମନ୍ଦକୁ ନଷ୍ଟ କରିବା ଏବଂ ଧାର୍ମିକମାନଙ୍କୁ ସୁରକ୍ଷା ଦେବା ପାଇଁ ବ୍ୟବହୃତ ହୁଏ ।ପଦ୍ମ– ପଦ୍ମ ହେଉଛି ଭଗବାନ ବ୍ରହ୍ମାଙ୍କର ପ୍ରତୀକ ଯାହା ଜ୍ଞାନର ପ୍ରତିନିଧିତ୍ୱ କରେ। ଅନ୍ଧକାର ସମୟରେ ମନରେ ଆଧାତ୍ମିକ ଚେତନାର ଜାଗରଣର ପ୍ରତୀକ ଅଟେ। ଧନୁ ଏବଂ ତୀର– ଧନୁ ଏବଂ ତୀରକୁ ଭଗବାନ ବାୟୁ ଏବଂ ଭଗବାନ ସୂର୍ଯ୍ୟଙ୍କ ଦ୍ୱାରା ଉପହାର ଦିଆଯାଇଛି । ଧନୁ ସମ୍ଭାବ୍ୟ ଶକ୍ତିକୁ ପ୍ରତିନିଧିତ୍ୱ କରେ ଯେତେବେଳେ ତୀରଟି ଗତିଜ ଶକ୍ତି ପାଇଁ ଥାଏ ଯଏହା ମଧ୍ୟ ପ୍ରତୀକ କରେ ଯେ ଦେବୀ ଦୁର୍ଗା ହିଁ ବ୍ରହ୍ମାଣ୍ଡର ସମସ୍ତ ଶକ୍ତି ଉତ୍ସକୁ ନିୟନ୍ତ୍ରଣ କରନ୍ତି। ବଜ୍ର– ଭଗବାନ ଇନ୍ଦ୍ରଙ୍କ ଉପହାର ଆତ୍ମା, ନିଷ୍ଠା ଏବଂ ସର୍ବୋଚ୍ଚ ଶକ୍ତିର ପ୍ରତୀକ ଅଟେ । ଦେବୀ ଦୁର୍ଗା ତାଙ୍କ ଭକ୍ତଙ୍କୁ ଅବିସ୍ମରଣୀୟ ଆତ୍ମବିଶ୍ୱାସ ଏବଂ ଇଚ୍ଛାରେ ଶକ୍ତି ପ୍ରଦାନ କରନ୍ତି । ଖଣ୍ଡା–ଭଗବାନ ଗଣେଶଙ୍କ ଦ୍ୱାରା ଦିଆଯାଇଥିବା ଖଣ୍ଡା ଜ୍ଞାନ ଏବଂ ବୁଦ୍ଧିର ପ୍ରତୀକ ଅଟେ ।ଏହା ବୁଦ୍ଧିର ତୀକ୍ଷ୍ଣତାକୁ ଏବଂ ଖଡ୍ଗର ଉଜ୍ଜ୍ୱଳ ଶକ୍ତି ଜ୍ଞାନକୁ ପ୍ରତିପାଦିତ କରେ ।



# ମଙ୍ଗଳସୂତ୍ରର ମହତ୍ତ୍ୱ



ମଙ୍ଗଳସୂତ୍ର ଧାରଣ କରିବା ଏକ ପରମ୍ପରା ଭାବେ ବହୁ ପୁରାତନ ସମୟରୁ ପାଳନ ହୋଇଆସୁଛି । ମଙ୍ଗଳସୂତ୍ରକୁ ବିବାହର ଓ ସ୍ୱାମୀଙ୍କର ଏକ ପ୍ରତୀକ ବୋଲି କୁହାଯାଏ। ବିବାହ ପରେ ସଧବା ନାରୀମାନେ ମଙ୍ଗଳସୂତ୍ରକୁ ଶ୍ରଦ୍ଧାପୂର୍ବକ ଧାରଣ କରି ଥାଆନ୍ତି । ଏହା ଷୋହଳ ଶୃଙ୍ଗାର ମଧ୍ୟରୁ ଗୋଟିଏ ଅଟେ । ମାତ୍ର ଏହା କେବଳ ଏକ ଗହଣା ନୁହେଁ, ଏଥିରେ ବହୁ ଚମତ୍କାରୀ ଓ ଲାଭଦାୟକ ଗୁଣ ମଧ୍ୟ ରହିଛି ।

ମଙ୍ଗଳସୂତ୍ର ଧାରଣ କରିବାର ବୈଜ୍ଞାନିକ ମହତ୍ତ୍ୱ–

ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ, ମଙ୍ଗଳସୂତ୍ର ସୁନା ଅଥବା ଚାନ୍ଦି ଓ କଳା ମୋତିରେ ନିର୍ମିତ ହୋଇଥାଏ । ଦୁଇଟି ଧାତୁ ଚାନ୍ଦି ଓ ସୁନା ମହିଳାଙ୍କ ହୃଦୟକୁ ସୁସ୍ଥ ରଖିଥାଏ । ଏହି ଧାତୁ କାରଣରୁ ନାରୀମାନଙ୍କ ରକ୍ତଚାପ ସଠିକ ରହିଥାଏ । ମଙ୍ଗଳସୂତ୍ରରେ ଥିବା ସୁନା ଶକ୍ତି ଓ ତେଜର ପ୍ରତୀକ । ତେଣୁ ସୁନା ଧାରଣ କରିବା ଦ୍ୱାରା ମହିଳାଙ୍କୁ ଶକ୍ତି ମିଳିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ବାୟୁଜନିତ ରୋଗରୁ ରକ୍ଷା କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ । ମଙ୍ଗଳସୂତ୍ର ଧାରଣ କରିବା ଦ୍ୱାରା ମହିଳାଙ୍କ ଶରୀରରେ ସକରାତ୍ମକ ଶକ୍ତି ରହିବା ସହ ସେ ନିଜକୁ ଶକ୍ତିଶାଳୀ ଅନୁଭବ କରିଥାଆନ୍ତି।

ମଙ୍ଗଳସୂତ୍ରର ଧାର୍ମିକ ମହତ୍ତ୍ୱ ଓ ଏହା ସହ ଜଡ଼ିତ ମାନ୍ୟତା–

ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ବିବାହ ପରେ ମହିଳାମାନେ ବିଭିନ୍ନ ଶୃଙ୍ଗାର ଦ୍ରବ୍ୟ ବ୍ୟବହାର କରିଥାଆନ୍ତି। ଏହାସହ ବହୁ ଗହଣା ପିନ୍ଧିବାର ମଧ୍ୟ ଆବଶ୍ୟକତା ଥାଏ । ମଙ୍ଗଳସୂତ୍ର ମଧ୍ୟ ସେହି ଗହଣା ମଧ୍ୟରୁ ଗୋଟିଏ। ମଙ୍ଗଳସୂତ୍ର କଳା ମୋତି ଓ ସୁନାର ଲକେଟକୁ ନେଇ ତିଆରି କରାଯାଏ । ଏହା ଅଖଣ୍ଡ ସୌଭାଗ୍ୟର ପ୍ରତୀକ କାରଣ ନାରୀଟି ନିଜ ସ୍ୱାମୀଙ୍କ ଦ୍ୱାରା ହିଁ ବିବାହ ସମୟରେ ମଙ୍ଗଳସୂତ୍ର ପିନ୍ଧିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ନାରୀମାନଙ୍କୁ ନକରାତ୍ମକ ଦୃଷ୍ଟିରୁ ରକ୍ଷା କରିଥାଏ।



# ବାଉଁଶ ଜଳାଯାଏନି, ଜାଣନ୍ତୁ ଏହା ପଛରେ ଥିବା ଧାର୍ମିକ ଓ ବୈଜ୍ଞାନିକ କାରଣ

କୌଣସି ଧାର୍ମିକ ବିଧିବିଧାନ ହେଉ ଅଥବା ସଂସ୍କାରରେ ବାଉଁଶ କେଉଁଠାରେ ବି ଜଳାଇବା କାର୍ଯ୍ୟରେ ଆସେନ। ଯଦିଓ ମଣିଷର ମୃତ୍ୟୁରେ ତାକୁ ବାଉଁଶ କୋକେଇରେ ନେବାର ବିଧି ରହିଛି ହେଲେ ହିନ୍ଦୁ ଧର୍ମରେ ଦାହ କାର୍ଯ୍ୟରେ



କାଠ ବ୍ୟତୀତ ବାଉଁଶର ଉପଯୋଗ ସମ୍ପୂର୍ଣ୍ଣ ବର୍ଜିତ। ହଜାର ହଜାର ବର୍ଷର ଭାରତୀୟ ଧାର୍ମିକ ସଂସ୍କୃତିରେ ଥିବା ବିଧିବିଧାନରେ ବାଉଁଶକୁ ବର୍ଜିତ ରଖା ଯାଇଛି। ତେବେ କେବଳ ଧାର୍ମିକ କାର୍ଯ୍ୟ ଲାଗି ନା ଏହା ପଛରେ ଅନ୍ୟ ବୈଜ୍ଞାନିକ କାରଣ ରହିଛି ସେ ସମ୍ପର୍କରେ ଆସନ୍ତୁ ଜାଣିବାୟ।

ବାଉଁଶକୁ ଭାରତୀୟ ଧର୍ମ ଶାସ୍ତ୍ରରେ ଜଳେଇବା ନିଷିଧ। ହୋମ ହେଉ କି ଯଜ୍ଞ ଏଥିରେ ବିଭିନ୍ନ କାଠର ଉପଯୋଗ ହୁଏ ହେଲେ ସୁଖିଲା ଥିଲେ ବି ବାଉଁଶକୁ ଏ ସବୁ ଧାର୍ମିକ କାର୍ଯ୍ୟରେ ବ୍ୟବହାର କରାଯାଏନି। ସେହିପରି ମଣିଷର ମୃତ୍ୟୁରେ ବାଉଁଶକୁ କୋକେଇ କରି ବୋହିନେବାର ବିଧି ରହିଛି। କିନ୍ତୁ ଶ୍ମଶାନରେ କାଠ ବ୍ୟତୀତ ଶବ ପୋଡିବାରେ ବାଉଁଶକୁ କେବେବି ବ୍ୟବହାର କରନ୍ତିନି। ହିନ୍ଦୁ ଧାର୍ମିକ ନିୟମରେ ବାଉଁଶ ଜଳାଇଲେ ଲୋକଙ୍କୁ ପିତୃ ଦୋଷ ଲାଗିଥାଏ ବୋଲି ମାନ୍ୟତା ରହିଛ। ଏଣୁ ଲୋକେ ଦୋଷ ଲାଗିବା ଭୟରେ ବାଉଁଶ ଜଳାନ୍ତିନି। ତେବେ ଏହାର ବୈଜ୍ଞାନିକ କାରଣ ବି ରହିଛି। ତାହା ହେଉଛି ବାଉଁଶରେ ଉପସ୍ଥିତ ଥିବା ଲିଡୟ ବାଉଁଶ ଜଳିଲେ ସେଥିରୁ ଲିଡ ଅକ୍ସାଇଡ ର୍ନିଗତ ହୁଏୟ ଯାହା ନ୍ୟୁରୋଟିକ୍ସିକ ବୋଲି ବିଜ୍ଞାନ କୁହେ। ତେବେ ଧୂପ କାଠିରେ ବାଉଁଶ ବ୍ୟବହାର ହେଉଛି। ଏଣୁ ଭାରତୀୟ ଧାର୍ମିକ ବିଧିରେ କେଉଁଠାରେ ହେଲେ ପୂଜାରେ ଅଗରବତୀ ଉପଯୋଗର ନିୟମ ନାହିଁ। ଅଗରବତୀ ଜଳିଲେ ଏଥିରୁ ସୁଗନ୍ଧ ବିଚ୍ଛୁରିତ ହୁଏୟ ହେଲେ ଏହା ସହ ଜଳୁଥିବା ବାଉଁଶ କାଠି ଶାରୀରିକ ସମସ୍ୟାର କାରଣ ପାଲଟିଥାଏ। ବାଉଁଶ ପୋଡା ବାସ୍ନା ନିଶ୍ୱାସରେ ଶରୀରକୁ ପହଞ୍ଚିଯାଏ। ଶରୀରରେ ଏହାର ସାମାନ୍ୟତମ ଉପସ୍ଥିତି କ୍ୟାନସର ଅଥବା ମସ୍ତିସ୍କାଘାତର କାରଣ ହୋଇପାରେ। ଭାରି ଧାତୁ ପୋଡିଲେ ଲିଡ୍ ଅକ୍ସାଇଡ ର୍ନିଗତ ହୁଏ ।ତେବେ ବାଉଁଶରୁ ମଧ୍ୟ ସେତିକି ପରିମାଣରେ ଏହି ବିଷାକ୍ତ ବାସ୍ପ ର୍ନିଗତ ହେଉଥିବାରୁ ଜାଳିବା ଲାଗି ବାଉଁଶ ବର୍ଜିତ କରାଯାଇଛ।

ନଗରନକ୍ସା ମହାନଗରର ନିଜ ଭାଷା



# ଓଡ଼ିଶା ମାଟି ହେଉଛି ମଧ୍ୟସ୍ଥତାର ମାଟି

**ଭୁବନେଶ୍ୱର,୨୯।୯ (ମହାଭାରତ):** ଦୁଇ-ଦିନିଆ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ-୨୦୨୫ର ଉଦଯାପନୀ ସମାରୋହ ଆଜି ଭୁବନେଶ୍ୱର ସ୍ଥିତ ରାଜ୍ୟ କନଭେନସନ ସେଣ୍ଟର , ଲୋକସେବା ଭବନ ଠାରେ ଉଦଯାପିତ ହୋଇଯାଇଛି।

ସମ୍ମିଳନୀର ଉଦଯାପନୀ ସମାରୋହରେ ସୁପ୍ରିମ କୋର୍ଟର ନ୍ୟାୟମୂର୍ତ୍ତି ଏମ.ଏମ. ସୁନ୍ଦରେଶ ଯୋଗଦେଇ ରାମାୟଣ ଯୁଗର ଉଦାହରଣ ଦେଇ କହିଲେ ଯେ ମହାବୀର ହନୁମାନ ହେଉଛନ୍ତି ଜଣେ ବଡ଼ ମଧ୍ୟସ୍ଥି। କାରଣ ସେ ସତ୍ୟ ଓ ନ୍ୟାୟର ମଧ୍ୟସ୍ଥତା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ। ତେଣୁ ମଧ୍ୟସ୍ଥତାର ପ୍ରାସଙ୍ଗିକତା ଅତୀବ ପୁରାତନ। ଏହାକୁ ବର୍ତ୍ତମାନ ଉପଯୋଗୀ କରିବାର ଆବଶ୍ୟକତା ରହିଛି ବୋଲି ନ୍ୟାୟମୂର୍ତ୍ତୀ ପ୍ରକାଶ କରିଥିଲେ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ ଯେ, ଓଡ଼ିଶା ମାଟି ହେଉଛି ମଧ୍ୟସ୍ଥତାର ମାଟି। ଆମର ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ହେଉଛି ମଧ୍ୟସ୍ଥତାର ଏକ ନିଛକ ପ୍ରଦର୍ଶନ। ଆମ ଦେଶରେ ଏବେ ପ୍ରାୟ ୪ କୋଟି ବିଭିନ୍ନ ମାମଲା ରହିଛି। ଏହାକୁ ସମାଧାନ କରିବାରେ ମଧ୍ୟସ୍ଥତା ଉଲ୍ଲେଖନୀୟ ଯୋଗଦାନ କରିବ। କରୋନା ମହାମାରୀ ଆମକୁ ଅନ୍ ଲାଇନ୍ ମାଧ୍ୟମରେ ମାମଲା ଶୁଣାଣି ପାଇଁ ପଥ ଦେଖାଇଥିଲା। ଏବେ ବୈଷୟିକ ଜ୍ଞାନ କୌଶଳ ବୃଦ୍ଧି ପାଇଛି।। କୃ ିମ ବୁଦ୍ଧିମତ୍ତା ଉପଯୋଗ ହେଉଛି। ବିଭିନ୍ନ ରାଜ୍ୟରେ ମାତୃଭାଷାରେ ଆଇନଗତ ମାମଲାର ଶୁଣାଣି କରାଯିବା ଉପରେ ସେ ମତ ରଖିଥିଲେ। ବିବାଦ ସୃଷ୍ଟି ନକରାଯିବା, ଗଣତାନ୍ତ୍ରିକ ମୂଲ୍ୟବୋଧ ବଜାୟ ରଖିବା, ଶିକ୍ଷା, ସଚେତନତା ମାଧ୍ୟମରେ ମଧ୍ୟସ୍ଥତା ସଂସ୍କୃତି ସୃଷ୍ଟି କରିବା ଉପରେ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ।



କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଥିଲେ ଯେ, ଆଇନଗତ ବିବାଦର ସମାଧାନ ପାଇଁ ଏହି ସମ୍ମିଳନୀରୁ ନିଷ୍କର୍ଷ ଆଧାରରେ ଦେଶରେ ମଧ୍ୟସ୍ଥତା ବ୍ୟବସ୍ଥା କରାଯିବା ଉଚି।

ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ଅହସାନୁଦ୍ଦିନ ଅମାନୁଲ୍ଲାହ ଯୋଗ ଦେଇ କହିଲେ ଯେ ଆଇନ ଗତ ମାମଲାରେ ଜଣେ ଜିତେ ଓ ଜଣେ ହାରେ। ତେଣୁ ଜଣେ ଦୁଃଖ ପାଏ। କିନ୍ତୁ ମଧ୍ୟସ୍ତତା ଜରିଆରେ ହୋଇଥିବା ମାମଲାର ସମାଧାନରେ ଉଭୟ ପକ୍ଷ ସନ୍ତୁଷ୍ଟ ହୋଇଥାନ୍ତି। ଅନ୍ୟତମ ବିଚାରପତି ନ୍ୟାୟ ମୂର୍ତ୍ତି ସଞ୍ଜୟ କରୋଲ କହିଥିଲେ ଦେଶରେ ବିଭିନ୍ନ ଆଇନଗତ ମାମଲା ବଢି ଚାଲିଛି। ସେଥିପାଇଁ ସମାଜର ଅବହେଳିତ ବର୍ଗର ଲୋକେ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାର ପାଇବାକୁ ବଂଚିତ ହେଉଛନ୍ତି।

ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ହରିଶ ଟାଣ୍ଡନ କହିଥିଲେ ରାଜନୈତିକ ହେଉ ବା ଅନ୍ୟ ବିଭିନ୍ନ କ୍ଷେତ୍ରରେ ହେଉ, ବିବାଦ ଉପୁଜିବା ପୂର୍ବରୁ ମଧ୍ୟସ୍ଥତାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ରହିଛି।

ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ସଙ୍ଗମ ସାହୁ, ନ୍ୟାୟମୂର୍ତ୍ତି କୃଷ୍ଣ ରାମ ମହାପାତ୍ର, ନ୍ୟାୟମୂର୍ତ୍ତି ଡଃ. ସଞ୍ଜୀବ କୁମାର ପାଣିଗାହୀ, ଭାରତ ସରକାରଙ୍କ ସଲିସିଟର ଜେନେରାଲ ତୁଷାର ମେହେଟା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ସରକାରଙ୍କ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସଭା ପରିଚାଳନା କରିଥିବା ବେଳେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ପିଏସ୍ ପକ୍ଷରୁ ଫାର୍ମାସିଷ୍ଟ ଦିବସ

**ଭୁବନେଶ୍ୱର,୨୯।୯ (ମହାଭାରତ):** ର୍‍ୟାଲି, ପଥପ୍ରାନ୍ତ ନାଟକ, ଶିକ୍ଷାମୂଳକ ପ୍ରତିଯୋଗିତା ଭଳି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମକୁ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (ଏସ୍‌ପିଏସ୍) ପକ୍ଷରୁ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। କ୍ୟାମ୍ପସ ପରିସରରେ ସଚେତନତା ର୍‍ୟାଲି ସହ ଏକ ପଥପ୍ରାନ୍ତ ନାଟକ ମଧ୍ୟ ଆୟୋଜନ କରାଯାଇଥିଲା। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫାର୍ମାସୀ ବୃତିର ଗୁରୁତ୍ୱପୂର୍ଣ୍ଣ ଦିଗ ଏବଂ ଚଳିତ ବର୍ଷର ପ୍ରସଙ୍ଗ ‘ଥିଙ୍କ ହେଲ୍‌ଥ, ଥିଙ୍କ ଫାର୍ମାସିଷ୍ଟ’ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ପିଏସ୍‌ର ଡିନ୍ ପ୍ରଫେସର ଦେବଜ୍ୟୋତି ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୁର୍ବତନ ଡିନ୍ ପ୍ରଫେସର ସୁଦାମ ଚନ୍ଦ୍ର ସି ଏବଂ ପ୍ରଫେସର ଲକ୍ଷ୍ମୀଧର ମହାରଣା ଛାତ୍ରଛାତ୍ରୀମାନଙ୍କୁ ନିଜର ମହତ୍ୱପୂର୍ଣ୍ଣ ଅନୁଭୂତି ବଖାଣିବା ସହ ଯୁବ ଫାର୍ମାସିଷ୍ଟମାନଙ୍କୁ ଏହି ବୃତିରେ ଆହୁରି ଉଚ୍ଚକୁ ଯିବା ପାଇଁ ପ୍ରୋତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଶୈକ୍ଷିକ ଏବଂ ଗବେଷଣା କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା। ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ଜିପାଟ ଏବଂ ଗେଟରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କ ସମେତ ପିଏଚ୍‌ଡି ସ୍କଲାରଙ୍କ ମଧ୍ୟରୁ ୩ଜଣ ଶ୍ରେଷ୍ଠ ଗବେଷଣାତ୍ମକ ସନ୍ଦର୍ଭ ପ୍ରସ୍ତୁତ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ପୋଷ୍ଟ ଗ୍ରାଜୁଏଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶ୍ରେଷ୍ଠ ଗବେଷଣା ଏବଂ ସନ୍ଦର୍ଭ ଲେଖିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ହର୍ବାଲାଇଫ୍ ଇଣ୍ଡିଆ ପକ୍ଷରୁ ଲିଫ୍‌ଟଅଫ୍ ଶୂନ ଚିନିଯୁକ୍ତ ଇଫରଭେସେଂଟ ପାନୀୟର ବଜାର ପ୍ରବେଶ

**ଭୁବନେଶ୍ୱର,୨୯।୯ (ମହାଭାରତ):** ହର୍ବାଲାଇଫ୍ ଇଣ୍ଡିଆ, ଏକ ପ୍ରମୁଖ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କମ୍ପାନୀ, ଗୋଷ୍ଠୀ ଏବଂ ପ୍ଲାଟଫର୍ମ, ଲିଫ୍‌ଟଅଫ୍‌ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଛି। ଏହା ଏକ ସତେଜ ଇଫରଭେସେଂଟ ପାନୀୟ ଯାହା ଶକ୍ତିପ୍ରଦାନକାରୀ ଏବଂ ସତେଜତା ଅନୁଭବ କରିବାରେ ସାହାଯ୍ୟ କରିବ। ଏଥିରେ ପାଇଁ କ୍ୟାଫିନ୍ ରହିଛି। ତରଭୁଜ ସ୍ୱାଦ ଏବଂ ଶୂନ ଆଡେଡ୍ ଚିନି ସହିତ ଉପଲବ୍ଧ, ଲିଫ୍‌ଟଅଫ୍ ଏକ ସକ୍ରିୟ ଏବଂ ସନ୍ତୁଳିତ ଜୀବନଶୈଳୀ ଖୋଜୁଥିବା ଗ୍ରାହକମାନଙ୍କ ପାଇଁ ଏକ ବିକଳ୍ପ ଭାବରେ ପ୍ରସ୍ତୁତ କରାଯାଇଛି।

ହର୍ବାଲାଇଫ୍ ଏପରି ଏକ ସମୟରେ ଏହାର ବଜାର ପ୍ରବେଶ କରିଛି ଯେତେବେଳେ ଭାରତୀୟ ଗ୍ରାହକମାନେ ସକ୍ରିୟ ଜୀବନଶୈଳୀକୁ ସମର୍ଥନ କରୁଥିବା ଅନ-ଦି-ଗୋ ପୁଷ୍ଟିସାର ଫର୍ମାଟ୍ ଖୋଜୁଛନ୍ତି। ଏହି ପରିଚୟ ସହିତ, ହର୍ବାଲାଇଫ୍ ଭାରତର ନ୍ୟୁଟ୍ରାସ୍ୟୁଟିକାଲ୍ ପାନୀୟ ବଜାର ମଧ୍ୟରେ ନିଜର ପାଦଚିହ୍ନ ବିସ୍ତାର କରିଛି।

ଏହି ଅବସରରେ ହର୍ବାଲାଇଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅଜୟ ଖାନ୍ନା କହିଲେ, ଏହି ଲଂଚ୍ ଗ୍ରାହକଙ୍କ ପାଇଁ ଅଭିନବ ପୁଷ୍ଟିକର ସମାଧାନର ଉପଲବ୍ଧତା ବୃଦ୍ଧି କରିବା ପ୍ରତି ଆମର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଆମର ପ୍ରୟାସ ସର୍ବଦା ବିକଶିତ ଜୀବନଶୈଳୀର ଆବଶ୍ୟକତାକୁ ପୂରଣ କରିବା ଏବଂ ଲୋକଙ୍କୁ ସୁସ୍ଥ ଏବଂ ସକ୍ରିୟ ଜୀବନଯାପନ ପାଇଁ ସଶକ୍ତ କରୁଥିବା ଉତ୍ପାଦ ପ୍ରଦାନ କରିବା। ଲିଫ୍‌ଟଅଫ୍ ହେଉଛି ଏକ ବିଜ୍ଞାନ-ସମର୍ଥିତ ଫର୍ମୁଲେସନ୍ ଯାହା ଶକ୍ତି ପ୍ରଦାନକାରୀ ଏବଂ ସତେଜତା ଅନୁଭବ କରିବାର ଏକ ସୁବିଧାଜନକ ଉପାୟ ପ୍ରଦାନ କରେ। ହର୍ବାଲାଇଫ୍‌ର ପୁଷ୍ଟିକର-ଆଧାରିତ ଉତ୍ପାଦର ପୋର୍ଟଫୋଲିଓର ଅଂଶ ଭାବରେ ଏହା ଆଜିର ଭାରତୀୟ ଗ୍ରାହକଙ୍କୁ ବେଶ୍ ଆକର୍ଷିତ କରିବ।

## ସମ୍ ଅଲ୍ଟିମେଟ ପକ୍ଷରୁ ଫାର୍ମାସିଷ୍ଟ ଦିବସ



**ଭୁବନେଶ୍ୱର,୨୯।୯ (ମହାଭାରତ):** ସମ୍ ଅଲ୍ଟିମେଟ ମେଡିକେୟାର (ସମ୍ମମ୍) ପକ୍ଷରୁ ଅତ୍ୟନ୍ତ ଉତ୍ସାହର ସହ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ହସ୍ପିଟାଲ୍‌ର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ୍ ବ୍ରିଗେଡିୟର (ଡାକ୍ତର) ବିରାଜ ମୋହନ ମିଶ୍ର ଏବଂ ମେଡିକାଲ୍ ସୁପରିଟେଣ୍ଡେଂଟ ଡାକ୍ତର ପ୍ରଶାନ୍ତ କୁମାର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମମର ଫାର୍ମାସୀ ବିଭାଗର ମୁଖ୍ୟ ଦିଲ୍ଲୀପ କୁମାର ଦାସମହାପାତ୍ର ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଫାର୍ମାସିଷ୍ଟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ହସ୍ପିଟାଲ୍‌ର ଚିଫ୍ ଏଗ୍‌ଜିକ୍ୟୁଟିଭ ଅଫିସର ଡକ୍ଟର ଶ୍ୱେତପଦ୍ମା ଦାଶ ଏକ ସ୍ୱତନ୍ତ୍ର ବାର୍ତା ମାଧ୍ୟମରେ ସୁରକ୍ଷିତ ଚିକିତ୍ସା ନିମନ୍ତେ ଫାର୍ମାସିଷ୍ଟମାନଙ୍କର ସ୍ୱତନ୍ତ୍ର ଦାୟିତ୍ୱ ରହିଛି ବୋଲି କହିଥିଲେ। ସେମାନେ କେବଳ ଉପଯୁକ୍ତ ଚିକିତ୍ସା ନୁହେଁ ବରଂ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ରୋଗୀର ବିଶ୍ୱାସ ବଢ଼ାଇବାରେ ସ୍ୱତନ୍ତ୍ର ଭୂମିକା ତୁଲାଇଥାନ୍ତି ବୋଲି ଡକ୍ଟର ଦାଶ କହିଥିଲେ।

ଏକ ବାର୍ତାରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଫାର୍ମାସିଷ୍ଟମାନଙ୍କ ଭୂମିକା କେବଳ ଔଷଧ ପ୍ରଦାନ ନୁହେଁ ତା’ଠାରୁ ଅଧିକ ବ୍ୟାପକ ବୋଲି କହିଛନ୍ତି। ସେମାନେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ଜଣେ ଜଣେ ସହଯୋଗୀ ଯେଉଁମାନେ କି ରୋଗୀ ସେବାର ମୂଳଦୁଆକୁ ସୁଦୃଢ଼ କରିଥାନ୍ତି ବୋଲି ପ୍ରଫେସର ନାୟକ କହିଛନ୍ତି। କାର୍ଯ୍ୟକ୍ରମ ଶେଷରେ କ୍ଲିନିକାଲ୍ ଫାର୍ମାକୋଲଜି ବିଭାଗର ମୁଖ୍ୟ ସନ୍ତୋଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କେସିଆଇଏଏମ୍ ପ୍ରତିଷ୍ଠା ଏକ ସମୟୋଚିତ ପଦକ୍ଷେପ

**ଭୁବନେଶ୍ୱର,୨୯।୯ (ମହାଭାରତ):** କିଟ୍ ସେଣ୍ଟର ଫର ଇଣ୍ଟରନ୍ୟାସନାଲ ଆର୍ବିଟ୍ରେସନ୍ ଆଣ୍ଡ ମେଡିଏସନ (କେସିଆଇଏଏମ୍)ର କର୍ଟେନ ରେଜର ଏବଂ ଭିଜନର ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ଇଣ୍ଟରନ୍ୟାସ୍‌ନାଲ୍ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ଡ. ଜଷ୍ଟିସ୍ ଅବଦୁଲକାୱି ଏ. ୟୁସୁଫ୍; ଭାରତ ଉଚ୍ଚତମ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସନ୍ଦୀପ ମେହେଟାଙ୍କ ସମେତ ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସୁଜିତ ନାରାୟଣ ପ୍ରସାଦ, ଜଷ୍ଟିସ୍ ଆନନ୍ଦ ସେନ୍, ଜଷ୍ଟିସ୍ ରାଜେଶ କୁମାର; ପାଟନା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସନ୍ଦୀପ କୁମାର; ବରିଷ୍ଠ ଅଧିବକ୍ତା ତଥା ପୂର୍ବତନ ଅତିରିକ୍ତ ସଲିସିଟର ଜେନେରାଲ୍ ପିଙ୍କି ଆନନ୍ଦ ପ୍ରମୁଖ ଯୋଗଦେଇ ଥିଲେ।



ଜଷ୍ଟିସ୍ ମେହେଟା କେସିଆଇଏଏମ୍ ପ୍ରତିଷ୍ଠାକୁ ଏକ ସମୟୋଚିତ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ପଦକ୍ଷେପ ଭାବରେ ବର୍ଣ୍ଣନା କରି କହିଲେ, ଏହା ବିଶ୍ୱସ୍ତରୀୟ ଆଇନ ସୁବିଧା ପ୍ରଦାନ, ସହଯୋଗକୁ ପ୍ରୋତ୍ସାହନ ସହ ଭବିଷ୍ୟତର ଆର୍ବିଟ୍ରେଟର୍‌ମାନଙ୍କୁ ତାଲିମ ଦେବ ବୋଲି ଆଶା ବ୍ୟକ୍ତ କରିଥିଲେ। ଏହି କେନ୍ଦ୍ର ସର୍ବୋତ୍ତମ ଆର୍ବିଟ୍ରେସନ୍ ଓ ମଧ୍ୟସ୍ଥତା କ୍ଷେତ୍ରରେ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। କେସିଆଇଏଏମ୍ ଏ କ୍ଷେତ୍ରରେ କେବଳ ସେବା ଯୋଗାଇ ଦେବ ନାହିଁ ବରଂ ଆର୍ବିଟ୍ରେସନ ଓ ମଧ୍ୟସ୍ଥତା ପାଇଁ ଏକ ବିଶ୍ୱବ୍ୟାପୀ କେନ୍ଦ୍ର ଭାବରେ ଭାରତର ବୃହତ ଦୃଷ୍ଟିକୋଣରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବା ନିମନ୍ତେ ପ୍ରୟାସ କରିବା ଉଚିତ ବୋଲି ସେ କହିଥିଲେ।

ଜଷ୍ଟିସ୍ ଅବଦୁଲକାୱି କହିଲେ, ସମସ୍ୟା ସମାଧାନ ଓ ମଧ୍ୟସ୍ଥତା ଭାରତରେ ନୂଆ ନୁହେଁ। ଏହାର ମୂଳ ଗଭୀର ଭାବେ ଭାରତର ଇତିହାସ ସହ ଜଡ଼ିତ ରହିଛି। ଏହି ନୂତନ କେନ୍ଦ୍ର ଦେଶରେ ସଂସ୍ଥାଗତ ଆର୍ବିଟ୍ରେସନର ଏକ ନୂତନ ଯୁଗକୁ ସୂଚୀତ କରିବ ବୋଲି ସେ ଆଶା ପୋଷଣ କରିଥିଲେ। ଜଷ୍ଟିସ୍ ସନ୍ଦୀପ କୁମାର କହିଲେ, ଭୁବନେଶ୍ୱର ଏପରି ଏକ କେନ୍ଦ୍ର ପାଇଁ ଉପଯୁକ୍ତ ସ୍ଥାନ। କାରଣ ଏହା ଏକ ପ୍ରଯୁକ୍ତିବିଦ୍ୟା ହବ୍ ଭାବରେ ଜଣାଶୁଣା। ଭାରତର ଆର୍ବିଟ୍ରେସନ ଦୃଶ୍ୟପଟ ଆମୂଳଚୂଳ ଭାବରେ ପରିବର୍ତ୍ତିତ ହୋଇଛି। ନିକଟ ବର୍ଷଗୁଡ଼ିକରେ କେବଳ ଆର୍ବିଟ୍ରେସନ ଦ୍ୱାରା ୫୮ହଜାରରୁ ଅଧିକ ମାମଲାର ସମାଧାନ କରାଯାଇଛି। ଏହି କେନ୍ଦ୍ର ପ୍ରତିଷ୍ଠା ହେଲେ ଆର୍ବିଟ୍ରେସନ୍ ଓ ମେଡିଏସନ୍ ପାଇଁ ପକ୍ଷମାନେ କେବଳ ଦିଲ୍ଲୀ କିମ୍ବା ମୁମ୍ବାଇ ଉପରେ ନିର୍ଭର କରିବା ଅପେକ୍ଷା ଭୁବନେଶ୍ୱରରେ ବିବାଦର ସମାଧାନ କରିପାରିବେ ବୋଲି ସେ କହିଥିଲେ।

# କ୍ଲବ ଟାଉନ୍ ପଡିଆରେ ମା’ ଦୁର୍ଗାଙ୍କ ଭସାଣି ମହୋତ୍ସବ

**ଭୁବନେଶ୍ୱର,୨୯।୯ (ମହାଭାରତ):** ଭୁବନେଶ୍ୱର ଉତ୍ତର ପୂଜା ଭସାଣି ସମିତି ପକ୍ଷରୁ ଡମଣା ନିକଟସ୍ଥ କ୍ଲବ ଟାଉନ୍ ପଡିଆରେ ଚଳିତବର୍ଷ ୧୫ତମ ମା’ ଦୁର୍ଗାଙ୍କ ଭସାଣି ମହୋତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହେବ। ଏଥିରେ ଉତ୍ତର ନିର୍ବାଚନ ମଣ୍ଡଳୀର ପ୍ରାୟ ୧୪ରୁ ଅଧିକ ମେଢ ଅଂଶ ଗ୍ରହଣ କରିବେ। ସନ୍ଧ୍ୟା ସାଢେ ୫ ଟାରେ ମେଢ ଗୁଡିକ ପଡିଆ ମଧ୍ୟକୁ ପ୍ରବେଶ କରିବେ। ଭସାଣି ସମିତି ପକ୍ଷରୁ ସମସ୍ତ ମେଢକୁ ପାଛୋଟି ଅଣାଯିବା ସହିତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ସନ୍ଧ୍ୟା ଠାରୁ ମେଢ ମେଲାଣି ନେବା ପର୍ଯ୍ୟନ୍ତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିବ। ଯେଉଁଥିରେ ଓଡିଶାର ନାମିଦାମୀ କଳାକାରମାନେ ସଙ୍ଗୀତ ପରିବେଷଣ କରିବେ। ଏବର୍ଷର ମୁଖ୍ୟ ଆକର୍ଷଣ ୧ କ୍ୱିଣ୍ଟାଲ ୫୦ କେଜିର ଲଡୁ। ନୀଳାଦ୍ରିବିହାର ପୂଜା କମିଟି ଦ୍ୱରା ପ୍ରସ୍ତୁତ ଏହି ଲଡୁ ନିଲାମ ଡକାଯାଇ ଭକ୍ତଙ୍କ ମଧ୍ୟରେ ବଣ୍ଟାଯିବ ବୋଲି ଆଜି ଚନ୍ଦ୍ରଶେଖରପୁର ସ୍ଥିତ ଏକ ହୋଟେଲ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉତ୍ତରର ପୂର୍ବତନ ବିଧାୟକ ତଥା ଭସାଣି ସମିତିର ଉପଦେଷ୍ଟା ପ୍ରିୟଦର୍ଶୀ ମିଶ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଭାପତି ରଶ୍ମିରେଖା ଜେନା, ଉପଦେଷ୍ଟା ମଧୁମାଧବ ଜେନା, ସମରେନ୍ଦ୍ର ସାହୁ, କର୍ପୋରେଟର ଯଶୋଧାରା ପ୍ରଧାନ, ନିଶାକର ସାହୁ, ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକ୍, ଅଶୋକ ପାତ୍ର, ବିଶ୍ୱନାଥ ମହାନ୍ତି, ସୁକାନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।




## ଦକ୍ଷିଣ ଓଡିଶାରେ ବିଦ୍ୟୁତ ସେବାରେ ପରିବର୍ତ୍ତନ ଆଣିଛି ଟିପିଏସ୍‌ଓଡିଏଲ୍

**ଭୁବନେଶ୍ୱର,୨୯।୯ (ମହାଭାରତ):** ଦକ୍ଷିଣ ଓଡ଼ିଶାର ଦୁର୍ଗମ ଅଞ୍ଚଳରେ, ଯେଉଁଠାରେ ଜନଜାତିବହୁଳ ଅଞ୍ଚଳ ବିକାଶୋନ୍ମୁଖୀ ସହରାଞ୍ଚଳ ସହ ମିଶୁଛି ସେଠାରେ ବିଦ୍ୟୁତ ବିତରଣ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏସ୍‌ଓଡିଏଲ୍) । ଓଡ଼ିଶା ସରକାର ଓ ଟାଟା ପାୱାରର ଏହି ଯୌଥ ଉଦ୍ୟୋଗ ତଥା ଟିପିଏସ୍‌ଓଡିଏଲ୍ ବିଦ୍ୟୁତ ବିତରଣ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାକୁ ଆପଣାଇ ଗ୍ରାହକ କୈନ୍ଦ୍ରିକ ସେବାକୁ ପ୍ରାଧାନ୍ୟ ଦେଉଛି। ବିଦ୍ୟୁତ ସେବା କ୍ଷେତ୍ରରେ ଡ୍ରୋନ୍ ଟେକ୍ନୋଲୋଜିକୁ ବ୍ୟବହାର କରିବା ସହିତ ସ୍କାଡା ଟେକ୍ନୋଲୋଜିକୁ ଆପଣାଇ ଦୈନନ୍ଦିନ ପରିଚାଳନାରେ ସଠିକତା ଓ ଦକ୍ଷତାକୁ ସୁନିଶ୍ଚିତ କରିଛି ଟିପିଏସ୍‌ଓଡିଏଲ୍। ଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର ଫଳରେ ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ବିନା କୌଣସି ବାଧାରେ ବିଦ୍ୟୁତ ବିତରଣ ବ୍ୟବସ୍ଥା ନୀରିକ୍ଷଣ କରିବା ହୋଇପାରିଛି ଆହୁରି ସହଜ। ସେହିପରି ଟିପିଏସ୍‌ଓଡିଏଲର ଛଅଟିଯାକ ସର୍କଲରେ ସ୍କାଡା ଟେକ୍ନୋଲୋଜିକୁ ଆପଣାଇବା ଫଳରେ ପିଏସସିସି ଓ ଏପିଏସସିସି ମାଧ୍ୟମରେ ବିଦ୍ୟୁତ ସମ୍ବନ୍ଧୀୟ ଯେକୌଣସି ତ୍ରୁଟିକୁ ସଠିକ୍ ସମୟରେ ଚିହ୍ନଟ କରାଯିବା ସାଙ୍ଗକୁ ତାର ସମାଧାନ ମଧ୍ୟ କରାଯାଇପାରୁଛି। ଏଥିସହିତ କମ୍ପାନୀ ତରଫରୁ ୮ଟି ଜିଲ୍ଲାରେ ଜିଆଇଏସ୍ ସିଷ୍ଟମ ଦ୍ୱାରା ଏହାର ବିଦ୍ୟୁତ ବିତରଣ ନେଟୱର୍କକୁ ମ୍ୟାପିଂ କରାଯାଇଛି। ଯାହା ବିଦ୍ୟୁତ ଭିତିଭୂମିର ଏକ ସ୍ପଷ୍ଟ ଚିତ୍ର ଦର୍ଶାଇଥାଏ। ବାଣିଜ୍ୟିକ ସେବାରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଆସିପାରିଛି। ତୁରନ୍ତ ବିଦ୍ୟୁତ ବିଲର ସଂଶୋଧନ, ଏଆଇ ଦ୍ୱାରା ମିଟର ରିଡିଂ ଏବଂ ଡିଜିଟାଲ ମାଧ୍ୟମରେ ଅଭିଯୋଗ ପଞ୍ଜିକରଣ ଓ ଟ୍ରାକିଂ ଭଳି ବ୍ୟବସ୍ଥା କମ୍ପାନୀ ତରଫରୁ କରାଯାଇଛି ଯାହା ବିଦ୍ୟୁତ ସେବା କ୍ଷେତ୍ରରେ ଅଧିକ ସ୍ୱଚ୍ଛତା ଓ ଦାୟିତ୍ୱବୋଧତା ଆଣିଛି।

# ଅସଭ୍ୟ ଟିପ୍ପଣୀ ଦେବା କଂଗ୍ରେସର ସ୍ୱଭାବ : ବିଜେପି

**ଭୁବନେଶ୍ୱର,୨୯।୯ (ମହାଭାରତ):** ପ୍ରଧାନମନ୍ତ୍ରୀ ଭାବେ ଦେଶର ଯେକୌଣସି ରାଜ୍ୟକୁ ଯେତେବେଳେ ବି ଯାଇପାରିବେ । ଏଥି ପାଇଁ କାହାର ଅନୁମତି ନେବା ଆବଶ୍ୟକ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସଂପର୍କରେ ପ୍ରଶ୍ନ ପଚାରି କଂଗ୍ରେସ ଦଳ ଆଜି ନିର୍ବୋଧତାର ପରିଚୟ ଦେଇଛି । ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାବଦରେ ଗାଳି ଦେବା, କଟାକ୍ଷ କରିବା, ନିଚା ଦେଖାଇବା କଂଗ୍ରେସ ଦଳର ବରିଷ୍ଠ ନେତାମାନଙ୍କ ଅଭ୍ୟାସରେ ପରିଣତ ହୋଇସାରିଛି । ଆଜି ଓଡିଶା ଗସ୍ତରେ ଆସିଥିବା ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିମ୍ନ ସ୍ତରର ବକ୍ତବ୍ୟ ଦେଇ କଂଗ୍ରେସ ନିଜ ଚିରାଚରିତ କୁଅଭ୍ୟାସକୁ ଦୋହରାଇଛି । କଥାରେ ଅଛି, “କୋଇଲାକୁ ଯେତେ ଥର ଧୋଇଲେ ବି ରଙ୍ଗ ବଦଳିବ ନାହିଁ” । ସମାନ ଭାବେ ଯେତେ ପରାମର୍ଶ ଦେଲେ ବି କଂଗ୍ରେସ ଦଳର ଚରିତ୍ର ଓ ସ୍ୱାଭବ ବଦଳିବ ନାହିଁ । କଂଗ୍ରେସ ଭଳି ରାଷ୍ଟ୍ରୀୟ ଦଳର ନେତାମାନେ ଜଣେ ମହିଳା ସାଂସଦଙ୍କ ଚରିତ୍ର ସଂହାର କରି ବକ୍ତବ୍ୟ ଦେବା ସଭ୍ୟ ସମାଜରେ ଆଦୌ ଗ୍ରହଣୀୟ ନୁହେଁ। ଶାଳିନତା ଉଲ୍ଲଂଘନ କରି ଅସଭ୍ୟ ଟିପ୍ପଣୀ ଦେବା କଂଗ୍ରେସର ଚିରାଚରିତ ସ୍ୱଭାବ । କଂଗ୍ରେସ ମୁଖପାତ୍ରଙ୍କ ଆଜିର ବକ୍ତବ୍ୟ ନିଜର ବ୍ୟକ୍ତିଗତ ନା ଦଳୀୟ, ତାହା ସ୍ପଷ୍ଟ କରିବା ଉଚିତ୍ । ଆଜିର ଏଭଳି ହୀନ ବକ୍ତବ୍ୟ ପାଇଁ ଓଡିଶା ତଥା ଭାରତବାସୀ ଆଦୌ କ୍ଷମା ଦେବେ ନାହିଁ। ଏଭଳି ଅସଭ୍ୟ ଓ ଆଶାଳୀନ ଆଚରଣ ଓ ଉଚାରଣରୁ କଂଗ୍ରେସ ଦଳ ନିବୃତ ରହିବା ଉଚିତ ବୋଲି ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଡା.ବିଶ୍ୱାଳ ସୁଚନା ଦେଇ କହିଛନ୍ତି ଯେ, ନିକଟ ଅତୀତରେ କଂଗ୍ରେସ ଦଳର କର୍ମୀମାନେ ପ୍ରଧାନମନ୍ତ୍ରୀଙ୍କ ମା’ଙ୍କ ଉଦ୍ଦେଶ୍ୟରେ ଅଭଦ୍ର ଗାଳିର ବ୍ୟବହାର କରିଥିଲେ । ଯାହାକୁ ଦେଶବାସୀ ତୀବ୍ର ବିରୋଧ କରିବା ସହ ସମାଲୋଚନା କରିଥିଲେ । ତଥାପି କଂଗ୍ରେସ ଦଳର ନେତାମାନେ ସୁଧୁରିଲେ ନାହିଁ।



ଦଶନ୍ଧି ଦଶନ୍ଧି ଧରି ଓଡିଶାର ବିକାଶକୁ ଠପ୍ କରିଦେଇଥିବା କଂଗ୍ରେସ ଦଳର ନେତାମାନେ ବର୍ତମାନ ଓଡିଶାରେ ଥିବା ଡବଲ ଇଂଜିନ ସରକାରର ବିକାଶମୁଳକ କାର୍ଯ୍ୟକୁ ସହ୍ୟ କରିପାରୁନାହିଁ । ବିକାଶକୁ ପ୍ରାଧାନ୍ୟ ଦେଇ ସମସ୍ତ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଉଛି । ପୂର୍ବ ସରକାର ତୁଳନାରେ ଓଡିଶାକୁ ବର୍ତମାନ କେନ୍ଦ୍ର ସରକାର ବିପୁଳ ଅର୍ଥ ପ୍ରଦାନ କରୁଛନ୍ତି । ଶିଳ୍ପ ସହିତ ଅନେକ ଯୁଗାନ୍ତକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ହେଉଛି । ଜିଡିପି ବଢୁଛି, ଅର୍ଥନୀତି ସୁଦୃଢ ହେଉଛି ବୋଲି ଡା.ବିଶ୍ୱାଳ କହିଛନ୍ତି ।

## ବାଲିଯାତ୍ରା ପ୍ରସ୍ତୁତି

**ଭୁବନେଶ୍ୱର,୨୯।୯ (ମହାଭାରତ):** ଭୁବନେଶ୍ୱର ବାଲିଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ସତ୍ୟବିହାରସ୍ଥିତ ଭବାନୀ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିଯାତ୍ରା ମହୋତ୍ସବ ସମିତିର ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର, ପୂର୍ବତନ ସଭାପତି ଅଭୟ ବଡଜେନା, ଅଶୋକ ପାତ୍ର, ଅନ୍ନପୂର୍ଣ୍ଣା ମିଶ୍ର, ପ୍ରତାପ ରାଉତରାୟ, ଅନୁପ କୁମାର ଖୁଣ୍ଟିଆ, ନିର୍ମଳ ରାଉତ, ସନ୍ତୋଷ ନାଥ, ମିହିର କୁମାର ରାଉତ, ରସାନନ୍ଦ ଭୋଇ, ଲକ୍ଷ୍ମୀପ୍ରିୟା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ବାଲିଯାତ୍ରାକୁ କିପରି ସରସ ସୁନ୍ଦର ଓ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଧାରଣ ସମ୍ପାଦକ ଶ୍ରୀ ପାତ୍ର କହିଥିଲେ ସମିତିର ସଭାପତି ତଥା ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ଆଗାମୀ ଦିନରେ ପ୍ରଶାସନିକ ସ୍ତରୀୟ ବୈଠକ କରାଯାଇ ରାସ୍ତାଘାଟ ମରାମତି, ଆଲୋକୀକରଣ, ଟ୍ରାଫିକ, ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରାଯିବ।

# ଗୋପବନ୍ଧୁ ଜୟନ୍ତୀରୁ ବିଜେଡ଼ିର ପଦଯାତ୍ରା

**ଭୁବନେଶ୍ୱର,୨୯।୯ (ମହାଭାରତ):** ଚଳିତ ବର୍ଷ ଅକ୍ଟୋବର ୨ ତାରିଖରେ ଗାନ୍ଧୀ ଜୟନ୍ତୀ ଓ ସାର୍ବଜନୀନ ଦଶହରା ପଡୁଥିବାରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଜୁ ଜନତା ଦଳ ତରଫରୁ ଜନସମ୍ପର୍କ ପଦଯାତ୍ରା ପାଇଁ ସଂକଳ୍ପ ନିଆଯିବ। ଅକ୍ଟୋବର ୯ ତାରିଖ ଗୋପବନ୍ଧୁ ଜୟନ୍ତୀରୁ ପଦଯାତ୍ରା କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଦଳ ତରଫରୁ ଆଜି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ସହିତ ସମ୍ପର୍କ ସ୍ଥାପନ ସହିତ ଗତ ୧୫ ମାସର ବିଜେପି ସରକାରଙ୍କ ବିଫଳତାକୁ ରାଜ୍ୟବାସୀଙ୍କ ପାଖରେ ପହଂଚାଯିବ ବୋଲି ଦଳ ତରଫରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଦଳର ଉପସଭାପତି ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ଦଳର ପଦଯାତ୍ରା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବା ସହିତ ରାଜ୍ୟରେ ବିଜେପି ସରକାରଙ୍କ ବିଫଳତାକୁ ବଖାଣିଥିଲେ। ଶ୍ରୀ ମିଶ୍ର କହିଥିଲେ, ପବିତ୍ର ଗାନ୍ଧୀ ଜୟନ୍ତୀ ଦିନ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ପାଇଁ ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ପଦଯାତ୍ରା କାର୍ଯ୍ୟକ୍ରମ ପାଇଁ ସଙ୍କଳ୍ପ ନିଆଯିବ। ଏହାପରେ ଅକ୍ଟୋବର ୯ ତାରିଖ ଗୋପବନ୍ଧୁ ଜୟନ୍ତୀରୁ ପଦଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହୋଇ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏହି ପଦଯାତ୍ରା କାର୍ଯ୍ୟକ୍ରମ ଜାରି ରହିବ। ଏହି ପଦଯାତ୍ରା ସମୟରେ ବିଜେପି ସରକାରଙ୍କ ବିଫଳତାକୁ ଲୋକଙ୍କ ସାମ୍ନାରେ ଉପସ୍ଥାପନ କରାଯିବ। ଶ୍ରୀମତୀ ପ୍ରମିଳା ମଲ୍ଲିକ କହିଥିଲେ,



ବିଜେପି ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି। କିନ୍ତୁ, କ୍ଷମତାକୁ ଆସିବା ପରେ ବିଜେପି ସରକାରଙ୍କ କାର୍ଯ୍ୟକଳାପ ଦେଖି ରାଜ୍ୟବାସୀ ଅତିଷ୍ଠ ହେଲେଣି। ଗତ ୧୫ ମାସର ବିଜେପି ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି ଓ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ହୋଇ ପଡିଛନ୍ତି। ରାଜ୍ୟବାସୀଙ୍କ ପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନବୀନ ପଟ୍ଟନାୟକଙ୍କ ସମୟରେ ଆରମ୍ଭ କରାଯାଇଥିବା ବିଏସକେୱାଇ ବହୁତ ଉପକାରୀ ହୋଇଥିଲା ବେଳେ ବିଜେପି ସରକାରଙ୍କ ଦ୍ୱାରା ଆୟୁଷ୍ମାନ ଯୋଜନା ଆସିବା ପରେ ଲୋକମାନେ ସ୍ୱାସ୍ଥ୍ୟସେବା ପାଇବା ପାଇଁ ହନ୍ତସନ୍ତ ହେଉଛନ୍ତି ।

# ଟିକସ ସଂସ୍କାର

୮ ବର୍ଷ ପରେ ଏହାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ନୂତନ ବ୍ୟବସ୍ଥାରେ ଜିଏସଟି ସ୍ଲାବକୁ ଦୁଇଟିରେ ସୀମିତ ରଖାଯାଇଛି । ଗୋଟିଏ ୫ ପ୍ରତିଶତ ଏବଂ ଅନ୍ୟଟି ୧୮ ପ୍ରତିଶତ। ୯୯% ସାମଗ୍ରୀକୁ ୫% ସ୍ଲାବରେ ରଖାଯାଇଥିବା ବେଳେ ଅନେକ ସାମଗ୍ରୀକୁ ଜିଏସଟିରୁ ବାଦ ଦିଆଯାଇଛି। ଏହା ସ୍ୱାଗତ ଯୋଗ୍ୟ। ଏହା ଦ୍ୱାରା ଗରିବ ଓ ମଦ୍ୟବିତ୍ତ ବର୍ଗ ଲାଭବନା ହେବେ ବୋଲି କୁହାଯାଉଛି। ଏହା ସତ, କିନ୍ତୁ ଦେଶର ରାଜସ୍ୱ ସଂଗ୍ରହ ହ୍ରାସ ପାଇବ। କଂଗ୍ରେସ ଅଭିଯୋଗ କରିଛି ଯେ, ୮ ବର୍ଷ କାଳ ଲୋକ୍‌କୁ ଟିକସ ମାଧ୍ୟମରେ ଶୋଷଣ କରିବା ପରେ ଏବେ ଟିକସ ହ୍ରାସ କରି ସରକାର ବାହାବା ନେଉଛନ୍ତି। ଏହା ସମ୍ପୂର୍ଣ୍ଣ ଭୁଲ। ୮ ବର୍ଷ ମଧ୍ୟରେ ଜିଏସଟି ପାଇଁ ଦେଶର ଅର୍ଥ ବ୍ୟବସ୍ଥା ସୁଦୃଢ଼ ହୋଇଛି। ଜିଏସଟି ବାବଦ ଅର୍ଥ କେହି ନିଜ ପକେଟକୁ ନେଉନଥିଲେ। ବରଂ ଅନେକ ଜିଏସଟି ହ୍ରାସକୁ ବିରୋଧ କରୁଛନ୍ତି ଏବଂ ଜିଏସଟି ସରଳୀକରଣ କରିବା ଉଚିତ। ୧୦ଟଙ୍କାର ସାମଗ୍ରୀକୁ ୯ ଟଙ୍କାରେ ବିକ୍ରୀ କଲେ ହଲୋକେ ବିଶେଷ ଉପକୃତ ହେବେନି। କିନ୍ତୁ ସରକାରଙ୍କର ବିପୁଳ ରାଜସ୍ୱ ହାନୀ ହେବ। ଗତ ଅଗଷ୍ଟ ୧୫ ତାରିଖରେ ଲାଲକିଲ୍ଲାରୁ ଦେଶବାସୀଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୀପାବଳୀରେ ସେ ଦେଶବାସୀଙ୍କୁ ଜିଏସଟି ହ୍ରାସର ଉପହାର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ସେ ଏହି ପ୍ରତିଶ୍ରୁତି ପୂରଣ କରିଛନ୍ତି। ମନ୍ତ୍ରୀସ୍ତରୀୟ ଗୋଷ୍ଠୀର ସୁପାରିସକୁ ଗ୍ରହଣ କରି ଜିଏସଟି ପରିଷଦ ବୈଠକରେ ଏ ସଂକ୍ରାନ୍ତର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ ଏଣିକି ଜିଏସଟି ୪ଟି ପରିବର୍ତ୍ତେ ୨ଟି ସ୍ଲାବରେ ସୀମିତ ରହିବ। ଜିଏସଟି ପରିଷଦର ନିଷ୍ପତ୍ତି ଅନୁଯାୟୀ ଅନେକ ଅତ୍ୟାବଶ୍ୟକ ସାମଗ୍ରୀ ବିଶେଷ କରି କାଦ୍ୟ ସାମଗ୍ରୀ ଉପରୁ ଜିଏସଟିକୁ ସମ୍ପୂର୍ଣ୍ଣ ଛାଡ଼ ବା ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଏହା ମଧ୍ୟରେ ରହିଛି ରୋଟି, ପରଟା, ୩୩ ପ୍ରକାର ଜୀବନ ରକ୍ଷାକାରୀ ଔଷଧ , ଦୁଗ୍ଧଜାତ ସାମଗ୍ରୀ ଇତ୍ୟାଦି। ଅନେକ କୃଷି ଉପକରଣ ଉପରେ ମଧ୍ୟ ଜିଏସଟି ଛାଡ଼ କରାଯାଇଛି। ତେବେ କେତେକ ବିଳାସ ସାମଗ୍ରୀ, ତମାଖୁ ଏବଂ ବଡ଼ କାର ଉପରେ ୪୦% ଟିକସ ବସାଇବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୨୨ରୁ ଏହା ଲାଗୁ ହେବ। ବିଭିନ୍ନ ମହଲରୁ ଏହାକୁ ସ୍ୱାଗତ କରାଯାଇଛି। ସାଧାରଣ ଲୋକଙ୍କ ଉପରୁ ଜିଏସଟି ବୋଝ ହାଲୁକା କରିବାକୁ ବହୁ ଦିନରୁ ଦାବି ହୋଇ ଆସୁଥିଲା। ଅନେକ ଦିନ ତଳୁ ଏହା କାର୍ଯ୍ୟକାରୀ ହେବାର ଥିଲା। ଏହା ଦ୍ୱାରା ସରକାରଙ୍କର ବାର୍ଷିକ ପ୍ରାୟ ୪୭ ହଜାର କୋଟି ଟଙ୍କାର ରାଜସ୍ୱ ହାନି ହେବ ବୋଲି ଆକଳନ କରାଯାଇଛି। ଏହା ଫଳରେ ରାଜ୍ୟମାନେ ମଦ୍ୟ କ୍ଷତିଗ୍ରସ୍ତ ହେବେ। ସେଥିପାଇଁ ଅନେକ ବିରୋଧୀ ଶାସିତ ରାଜ୍ୟମାନେ ଏହାକୁ ବିରୋଧ କରୁଥିଲେ। କିନ୍ତୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସେମାନଙ୍କୁ ବୁଝାଇବାରେ ସଫଳ ହୋଇଥିଲେ। ଫଳରେ ଜିଏସଟି ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା। ଏବେ ଦେଶରେ ମାସିକ ହାରାହାରି ୧ ଲକ୍ଷ ୮୪ ହଜାର କୋଟି ଟଙ୍କାର ଗ୍ରସ ଜିଏସଟି ସଂଗ୍ରହ ହେଉଛି। ସଂଶୋଧିତ ଜିଏସଟି ବ୍ୟବସ୍ଥା ଦ୍ୱାରା ଏହା ୧ ଲକ୍ଷ ୪୦ ହଜାର କୋଟି ଟଙ୍କାରେ ସୀମିତ ରହିବ ବୋଲି ଆକଳନ କରାଯାଉଛି। କିନ୍ତୁ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ସରକାର ଜିଏସଟି ହାର କମାଇବାକୁ ନିଷ୍ପତ୍ତି ନିଆଯାଇଥିବା ନିର୍ମଳା କହିଛନ୍ତି। ଟ୍ରମ୍ପଙ୍କ ଟାରିଫ ମାଡ଼ରୁ ଦେଶର ଅର୍ଥନୀତିକୁ ସୁରକ୍ଷିତ ରଖିବା ନିମନ୍ତେ ଏପରି ନିଷ୍ପତ୍ତି ନିଆଯାଇଥିବା ଅର୍ଥମନ୍ତ୍ରୀ କହିଛନ୍ତି।

# ସଫଳ ଯୁବଶିଳ୍ପୋଦ୍ୟୋଗୀ


॥ ଦିଲ୍ଲୀପ କୁମାର ମହାରଣା ॥


ସମଗ୍ର ବିଶ୍ୱ ସମାଜ ପର୍ଯ୍ୟାବରଣ ଓ ବିଶ୍ୱତାପନକୁ ନେଇ ଦୋଛକିରେ ଥିବାବେଳେ ଋତୁ ପରିବର୍ତ୍ତନ ସମୟର ଆବହମାନ ଧାରାକୁ ପ୍ରଭାବିତ କରୁଛି। ଯାହା ଆଧୁନିକ ବିଶ୍ୱରେ ମନୁଷ୍ୟର ଜୀବନଶୈଳୀ ଉପରେ ବିଭିନ୍ନ ସାମାଜିକ ଓ ପାରିପାର୍ଶ୍ୱିକ କ୍ଷେତ୍ର ଉପରେ ପ୍ରଭାବ ରଖୁଛି। ଏ ପରିପ୍ରେକ୍ଷୀରେ ସେ ଗ୍ରହଣ କରୁଥିବା ଖାଦ୍ୟ, ରହୁଥିବା ବାସସ୍ଥାନ ଏବଂ ନିର୍ଭରଶୀଳ ବିଭିନ୍ନ ସ୍ଥାନର ମଧ ପ୍ରଭାବ ବେଶ୍ ଗୁରୁତ୍ୱପୂର୍ଣ୍ଣ । ସାଂପ୍ରତିକ ପରିସ୍ଥିତିରେ ବିଭିନ୍ନ କାରଣରୁ ଆମେ ବସବାସ କରୁଥିବା ପରିବେଶ ଏବଂ ଏହାର ଚତୁଃପାର୍ଶ୍ୱ ବିଭିନ୍ନ କୀଟ, ପତଙ୍ଗ ଓ ଅନ୍ୟାନ୍ୟ ପ୍ରାଣୀମାନଙ୍କ ଦ୍ୱାରା ପ୍ରଭାବିତ ଏବଂ ସଂକ୍ରମିତ ମଧ ହୋଇଥାଏ । କୀଟପତଙ୍ଗ ମଧ୍ୟରୁ ମଶା ଏବଂ ଆମେ ରହୁଥିବା ଘରର ବାସସ୍ଥାନ ଭିତରେ ଉଇ ହେଉଛି ଦୁଇଟି ପ୍ରଧାନ କୀଟ- ଯେଉଁମାନେକି ମନୁଷ୍ୟସମାଜ ପାଇଁ ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ବିପଦ ଭାବରେ ଉଭା ହୋଇଛନ୍ତି । ମ୍ୟାଲେରିଆ ଓ ଡେଙ୍ଗୁ ଭଳି ମାରାତ୍ମକ ରୋଗ ଦ୍ୱାରା ମନୁଷ୍ୟମାନେ ସବୁଠାରୁ ବେଶି ପ୍ରଭାବିତ ହେଉଥିଲାବେଳେ ଆମ ବାସସ୍ଥାନରେ ବ୍ୟବହୃତ କାଠ, ବସ୍ତ୍ର, ପୁସ୍ତକାଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ ଉଇମାନଙ୍କ ଦ୍ୱାରା ନଷ୍ଟ ହୋଇଥାଏ । ଏହାଛଡ଼ା ମାଛି, ମୂଷା, ଅସରପା, ଛାରପୋକ, ପିମ୍ପୁଡ଼ି, ବିରୁଡ଼ି, ଝିଟିପିଟି, ବୁଢ଼ିଆଣି ଓ ସାପ ଆଦି କୀଟପତଙ୍ଗ ଓ ଅନ୍ୟାନ୍ୟ ଜୀବ ଆମପାଇଁ ଏବଂ ଆମ ବାସସ୍ଥାନ ପାଇଁ ବିପଦ ଓ ଆତଙ୍କର କାରଣ ସାଜିଛନ୍ତି । ମନୁଷ୍ୟପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥିବା ଏହିସବୁ କ୍ଷୁଦ୍ରାତିକ୍ଷୁଦ୍ର ଏବଂ କେତେକାଂଶରେ ବିଷାକ୍ତ ଜୀବଙ୍କ ପ୍ରଭାବ ଓ ପ୍ରକୋପରୁ ଆମକୁ ରକ୍ଷା ପାଇବା ପାଇଁ କୀଟପୋକ ନିୟନ୍ତ୍ରଣ ବ୍ୟବସ୍ଥା ଏବେ ଏକ ସଫଳ ଉପାଦାନ ଭାବେ ଉଭା ହୋଇଛି । ସାଧାରଣ ଲୋକଟିଏ ଏବଂ ସେ ବସବାସ କରୁଥିବା ତା'ର ଆଧୁନିକ ବାସସ୍ଥାନକୁ ନିରୁପଦ୍ରବ ଭାବେ ନିରାପଦ ରଖିବା ପାଇଁ ଆମ ରାଜ୍ୟରେ ବିଭିନ୍ନ କୀଟପୋକ ନିୟନ୍ତ୍ରଣ ସଂସ୍ଥା କାର୍ଯ୍ୟ କରୁଛି । କଟକର ମହାନଦୀ ବିହାରଠାରେ ଥିବା ଅମରନାଥ ପେଷ୍ଟ ମ୍ୟାନେଜମେଣ୍ଟ ଟେକ୍ନୋଲୋଜି ନାମକ ଏକ ଘରୋଇ ସଂସ୍ଥା ଦୀର୍ଘ ୧୨ ବର୍ଷ ଧରି ଏ କ୍ଷେତ୍ରରେ ସର୍ବୋତ୍ତମ ସେବା, ପରିଚାଳନା ଏବଂ ଉତ୍କର୍ଷତା ପ୍ରଦାନ କରି ଭାରତ ସରକାରଙ୍କ ଦ୍ୱାରା ଜାତୀୟସ୍ତରରେ ପୁରସ୍କାର ଲାଭ କରିଛି । ରାଷ୍ଟ୍ରୀୟସ୍ତରରେ କେନ୍ଦ୍ର ସରକାରଙ୍କ ଏମ୍.ଏସ୍.ଏମ୍.ଇ. ବିଭାଗ ପକ୍ଷରୁ ଏହି ସଂସ୍ଥାର ମୁଖ୍ୟ ସଂସ୍ଥାପକ ତଥା ପରିଚାଳନା ନିର୍ଦ୍ଦେଶକ ଶିବବ୍ରତ ରାଉତଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ଜୁଲାଇ ମାସରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଉତ୍ସବରେ ପୁରସ୍କୃତ କରିବା ଏକ ଉଲ୍ଲେଖନୀୟ ଘଟଣା । ଶ୍ରୀ ରାଉତ ଦୀର୍ଘ ୧୨ବର୍ଷ ଧରି କୀଟପୋକ ନିୟନ୍ତ୍ରଣ କ୍ଷେତ୍ରରେ ଉତ୍ତମ ସେବା ଓ ଉତ୍କର୍ଷତା ପ୍ରଦାନ କରିଥିବାରୁ ଜାତୀୟ ଚୟନ କମିଟି ତାଙ୍କୁ ଏହି ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରିଥିଲେ । ସେବା ଉଦ୍ୟମିତା କ୍ଷେତ୍ରରେ ତାଙ୍କୁ ଜାତୀୟସ୍ତରରେ ତୃତୀୟ ପୁରସ୍କାର ମିଳିଥିଲା ବେଳେ ପେଷ୍ଟ କଣ୍ଟ୍ରୋଲ କ୍ଷେତ୍ରରେ କମ୍ପାନୀମାନଙ୍କ ପାଇଁ ଏହା ପ୍ରେରଣା ଆଣିଦେବ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି । କଟକ ମହାନଦୀ ବିହାରଠାରେ ୧୨ବର୍ଷ ତଳେ ମାତ୍ର ୨ଜଣ କର୍ମଚାରୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ସଂସ୍ଥା ଏବେ ୬୦ଜଣ କର୍ମଚାରୀଙ୍କୁ କର୍ମନିଯୁକ୍ତି ଯୋଗାଇ ଦେଇଥିଲା ବେଳେ ରାଜ୍ୟରେ ଏହାର ୩ ହଜାରରୁ ଅଧିକ ଗ୍ରାହକ ରହିଛନ୍ତି । ଭବିଷ୍ୟତରେ ଏହି କମ୍ପାନୀ ସାରା ଓଡ଼ିଶାରେ ପେଷ୍ଟ କଣ୍ଟ୍ରୋଲ କ୍ଷେତ୍ରରେ ବିଶେଷ ଅଭିବୃଦ୍ଧି ହାସଲ କରିବା ସହିତ ଉନ୍ନତ ସେବା ଓ ସହାୟତା ଯୋଗାଇଦେବ ।

ଶ୍ରୀ ରାଉତ କୁହନ୍ତି ଯେ, ବର୍ତ୍ତମାନ ସମୟରେ ମନୁଷ୍ୟମାନଙ୍କ ସ୍ୱାସ୍ଥ୍ୟରକ୍ଷା ଓ ପରିବେଶ ସୁରକ୍ଷା ଏକ ବଡ଼ ଆହ୍ୱାନ । ଆମ ଚତୁଃପାର୍ଶ୍ୱରେ ବିଚରଣ କରୁଥିବା ଏହିସବୁ କୀଟପତଙ୍ଗ ଓ ଅନ୍ୟାନ୍ୟ ପ୍ରାଣୀଗୁଡ଼ିକ ବିଭିନ୍ନ ବାଟରେ ଆମର ଜୀବନ ଓ ଆମ ଘରର ମୂଲ୍ୟବାନ ସଂପତ୍ତିକୁ କ୍ଷତି କରିଥାନ୍ତି । ଆମ ରୋଷେଇ ଘରେ ଲୁଚି ରହିଥିବା ଅସରପା ଭଳି କ୍ଷୁଦ୍ର କୀଟଟି ଯେ, ଅଲକ୍ଷ୍ୟରେ ଆମ ପାକସ୍ଥଳୀ ସଂକ୍ରମଣଜନିତ ରୋଗର ବାହକ ବୋଲି ଆମେ ଜାଣି ନଥାଉ । ମଶା ପରେ ଉଇ ଭଳି କୀଟ ଆମ ଘରର ମୂଲ୍ୟବାନ କାଠସାମଗ୍ରୀ, ବହିପତ୍ର, ଲୁଗାପଟା, ଟଙ୍କା ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀଗୁଡ଼ିକୁ ନଷ୍ଟ କରୁଥିବା ବେଳେ ମୂଷାମାନେ ମଧ ଅନେକ କ୍ଷତି ସାଧନ କରିଥାନ୍ତି । ଏହି ସମସ୍ତ କ୍ଷତିକାରକ କୀଟ, ପ୍ରାଣୀମାନଙ୍କ ଦାଉରୁ ଉପଯୁକ୍ତ ଭାବେ ରାସାୟନିକ ଦ୍ରବ୍ୟ ପ୍ରୟୋଗ ଦ୍ୱାରା ନିୟନ୍ତ୍ରଣ କରିବା କାର୍ଯ୍ୟ ଆମ ଅନୁଷ୍ଠାନର ମୂଳଲକ୍ଷ୍ୟ । ଏହା ସହିତ ବିଭିନ୍ନ ଔଦ୍ୟୋଗିକ ପ୍ରତିଷ୍ଠାନର ଅଫିସ, ଗୋଦାମଘର, ଖାଦ୍ୟଶସ୍ୟ ମହଜୁଦ ରହୁଥିବା ବଡ଼ବଡ଼ ପ୍ରତିଷ୍ଠାନ ଗୁଡ଼ିକୁ ଉନ୍ନତମାନର ପ୍ରତିଷେଧକ ବ୍ୟବସ୍ଥା ପ୍ରଣୟନ କରି ଆମେ ରାଜ୍ୟରେ ବିଶେଷ ସେବା ଯୋଗାଇ ଦେଉଛୁ।

ହାଇଦ୍ରାବାଦର ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଣ୍ଟ ହେଲଥ ମ୍ୟାନେଜମେଣ୍ଟ ସଂସ୍ଥାରୁ ଅର୍ବାନ ପେଷ୍ଟ ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ଗ୍ରହଣ କରିଥିବାରୁ ରାଜ୍ୟ ସରକାରଙ୍କ କୃଷି ବିଭାଗ ଅମରନାଥ ପେଷ୍ଟ କଣ୍ଟ୍ରୋଲ ମ୍ୟାନେଜମେଣ୍ଟକୁ ଏ କ୍ଷେତ୍ରରେ କାର୍ଯ୍ୟ କରିବାର ଲାଇସେନ୍ସ ପ୍ରଦାନ କରିଛନ୍ତି । ଓଡ଼ିଶାରେ ଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଯଥା ଆଇଓସିଏଲ, ଏନ୍.ଟି.ପି.ସି., ଓଡ଼ିଶା ରାଜ୍ୟ ଭେଷଜ ନିଗମ, ଜିଲ୍ଲା ହସ୍‌ପିଟାଲ ସମେତ ରାମ୍‌କୋ, ଡାଲମିଆ, ଅଲଟ୍ରାଟେକ୍, ଶ୍ରୀ ସିମେଣ୍ଟ ଉଦ୍ୟୋଗ, ନବଭାରତ ଭେଂଚର ଲିମିଟେଡ଼, ଆର୍‌ଏସବି, ଇଷ୍ଟର୍ଣ୍ଣ ଫୁଡ୍ସ, ପଶୁପତି ଫୁଡ୍ସ ଭଳି ଅନେକ ଉଦ୍ୟୋଗ ପାଇଁ ସେ ଏବେ କାର୍ଯ୍ୟ କରୁଛନ୍ତି । ରୋଗ ପୋକ ତଥା କୀଟପୋକ ଦମନ ପାଇଁ ସେ ପରିବେଶ ଅନୁକୂଳ ରାସାୟନିକ ଦ୍ରବ୍ୟ ବ୍ୟବହାର କରିଥାନ୍ତି ଯାହାକି ଲୋକମାନଙ୍କର ଏବଂ ବାସଗୃହର କ୍ଷତିସାଧନ କରିନଥାଏ । ଲୋକମାନଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ଆମର ଲକ୍ଷ୍ୟ ହେଲା - ସୁସ୍ଥ ଓଡ଼ିଶା, ସ୍ୱଚ୍ଛ ଓଡ଼ିଶା ଓ କୀଟାଣୁମୁକ୍ତ ଓଡ଼ିଶା ବୋଲି ଯୁବଉଦ୍ୟୋଗୀ ଶିବବ୍ରତ କହିଛନ୍ତି ।

ଶିବବ୍ରତ କୁହନ୍ତି, ଯେତେବେଳେ ତାଙ୍କ ଅନୁଷ୍ଠାନକୁ ରାଷ୍ଟ୍ରୀୟ ସ୍ତରରେ ଚୟନ କରାଯାଇ ପୁରସ୍କାର ଦେବା କଥା ଘୋଷଣା କରାଗଲା- ଏହାକୁ ସେ ଜମା ବିଶ୍ୱାସ କରିପାରି ନଥିଲେ । ଏହା ତାଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା । ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଦେଶର ପ୍ରଧାନମନ୍ତ୍ରୀଙ୍କ ହାତରୁ ପୁରସ୍କାର ଗ୍ରହଣ କରିବା ପରେ ସେ କୁହନ୍ତି ଯେ, ଏହା ଥିଲା ଜୀବନର ଏକ ଦୁର୍ଲଭ ଏବଂ ଶୁଭ ମୁହୂର୍ତ୍ତ । ପୁରସ୍କାର ପ୍ରାପ୍ତି ପରେ ତାଙ୍କ ଦାୟିତ୍ୱ ବଢ଼ି ଯାଇଛି ଏବଂ ଏହି ସ୍ୱୀକୃତି ତାଙ୍କୁ ନୂଆ କିଛି କରିବାକୁ ପ୍ରେରଣା ଦେଇଛି।

ପିଲାଟି ଦିନରୁ ଶିବବ୍ରତ ଆଧ୍ୟାତ୍ମିକତା କ୍ଷେତ୍ରରେ ବିଶେଷ ଅନୁରାଗୀ । ସେ ଗାୟତ୍ରୀ ପରିବାରର ସଦସ୍ୟ ଭାବରେ ମଧ କିଛି ବର୍ଷ କାର୍ଯ୍ୟ କରିଥିଲେ । ସେ କୁହନ୍ତି, ମନ ଓ ଶରୀରର ପଂଚତତ୍ତ୍ୱକୁ ଶୁଦ୍ଧ କରିବାପାଇଁ ସେ ନିଜ ବାପାମାଆ, ପ୍ରଭୁ ଧବଳେଶ୍ୱର, ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶିରିଡ଼ିର ମହାନ ସନ୍ଥ ଶ୍ରୀ ସାଇବାବା ଓ ସଦ୍‌ଗୁରୁ ଗାୟତ୍ରୀଙ୍କୁ ଜୀବନର ଉତ୍ତରଣ ମାର୍ଗ ପାଇଁ ବରଣ କରିଛନ୍ତି । ସମସ୍ତଙ୍କ ଜୀବନର ମୂଳ ଲକ୍ଷ୍ୟ ଆଧ୍ୟାତ୍ମିକତା ଆଡ଼କୁ ରହିବା ଉଚିତ । ଆମର ଚରମ ଲକ୍ଷ୍ୟ ତତ୍ତ୍ୱଦର୍ଶୀ ଏବଂ ଆତ୍ମଜ୍ଞାନୀ ହେବ ବୋଲି ସେ କୁହନ୍ତି । ୪୬ ବର୍ଷ ବୟସ୍କ ଏହି ଯୁବ ଉଦ୍ୟୋଗୀଙ୍କ ଜନ୍ମସ୍ଥାନ କଟକ ଜିଲ୍ଲା ମାହାଙ୍ଗାର କାଳଅଣ୍ଟି ଗାଁରେ । ତାଙ୍କ ପିତା ଜଗନ୍ନାଥ ରାଉତ ଡାକ ବିଭାଗର ଜଣେ ଅବସରପ୍ରାପ୍ତ ଅଧିକାରୀ ହୋଇଥିଲା ବେଳେ ମାଆ ଲବଙ୍ଗଲତା ରାଉତ ଜଣେ ସୁଲେଖିକା । ବାପା, ମାଆ ଓ ପତ୍ନୀ ସଲିଳା ରାଉତ ତାଙ୍କ ସାମାଜିକ ଓ ଆଧ୍ୟାତ୍ମିକ ଜୀବନରେ ସବୁବେଳେ ଜଣେ ପ୍ରେରଣାଦାୟୀ ମଣିଷ ଭାବେ ତାଙ୍କୁ ମାର୍ଗଦର୍ଶନ କରିଛନ୍ତି ବୋଲି ସେ କୁହନ୍ତି ।


ପ୍ରତିଷ୍ଠାତା, ହ୍ୱାଇଟ୍ ଜୁମେଣ୍ଟ, ଭୁବନେଶ୍ୱର,
ଦୂରଭାଷ : ୯୪୩୮୮୩୧୨୯୪



ଶ୍ରୀ ରାଉତ କୁହନ୍ତି ଯେ, ବର୍ତ୍ତମାନ ସମୟରେ ମନୁଷ୍ୟମାନଙ୍କ ସ୍ୱାସ୍ଥ୍ୟରକ୍ଷା ଓ ପରିବେଶ ସୁରକ୍ଷା ଏକ ବଡ଼ ଆହ୍ୱାନ । ଆମ ଚତୁଃପାର୍ଶ୍ୱରେ ବିଚରଣ କରୁଥିବା ଏହିସବୁ କୀଟପତଙ୍ଗ ଓ ଅନ୍ୟାନ୍ୟ ପ୍ରାଣୀଗୁଡ଼ିକ ବିଭିନ୍ନ ବାଟରେ ଆମର ଜୀବନ ଓ ଆମ ଘରର ମୂଲ୍ୟବାନ ସଂପତ୍ତିକୁ କ୍ଷତି କରିଥାନ୍ତି । ଆମ ରୋଷେଇ ଘରେ ଲୁଚି ରହିଥିବା ଅସରପା ଭଳି କ୍ଷୁଦ୍ର କୀଟଟି ଯେ, ଅଲକ୍ଷ୍ୟରେ ଆମ ପାକସ୍ଥଳୀ ସଂକ୍ରମଣଜନିତ ରୋଗର ବାହକ ବୋଲି ଆମେ ଜାଣି ନଥାଉ ।


# ଦୀର୍ଘଦିନର ବିଚାରାଧୀନ ବନ୍ଦୀଙ୍କୁ ମୁକ୍ତି ଦିଅ


॥ ସୌର ଚନ୍ଦ୍ର ମହାପାତ୍ର ॥


ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଦେଶର ଜେଲ ଗୁଡ଼ିକରେ ଥିବା ବିଚାରାଧୀନ ବନ୍ଦୀ ମାନଙ୍କୁ ଏବଂ ଯେଉଁମାନେ ଛୋଟ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଖଟୁଛନ୍ତି ସେମାନଙ୍କୁ ମୁକ୍ତି ଦେବା ସକାଶେ ଏକ ଯୋଜନା କରିବାକୁ ସୁପ୍ରିମକୋର୍ଟ ସରକାରଙ୍କୁ ଦେଇଥିବା ପରାମର୍ଶ ସ୍ୱାଗତଯୋଗ୍ୟ। ସଞ୍ଜୟ କିଷାନ କାଉଲ ଓ ଏମଏମ୍ ସନ୍ଦ୍ରେଶଙ୍କୁ ନେଇ ଗଠିତ ବେଞ୍ଚ ପ୍ରସ୍ତାବ ଦେଇଛନ୍ତି ଯେ ଯେଉଁ କଏଦୀମାନେ ଜେଲରେ ଦଶ ବର୍ଷ ରହିଲେଣି ସେମାନଙ୍କୁ ଜାମିନରେ ଖଲାସ କରାଯାଉ ଏବଂ ଅନ୍ୟ ଯେଉଁମାନେ ୧୪ ବର୍ଷ ଜେଲରେ କଟାଇଲେଣି ସେମାନଙ୍କୁ ମାଫି ଦିଆଯିବା ବିଷୟ ବିଚାର କରାଯାଉ। ସର୍ବୋଚ୍ଚ ନ୍ୟାୟାଳୟରେ ଏଡି ବେଞ୍ଚ ମଧ କହିଛନ୍ତି ଯେ ଯେଉଁ କଏଦୀମାନେ ଗରିବ ଓ ତଳସ୍ତରର ଅର୍ଥନୈତିକ ସ୍ଥିତିର ସେମାନଙ୍କ ମୁକ୍ତି ପାଇଁ ସ୍ୱତନ୍ତ୍ର ଭାବେ ବିଚାର କରାଯିବା ଉଚିତ। ଏହି ପରିପ୍ରେକ୍ଷୀରେ ଏକ ପ୍ରକାର ମାଫି ନୀତି ପ୍ରଣୟନ କରାଯିବାକୁ କୋର୍ଟ ପ୍ରଣୟନ କରାଯିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ବିଚାରାଳୟ ଯଦି ଜେଲରେ ଥିବା କଏଦୀମାନଙ୍କର ମାମଲାରେ ୧୦ ବର୍ଷ ମଧ୍ୟରେ ନିଷ୍ପତ୍ତି ନେଇନାହିଁ ତେବେ ସେମାନଙ୍କୁ ଜାମିନରେ ଖଲାସ କରିଦିଆଯିବା ଉଚିତ ବୋଲି କୋର୍ଟଙ୍କ ମତ କିଛି ନୂଆ ନୁହେଁ। କିନ୍ତୁ ଏସବୁ ପ୍ରସଙ୍ଗରେ ଏକ ନୀତି ପ୍ରଣୟନ ଲାଗି ଗୁରୁତର ଭାବେ କୌଣସି ପଦକ୍ଷେପ ନିଆଯାଇନାହିଁ।

ଇତିମଧ୍ୟରେ ଭାରତ ତା'ର ସ୍ୱାଧୀନତା ପ୍ରାପ୍ତିର ୭୫ତମ ଦିବସ ପାଳନ କରିବ। ଯେଉଁ ବ୍ୟକ୍ତିମାନେ ନିଜର ସ୍ୱାଧୀନତାକୁ ହରାଇ ଜେଲ ଖଟୁଛନ୍ତି ସେମାନଙ୍କୁ ଏହି ଅବସରରେ ମୁକ୍ତି ଦିଆଯିବା ଏକ ଉପଯୁକ୍ତ ପଦକ୍ଷେପ ହେବ। ସମସ୍ତେ ଜାଣନ୍ତି ଯେ ଦେଶର ଜେଲ ଗୁଡ଼ିକରେ ସଂଖ୍ୟାଧିକ କଏଦୀ ବିଚାରାଧୀନ ବନ୍ଦୀ। କାରଣ ସେମାନଙ୍କୁ କୋର୍ଟ ଗୁଡ଼ିକ ଜାମିନ ଦେଉନାହାନ୍ତି ବା ସରକାର ସେମାନଙ୍କ ସମ୍ପର୍କରେ କୌଣସି ସହୃଦୟତା ଦେଖାଉନାହିଁ। ଯଦିଓ ଏହା ଜଣାଶୁଣା ଯେ ଜାମିନ ପାଇବା ଜଣଙ୍କର ହକ ତଥାପି ଏହି ସମସ୍ୟା ପ୍ରତି କୌଣସି ଧ୍ୟାନ ଦିଆଯାଇନାହିଁ। ଏଣୁ ଏହା ଏକ ମାନବିକ ସମସ୍ୟା ହୋଇଛି। ଅନେକ ବିଚାରାଧୀନ ବନ୍ଦୀ ନିଜ ଜୀବନକୁ ବହୁ ସମୟ ଜେଲରେ କଟାନ୍ତି। ଏପରିକି ସେମାନଙ୍କ ଅପରାଧ ପାଇଁ ସେମାନେ ଯେତିକି ଦଣ୍ଡ ଭୋଗିବା କଥା ତାଠାରୁ ଅଧିକ କଷ୍ଟର ଶିକାର ସେମାନେ ହୁଅନ୍ତି। ନ୍ୟାୟପାଳିକା ଏହି ପ୍ରସଙ୍ଗରେ ଅନେକ ସମୟରେ ଉଦବେଗ ପ୍ରକାଶ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟରୁ ଏଥିନେଇ ଚିନ୍ତାପ୍ରକଟିତ ହୋଇଛି। ତା ସତ୍ତ୍ୱେ ତଳ କୋର୍ଟଗୁଡ଼ିକ ଜାମିନକୁ ଗୁରୁତ୍ୱ ଦେଉନାହାନ୍ତି। କୋର୍ଟ ମଧ ମତ ଦେଇଛନ୍ତି ଯେ ଜଣେ କଏଦୀ ଶେଷରେ ଦୋଷମୁକ୍ତ ହୁଏ ତେବେ ସେ ଜେଲରେ କଟାଇଥିବା ଜୀବନର ବହୁମୂଲ୍ୟ ସମୟକୁ ଆଉ ଫେରିପାଇପାରିବ ନାହିଁ। ଅନେକ କଏଦୀ ଓକିଲଙ୍କୁ ଫି ଦେଇପାରୁନାହାନ୍ତି। ଏଣୁ ସେମାନଙ୍କ ଜାମିନ ପାଇଁ ବାସ ସେମାନଙ୍କୁ କେସରୁ ଖଲାସ କରିବା ଲାଗି କେହି ଲଢୁନାହାନ୍ତି। ଅନେକ କଏଦୀ ଆଇନର ଜଟିଳତା ପଦ୍ଧତି ସବୁ ଜାଣିନାହାନ୍ତି। ଜେଲରେ ଅନେକ ବନ୍ଦୀ ଅଛନ୍ତି, ଯେଉଁମାନେ ହୁଏତ ଖୁବ ହାଲକା ଅପରାଧ କରିଛନ୍ତି। ବାସ୍ତବରେ କୌଣସି ଅପରାଧ କରିନାହାନ୍ତି ତଥାପି ସେମାନେ ଜେଲରୁ ମୁକୁଳି ପାରୁନାହାନ୍ତି। ଜେଲରେ ଲୋକେ ଅଧିକ ଦିନ ରହିଲେ ସେମାନେ ମାନସିକତାରେ ବଡ଼ ଅପରାଧୀ ହେବାର ଆଶଙ୍କା ରହିଛି। ଏହି ସମସ୍ୟାଟିକୁ କେହି ଉପଲବ୍ଧି କରୁନାହାନ୍ତି। ଯଦି ନ୍ୟାୟ ବ୍ୟବସ୍ଥା ଠିକ ସମୟରେ କେସ ଗୁଡ଼ିକ ଉପରେ ନିଷ୍ପତ୍ତି ନେଇପାରୁନାହିଁ ତେବେ ତାହା କଏଦୀମାନଙ୍କର ଭୁଲ ନୁହେଁ। ବ୍ୟବସ୍ଥାର ତ୍ରୁଟି ବା ବିଫଳତା ପାଇଁ କଏଦୀମାନଙ୍କୁ ନିଜ ଜୀବନର ସମୟ ଦେଇ ମୂଲ୍ୟ ପ୍ରଦାନ କରିବାକୁ ପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ହେବା ଅନୁଚିତ। ତୁରନ୍ତ ନ୍ୟାୟ ପ୍ରତି ନାଗରିକର ଏକ ଅଧିକାର। ସର୍ବୋଚ୍ଚ ନ୍ୟାୟାଳୟ ମଧ କହିଛନ୍ତି ଯେ ନ୍ୟାୟର ସଂସ୍କାରବାଦୀ ନୀତିକୁ ଅବଲମ୍ବନ କରାଯିବା ଆବଶ୍ୟକ। ତଦ୍ୱାରା କଏଦୀମାନଙ୍କୁ ସମାଜ ସହ ମିଶାଇଯାଇପାରିବ। ଯେହେତୁ ଭାରତୀୟ କୋର୍ଟ ଗୁଡ଼ିକରେ ବହୁ ସଂଖ୍ୟକ କେସ ବର୍ଷ ବର୍ଷ ଧରି ପଡ଼ି ରହୁଛି ଓ ଜେଲ ଗୁଡ଼ିକରେ କ୍ଷମତା ଅପେକ୍ଷା ଅଧିକ ସଂଖ୍ୟକ କଏଦୀ ରହୁଛନ୍ତି ଯେଉଁମାନଙ୍କ ମଧ୍ୟରୁ ବେଶୀ ହେଲେ ବିଚାରାଧୀନ ବନ୍ଦୀ ସେହି ଯୁକ୍ତିରେ କୋର୍ଟଙ୍କ ପରାମର୍ଶ ଗୁରୁତ୍ୱପୂର୍ଣ୍ଣ। ଅତୀତରେ ସୁପ୍ରିମକୋର୍ଟ ବିଚାରାଧୀନ ବନ୍ଦୀମାନଙ୍କୁ ଜାମିନରେ ଛଡ଼ାଯିବାକୁ ବାରମ୍ବାର କହିଛନ୍ତି। ଏଥିପାଇଁ କୋର୍ଟ ଜାମିନ ସର୍ତ୍ତାବଳୀ ମଧ ସ୍ପଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ବିଚାରାଧୀନ ବନ୍ଦୀମାନଙ୍କୁ ମୁକ୍ତି ଦିଆଯିବା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାପାଇଁ କହିଥିଲେ। ଅନେକ ଦେଶ ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମ ବେଳେ କଏଦୀମାନଙ୍କୁ ଖଲାସ କରନ୍ତି। ଭାରତ ମଧ ଅନୁରୂପ ସହୃଦୟତା ଦେଖାଇଛି। କିନ୍ତୁ ଭାରତରେ ଖୁବ ସଂଖ୍ୟକ କଏଦୀଙ୍କୁ ଛଡ଼ାଯାଏ। ଏବେ ସରକାର ସୁପ୍ରିମକୋର୍ଟଙ୍କ ପରାମର୍ଶକୁ ସମ୍ମାନ ଦେଇ ବିଚାରାଧୀନ ବନ୍ଦୀମାନଙ୍କୁ ତଥା ଗୌଣ ଅପରାଧରେ ଜେଲ ଖଟୁଥିବା କଏଦୀମାନଙ୍କୁ ସ୍ୱାଧୀନତାର ୭୫ତମ ଦିବସ ଉପଲକ୍ଷେ ମୁକ୍ତି ଦେବା ଉଚିତ। ସ୍ୱାଧୀନତା ସତ୍ତାରେ ଏହା ଏକ ମାନବିକତାବାଦୀ ନିଷ୍ପତ୍ତି ହେବ। ସେଥିସହ ସରକାର ଜେଲ ଗୁଡ଼ିକରୁ ଭିଡ଼ କମାଇବା ପାଇଁ ବିସ୍ତୃତ ନୀତି ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରନ୍ତୁ ଅନ୍ତତଃ ଦେଶର ସବୁ ଜେଲ ଗୁଡ଼ିକରୁ ବିଚାରାଧୀନ ବନ୍ଦୀମାନଙ୍କୁ ଯଥାଶୀଘ୍ର ଖଲାସ କରିଦିଆଯାଉ।


ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୦୦୪୪୬୬'


# ଗଣତନ୍ତ୍ରରେ ଇଷ୍ଟତନ୍ତ୍ର


॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମତବ୍ୟକ୍ତ କଲେ - (୧୧.୧୨.୧୯୪୮) ଶୁଣିଛି ଡେମୋକ୍ରେସିର ଅର୍ଥ ହେଉଛି ଗଣତନ୍ତ୍ର ଅର୍ଥାତ୍ ଜନଗଣର ଶାସନତନ୍ତ୍ର। କିନ୍ତୁ ମୋର ଗୋଟିଏ କଥା ସ୍ୱତଃ ମନରେ ଆସେ ଯେ ନିଜେ ଶାସିତ ନୁହେଁ ସେ କି କେବେ ଦେଶ, ସମାଜ ବା ରାଷ୍ଟ୍ରକୁ ଶାସନ କରିବାର ଅଧିକାର ବା ଯୋଗ୍ୟତା ଲାଭ କରିପାରେ ? ଶାସନତନ୍ତ୍ର ପ୍ରଣୟନ ବା ପରିଚାଳନାର ଦାୟିତ୍ୱଶୀଳ ପ୍ରତିନିଧି ଯେଉଁମାନେ ହେବେ ସେମାନଙ୍କର ଅନ୍ତତଃ ଉଚିତ କୌଣସି ଜଣେ ସୁନିୟନ୍ତ୍ରିତ ସଦ୍‌ଗୁରୁ ବା ଆଚାର୍ଯ୍ୟଙ୍କ ଶାସନାଧୀନ ରହି ନିଜକୁ ସୁସମାହିତ କରି ଉଠାଇବା। ଆତ୍ମ ଶାସନର ମୂଳ ଜିନିଷ ହେଉଛି ଏହି ବାଞ୍ଛିତ ଶ୍ରେୟଙ୍କ ପ୍ରତି ଅକାଟ୍ୟ ଅନୁରାଗ ଯାହାଫଳରେ ଶ୍ରୀ ଗୁରୁଙ୍କର ମନୋମତ ହୋଇ ଉଠି ତାଙ୍କୁ ତୃପ୍ତିଦାନ ନ କରିପାରିଲେ ନିଜକୁ ଅସ୍ୱସ୍ତି ଲାଗେ। ଏହି ହାଡ଼ଭଙ୍ଗା ନିଶା ହିଁ ମନୁଷ୍ୟକୁ ଉର୍ଦ୍ଧ୍ୱମୁଖୀ କରିତୋଳେ। ପ୍ରେଷ୍ଠଙ୍କର ଖୁସି ଓ ସ୍ୱସ୍ତି ନିମିତ୍ତ ମନୁଷ୍ୟ କ୍ରମାଗତ ନିଜକୁ ପରିଶୁଦ୍ଧ କରି ଚାଲେ। ଏହିପରି ଆତ୍ମଶାସନ ତତ୍ପର ବ୍ୟକ୍ତି ହିଁ ଜାଣେ ଶାସନ କିପରି କରିବାକୁ ହୁଏ। ପ୍ରକୃତପକ୍ଷରେ ତାଙ୍କର ଶ୍ରଦ୍ଧାର୍ହ ଚରିତ୍ର ହିଁ ଅନ୍ୟମାନଙ୍କୁ ଆତ୍ମ ଶାସନରେ ପ୍ରବୃଦ୍ଧ କରିତୋଳେ। ତେଣୁ ଯେଉଁ ତନ୍ତ୍ରରେ ଶାସନ ଚାଲିଲେ ମଧ ଆଦର୍ଶ-ତନ୍ତ୍ରୀ ହେବା ଏକାନ୍ତ ଆବଶ୍ୟକ। ଜନଗଣ ଯଦି ଆଦର୍ଶତନ୍ତ୍ରୀ ନ ହୁଅନ୍ତି ତାହାହେଲେ ଗଣଶକ୍ତିର ଅଭ୍ୟୁତ୍ଥାନ ହୁଏ ନାହିଁ। ଶକ୍ତିର ମୂଳରେ ଅଛି ଭକ୍ତି, ପ୍ରୀତି, ସଂହତି ଓ ସହଯୋଗିତା। ମନୁଷ୍ୟ ଯେତେବେଳେ ଆଦର୍ଶଙ୍କୁ ଭଲପାଇ ପ୍ରତ୍ୟେକ ପ୍ରତ୍ୟେକଙ୍କର ଧାରକ, ପାଳକ, ସେବକ ଓ ସହାୟକ ହୋଇ ଉଠନ୍ତି ସେତେବେଳେ ଶକ୍ତି ଗଜି ଉଠେ। ମନୁଷ୍ୟର ଅନିୟନ୍ତ୍ରିତ ପ୍ରବୃତ୍ତି ଯଦି ପରସ୍ପରକୁ ହିଂସା, ଦ୍ୱେଷ, ପରଶ୍ରୀକାତରତା ଓ ପରପୀଡ଼ନ ପଥରେ ପରିଚାଳିତ କରେ ସେହି ପରିବେଶ ମଧ୍ୟରେ ଗଣଶକ୍ତି ଯେପରି ସ୍ଫୁର୍ତ୍ତିଲାଭ କରିପାରେ ନାହିଁ, ବ୍ୟକ୍ତିର ଆତ୍ମଶକ୍ତି ମଧ ସେହିପରି ପଦେ ପଦେ ବ୍ୟାହତ ହୁଏ। ଏହାଫଳରେ ଦେଶ, ସମାଜ, ରାଷ୍ଟ୍ର ସବୁ ହୀନବଳ ହେବାକୁ ବାଧ୍ୟ ହୁଏ।

ମନୁଷ୍ୟର ଚିରକାମ୍ୟ ସ୍ୱସ୍ତି, ଶାନ୍ତି, ସମୃଦ୍ଧି ଦିନକୁ ଦିନ ତିରୋହିତ ହୋଇଯାଏ। ତେଣୁ ଗଣତନ୍ତ୍ରକୁ ସଫଳ କରିବାକୁ ଗଲେ ପ୍ରଥମେ ଇଷ୍ଟତନ୍ତ୍ରକୁ ଅନୁସରଣ କରିବାକୁ ହୁଏ। ଯୁଗାଚାର୍ଯ୍ୟ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମତ ବ୍ୟକ୍ତ କଲେ - ଯେଉଁଠାରେ ଜନଗଣ ପରିପୂରଣୀ ସେବା ଓ ଆତ୍ମସମର୍ପଣ ନେଇ ଏକାଦର୍ଶରେ ମିଳିତ ହୁଅନ୍ତି, ଯେଉଁ ସେବା ଓ ଆତ୍ମସମର୍ପଣ ପ୍ରତି ଜୀବନକୁ ଧୃତିପୋଷଣୀବର୍ଦ୍ଧନାରେ ପରିଚାଳିତ କରେ, ସେଠାରେ ଜାଗିଉଠେ ଶକ୍ତି, ଦୀପ୍ତ ହୋଇ ଉଠେ ପ୍ରେମର ଶାସନ ଓ ତ୍ୱରିତ୍ ଗତିରେ ପ୍ରୋଜ୍ଜ୍ୱଳ ହୋଇଉଠେ ସହଜ ସମ୍ବିଧାନ ମିଶ୍ରିତ ଗୌରବ ଓ ସ୍ୱାଧୀନତା ସମନ୍ୱିତ ଗଣତାନ୍ତ୍ରିକ ସ୍ୱତଃତନ୍ତ୍ର। ମୁଁ ଯାହା ବୁଝେ ଏହା ହେଲା ସ୍ୱାଭାବିକ ଗଣତନ୍ତ୍ର। ଅଟୋକ୍ରେସିର ଅର୍ଥ ବୁଝାଇବାକୁ ଯାଇ ଯୁଗ ଗୁରୁ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ - ଯଥେଷ୍ଟତାର ଶାସନ ପ୍ରଣାଳୀ ବା ଅଟୋକ୍ରେସୀ କହିଲେ ମୁଁ ବୁଝେ - ସ୍ୱତଃସ୍ଫୁର୍ତ୍ତ ଶାସନତନ୍ତ୍ର। କେହି ଯଦି ଇଷ୍ଟଙ୍କୁ ଭଲ ପାଆନ୍ତି ଓ ଇଷ୍ଟାନୁରାଗ ଅନୁପ୍ରେରଣାରେ ପରିବେଶର ଇଷ୍ଟାନୁରାଗ ସେବା - ସମ୍ବର୍ଦ୍ଧନା ନେଇ ଚାଲନ୍ତି, - ସେତେବେଳେ ସେହି ଚଳନଟି ହୁଏ ଅବାଧ। ଯିଏ ଭଗବାନଙ୍କର ବିଧି ମାନନ୍ତି, ସତ୍ତା ସମ୍ବର୍ଦ୍ଧନାର ବିଧି ମାନି ଚାଲନ୍ତି ସେ ହିଁ ପ୍ରକୃତ ସ୍ୱାଧୀନ। ତାଙ୍କର ସ୍ୱାଧୀନ ଚଳନ ଅନ୍ୟର ସତ୍ତାପୋଷଣୀ ସ୍ୱାଧୀନ ଚଳନରେ କୌଣସି ବ୍ୟାଘାତ ସୃଷ୍ଟି କରେନାହିଁ, ବରଂ ତାକୁ ପୁଷ୍ଟକରି ଉଠାଏ। ଏପରି ନିର୍ବିରୋଧ ଅବାଧ ଚଳନ କ'ଣ ଖରାପ ? ରାଷ୍ଟ୍ର ଓ ରାଷ୍ଟ୍ରନାୟକଙ୍କର ଗତି - ପ୍ରବୃତ୍ତି ଯଦି ଏଭଳି ହୁଏ ତାହାହେଲେ ଭଲ ନିଶ୍ଚୟ ହୁଏ। ଦୃଢ଼ କଣ୍ଠରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ - ଯେଉଁ ସ୍ୱତଃସ୍ଫୁର୍ତ୍ତ ଶାସନତନ୍ତ୍ର ପାରସ୍ପରିକ ସ୍ୱାର୍ଥାନ୍ୱିତ ପ୍ରୀତିମୁଖର ସେବା ମାଧ୍ୟମରେ ପ୍ରତିଟି ଅନୁରାଗଦୀପ୍ତ ବ୍ୟକ୍ତିତ୍ୱକୁ ଧାରଣ ଓ ପୋଷଣ କରେ ଏବଂ ସେମାନଙ୍କର ଉନ୍ନୟନୀ ଗତିର ଉପଯୋଗୀ ଲଓ୍ୱାଜିମାର ବ୍ୟବସ୍ଥା କରି ପ୍ରତ୍ୟେକ ଜୀବନ ଓ ବର୍ଦ୍ଧନକୁ ଉତ୍ଫୁଲ୍ଲ କରି ତୋଳେ, ତାହା ହିଁ ହେଲା ପାରସ୍ପରିକ ଐକ୍ୟ ସମ୍ବନ୍ଧ ପ୍ରୀତି ପରିଚର୍ଯ୍ୟାର ଆବାସଭୂମି, ପ୍ରୀତି ପ୍ରବୃଦ୍ଧ ଶାସନ ସମନ୍ୱିତ ସ୍ୱାଧୀନତା ଓ ସ୍ୱତଃସ୍ଫୁର୍ତ୍ତ ଶାସନତନ୍ତ୍ରର ଔଜ୍ଜ୍ୱଲ୍ୟ ସହ ଗଣତନ୍ତ୍ର ସେଠାରେ ହାସ୍ୟମୁଖର।


ସହ-ପ୍ରତିରଦ୍ୱିକ, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ସିକ୍ୟୁ-୩ ବର୍ଥ ଯାନ୍ତ୍ରିକରଣ ପାଇଁ ପାରାଦୀପ ବନ୍ଦର ଓ ଏଏମ/ଏନଏସ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ



ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଏଏମ/ଏନଏସ ବନ୍ଦର ମଧ୍ୟରେ ଶୁଷ୍କ ପଣ୍ୟ ପରିଚାଳନା ପାଇଁ ସିକ୍ୟୁ-୩ ବର୍ଥର ଯାନ୍ତ୍ରିକୀକରଣ ପାଇଁ ସୋମବାର ଦିନ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହା ବନ୍ଦର ଭିତ୍ତିଭୂମି ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ପ୍ରକଳ୍ପଟି ୩୦ ବର୍ଷର ରିହାତି ଅବଧି ପାଇଁ ଅଟେ । ଏହା ଯାନ୍ତ୍ରିକ ପରିବହନ ଏବଂ ଅତ୍ୟାଧୁନିକ ପରିଚାଳନା ସୁବିଧା ସହିତ ସଜ୍ଜିତ ଏକ ଜାହାଜ ଲୋଡର ସିଷ୍ଟମ ମାଧ୍ୟମରେ ଏଏମ/ଏନଏସ ଇଣ୍ଡିଆର ଲୁହା ପଥର ପେଲେଟ ଗୁଡ଼ିକର ପରିବହନ ପାଇଁ ଉଦ୍ଦିଷ୍ଟ ହେବ । ଏହି ଚୁକ୍ତିନାମା ସ୍ଥାୟୀ ଏବଂ ଦକ୍ଷ ପଣ୍ୟ ପରିଚାଳନା ପାଇଁ ଏକ ଦୃଢ଼, ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରିବ । ଏହି ଚୁକ୍ତିନାମାକୁ ପାରାଦୀପ ବନ୍ଦର ପ୍ରାଧିକରଣର ମୁଖ୍ୟ ଯନ୍ତ୍ରୀ ହିମାଂଶୁ ଶେଖର ରାଉତ ଏବଂ ଏଏମ୍/ଏନ୍ଏସ୍ ପୋର୍ଟର ପ୍ରାଧିକୃତ ସ୍ୱାକ୍ଷରକାରୀ ଶୁଭକାନ୍ତ ଦାଶ ସମ୍ପାଦନ କରିଥିଲେ । ସ୍ୱାକ୍ଷର ସମାରୋହରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଏବଂ ଏଏମ୍/ଏନ୍ଏସ୍ ଇଣ୍ଡିଆର ଓଡ଼ିଶା ଅପରେସନ୍ସର ମୁଖ୍ୟ ସୁରେଶା ଜି, ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ.ଏହି ଅବସରରେ ନିଜ ବକ୍ତବ୍ୟରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ଏହି ପ୍ରକଳ୍ପ ବର୍ଥ ଉତ୍ପାଦକତାକୁ ଉନ୍ନତ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ଏହା ପରିବେଶ ଅନୁକୂଳ ଓ ଉପକୂଳୀୟ ପଣ୍ୟ ପରିଚାଳନା କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ । ସେହିପରି ଏଏମ/ଏନଏସ ଓଡିଶା ମୁଖ୍ୟ ସୁରେଶା ଜି କହିଛନ୍ତି ଯେ ନୂଏହି ସହଭାଗୀତା ବନ୍ଦର କାର୍ଯ୍ୟକୁ ଆଧୁନିକୀକରଣ ଏବଂ ଏହି ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଆମର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ । ସିକ୍ୟୁ-୩ ବର୍ଥର ଯାନ୍ତ୍ରିକୀକରଣ କାର୍ଯ୍ୟକ୍ଷମ ଉତ୍କୃଷ୍ଟତା ଏବଂ ପରିବେଶଗତ ସ୍ଥିରତା ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ । ଏହି ପ୍ରକଳ୍ପ ପାରାଦୀପ ବନ୍ଦରକୁ ଏକ ବିଶ୍ୱସ୍ତରୀୟ ବନ୍ଦର ହବ୍‌ରେ ପରିଣତ କରିବ ଏବଂ ଏଏମ/ଏନଏସ ଭାରତର ଲଜିଷ୍ଟିକ୍ସ କ୍ଷମତାକୁ ସୁଦୃଢ଼ କରିବ ବୋଲି କୁହାଯାଇଛି ।

## ଓଲାଶୁଣୀ ପୀଠରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ବାଲିଚନ୍ଦ୍ରପୁର, (ମହାଭାରତ) : ବଡ଼ଚଣା ବ୍ଲକ ପଲାଇ ପଞ୍ଚାୟତସ୍ଥିତ ମା'ଓଲାଶୁଣୀ ପୀଠରେ ସେବା ପକ୍ଷ ଅବସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଲାଶୁଣୀ ମଣ୍ଡଳ ପ୍ରତିନିଧି ପ୍ରତାପ ଚନ୍ଦ୍ର ଧଳଙ୍କ ତତ୍ତ୍ୱାବଧାନରେ ଓଲାଶୁଣୀ ପୀଠ ପରିସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଲାଇ ଗ୍ରାମ ପଞ୍ଚାୟତ ସହ ପ୍ରମୁଖ ବିଭୁତିଭୁଷଣ ସାମଲ, ସରପଞ୍ଚ ଆରତୀ ବେହେରା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ସ୍ୱଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ । ମା'ଓଲାଶୁଣୀ ପୀଠର ବେଢା ଚତୃପାର୍ଶ୍ୱ ଏବଂ ସେଠାରେ ଥିବା ରୋଷଗୃହ ପରିସର ତଥା ପାର୍କିଂ ପାଇଁ ଉଦିଷ୍ଟ ସମସ୍ତ ସ୍ଥାନରେ ସ୍ୱଚ୍ଛାସେବୀ ମାନେ ପରିଷ୍କାର ପରିଚ୍ଛନ କରିଥିଲେ । ପଲାଇ ବିଜେପି ପକ୍ଷରୁ ବିକ୍ରମ କେଶରୀ ପ୍ରଧାନ, ବୈନେତୟ ଦାସ, ସ୍ନେହାଶ୍ରୀ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ କୁମାର ଦାସ, ସରୋଜ ସାମଲ, ଧିରେନ୍ଦ୍ର ମଲିକ, ଆଶିଷ ମଲିକ, ଜ୍ଞାନରଞ୍ଜନ ସାହୁ, ଚନ୍ଦ୍ରମଣି ସାହୁ, ନଦିନୀ ପରିଡ଼ା, ଦିପକ ସାମଲ, ଓ୍ୱାଡ଼ ସଭ୍ୟା ଲତା ମଲିକ, ବୁଥ ସଭାପତି ପ୍ରବୋଧ ମହାନ୍ତି, ସୁମନ୍ତ କୁମାର ବେହେରା ପ୍ରମୁଖଙ୍କ ସମେତ ୨ ଶହରୁ ଉର୍ଦ୍ଧ୍ୱ ସ୍ୱଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ ।

## ଆସନ୍ତା ୧୨ରେ ରାଜ୍ୟସ୍ତରୀୟ ଇନ୍ଦ୍ରମଣି ସାହୁ ଜୟନ୍ତୀ ଓ ସମ୍ବର୍ଦ୍ଧନା ସଭା

ପାଟଣାଗଡ଼, (ମହାଭାରତ) : କୋସଲି ବାଲ୍ମୀକି ଇନ୍ଦ୍ରମଣି ସାହୁଙ୍କ ଜନ୍ମ ଦିନ ଅବସରରେ ଏକ ସ୍ମୃତି ସଭା ପାଟଣାଗଡ଼ ବାବଜିପଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି । ଆଜିର କାର୍ଯ୍ୟକ୍ରମକୁ କବି ଖୀରୋଦ୍ର କୁମାର ସାହୁ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଇନ୍ଦ୍ରମଣି ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସାହିତ୍ୟ ଅନୁଷ୍ଠାନ କୋସଲି ଡେରା ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଭକ୍ତବନ୍ଧୁ ବିଶ୍ୱାଲ୍ ସଭାପତିତ୍ୱ କରିଥିବାବେଳେ ଚଙ୍ଗରିଆ ସରପଞ୍ଚ ଶ୍ରୀଯୁକ୍ତ ସୁଶିଲ କୁମାର ଗୁରୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୋସଲି ଭାଷା ପ୍ରତି ଇନ୍ଦ୍ରମଣି ସାହୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । କବି ଶାନ୍ତନୁ କୁମାର ବୁଧିଆ ଓ ବାର ଆସୋସିଏସନ୍ ଉପ ସଭାପତି ସୁବାସ ଚନ୍ଦ୍ର ଆଚାର୍ଯ୍ୟ କବିଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋକପାତ କରିଥିଲେ । ଆସନ୍ତା ସେପ୍ଟେମ୍ବର ୧୨ ତାରିଖ ଦିନ ମା ପାଟନେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାର ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରିବାକୁ ଏ ଅବସରରେ ସ୍ଥିର କରାଯାଇଥିଲା । ଶେଷରେ ସମ୍ପାଦକ ଲାଲଚନ ବଗର୍ତ୍ତି ଧନ୍ୟବାଦ୍ ପ୍ରଦାନ କରିଥିଲେ ।

## ମେଢ଼ ପେଣ୍ଡାଲରେ ପୂଜା ପାଉଛନ୍ତି ମା'

ହିଞ୍ଜିଳିକାଟୁ, (ମହାଭାରତ) : ହିଞ୍ଜିଳିକାଟୁ ବ୍ଲକ୍ ଅଧିନ କଣ୍ଟାଇକୋଳି ଗ୍ରାମର ବିଭିନ୍ନ ସାହିରେ ମା ଦୁର୍ଗାଙ୍କ ପୂଜା ମହାସମାରୋହରେ ଆରମ୍ଭ ହୋଇଯାଇଛି । ଆଶ୍ୱିନ ଶୁକ୍ଳ ସପ୍ତମୀ ଠାରୁ ଆରମ୍ଭ ହୋଇ ମହାନବମୀ ପର୍ଯ୍ୟନ୍ତ ଏହି ପୂଜା ଚାଲିବ । ପ୍ରତ୍ୟକ ବର୍ଷ ଭଳି ଚଳିତ ବର୍ଷ ମଧ ଏହି ଗ୍ରାମରେ ମା'ଦୁର୍ଗାଙ୍କ ପୂଜା ବହୁ ଆଡମ୍ବରରେ ଅନୁଷ୍ଠିତ ହୋଇଛି । ଗୋପୀନାଥ ସାହିର ଦୁର୍ଗା ମଣ୍ଡପ ଠାରେ ୧୯୮୧ ଠାରୁ ରୁ ଆରମ୍ଭ ହୋଇଥିବା ପୂଜା ଚଳିତ ବର୍ଷ ୪୪ ବର୍ଷ ପାଳନ କରୁଥିବା ବେଳେ, ଧାନ ମିଲ ନିକଟ ଏବଂ ମଠ ସାହିରେ ୨୦୦୫ ଠାରୁ ଆରମ୍ଭ



ହୋଇଥିବା ପୂଜା ଚଳିତ ବର୍ଷ ୨୦ ବର୍ଷ ପାଳନ କରୁଛି । ଗ୍ରାମର କେତେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପୂଜା ବିଭିନ୍ନ ସାହିର ବର୍ତ୍ତମାନ ଯୁବକ ମାନେ ପରିଚାଳନା କରୁଛନ୍ତି । ଚଳିତ ବର୍ଷ ଉଭୟ ତିନୋଟି ଯାକ ପୂଜା କମିଟି ପକ୍ଷରୁ ମା'ଙ୍କ ପୂଜାକୁ ଖୁବ୍ ଆକର୍ଷଣୀୟ ସହ ଧୁମଧାମରେ ପାଳନ କରାଯାଇଛି । ସୁନ୍ଦର ତୋରଣ ସାଙ୍ଗକୁ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳାରେ ମାଙ୍କ ପୂଜା ମଣ୍ଡପକୁ ସଜ୍ଜିତ କରାଯାଇଛି । ମା'ଙ୍କୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିବା ସହ ଭୋଗରାଗ କରି ଆନନ୍ଦ ଉଲ୍ଲାସରେ ଫେରିଥାନ୍ତି । ଗ୍ରାମର ଗ୍ରାମବାସୀ ସମେତ ପୂଜା କମିଟି ଉପସ୍ଥିତ ରହି ପୂଜାକୁ ସୁଚାରୁ ରୂପେ ପରିଚାଳନା କରୁଛନ୍ତି । ସେହିପରି ସମରଝୋଳ ମେନ୍‌ରୋଡ଼ରେ ଦଣ୍ଡ କାଳୀ ବଣିକ ସଂଘ ଦୂର୍ଗା ପୂଜା କମିଟି ଅନୁଷ୍ଠାନ ପକ୍ଷରୁ ଚଳିତ ବର୍ଷ ମଧ ମା'ଙ୍କ ମୃଣ୍ମୟୀ ପୂଜା ଉତ୍ସବ ବୈଦିକ ରୀତିନୀତି ଅନୁସାରେ ପାଳନ କରାଯାଉଛି ।

# ନୟାଗଡ଼ରେ ରାଜ୍ୟ ବାହାରର ପେଷାଦାର୍ ଡକାୟତ ଗ୍ୟାଙ୍ଗ୍

### ନବଘନପୁର ଡକାୟତୀ ଘଟଣାରେ 'କେ-ଗ୍ୟାଙ୍ଗ୍'ର ହାତ
### ଦିନରେ ଘର ସାମ୍ନାରେ ରେକି, ରାତିରେ ଡକାୟତୀ



ନୟାଗଡ଼, (ମହାଭାରତ) : ନୟାଗଡ଼ ଟାଉନ ଥାନା ଅଧୀନ ନବଘନପୁର ଗାଁରେ ଗତ ଚାରି ଦିନ ତଳେ ହୋଇଥିବା ସିରିଜ୍ ଚୋରି ମାମଲାରେ ପୁଲିସ ଥଳକୂଳ ପାଉନାହିଁ । ଗତ ଚାରି ଦିନ ହେବ କେବଳ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଏହି ଡକାୟତ ମାନଙ୍କର ସନ୍ଧାନ ଖୋଜିବାକୁ ପୁଲିସ ପ୍ରୟାସ ଚଳାଇଛି । ତଥାପି ଏହି ମାମଲାରେ କେଲା ଅର୍ଥାତ 'କେ ଗ୍ୟାଙ୍ଗ୍' ର ହାତ ଥିବା ପୁଲିସ ସନ୍ଦେହ କରୁଛି । ଯେହେତୁ ନୟାଗଡ଼ରେ ପୂର୍ବରୁ ହୋଇଥିବା ଏକାଧିକ ଡକାୟତୀ ମାମଲାରେ ଏହି ଗ୍ୟାଙ୍ଗର ହାତ ରହିଥିବା ପ୍ରମାଣ ମିଳିଥିଲା, ସେଥିପାଇଁ ନବଘନପୁର ଡକାୟତୀର ମଧ ଏହି ଡକାୟତ ମାନଙ୍କର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି । ପୂର୍ବରୁ ଟାଉନ ଥାନା ଅଧୀନ ଲକ୍ଷ୍ମଣନଗରରେ ହୋଇଥିବା ଏକ ଚୋରି ମାମଲାରେ ସିସିଟିଭି ଫୁଟେଜରୁ ୫ ଜଣ ଚୋରଙ୍କୁ ଦେଖିବାକୁ ମିଳୁଛି । ସମସ୍ତେ ହାପ୍ ପ୍ୟାଣ୍ଟ ପିନ୍ଧିଥିବା ବେଳେ ମୁହଁରେ କପଡ଼ା ବାନ୍ଧି ଚାଲି ଚାଲି ଯାଉଥିବା ସ୍ପଷ୍ଟ ଭାବେ ଦେଖାଯାଉଛି । ଏହି ଚୋର ମାନଙ୍କ ଶୈଳୀକୁ ଦେଖିଲେ ଜିଲ୍ଲା କିମ୍ବା ରାଜ୍ୟ ବାହାରୁ ଆସି ସେମାନେ ଡକାୟତୀ କରୁଥିବା ସନ୍ଦେହ କରାଯାଉଛି । ବିଶେଷ କରି ନିଛାଟିଆ ଜାଗାରେ ଓ ଅଳ୍ପ ଲୋକ ରହୁଥିବା ଘରକୁ ଏମାନେ ଟାର୍ଗେଟ୍ କରୁଛନ୍ତି । ଦିନ ସମୟରେ ବିଭିନ୍ନ ବାହାନାରେ ଉକ୍ତ ଘର ସାମ୍ନାରେ ରେକି କରିବା ପରେ ରାତିରେ ଡକାୟତୀ କରିବାକୁ ସେମାନେ ସକ୍ଷମ ହେଉଥିବା ଜଣାପଡ଼ିଛି । ନୟାଗଡ଼ ସଦର ଥାନା ଅଧୀନ ଗୋଳଗୋଳା ଗାଁରେ ଏହିପରି ଚୋରି ହୋଇଥିଲା । ଏହି ଗ୍ୟାଙ୍ଗର ସଦସ୍ୟ ମାନେ କବାଟ ଓ ଝରକା ତାଡ଼ି ଚୋରି କରନ୍ତି । ଗ୍ୟାଙ୍ଗର ଏକାଧିକ ସଦସ୍ୟ ଗୋଟିଏ ସ୍ଥାନରେ ପହଞ୍ଚିବା ପରେ ଅଲଗା ଅଲଗା ହୋଇ ବିଭିନ୍ନ ଗାଁରେ ରେକି କରୁଛନ୍ତି । କାହା ଘରେ କେତେ ଜଣ ସଦସ୍ୟ ଅଛନ୍ତି ? କେଉଁ ଘରେ ତାଲା ପଡ଼ିଛି, ଏସବୁ ନଜର କରିବା ପରେ ସେମାନେ ଡକାୟତୀ କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି ଓ ସେଥିରେ ସଫଳ ହେଉଛନ୍ତି । କେବଳ ସେତିକି ନୁହେଁ, ଘର ପାଖରେ ପହଞ୍ଚିବା ପରେ ସେମାନେ ଝରକାରେ କାନଡେରି ଭିତରେ ଫ୍ୟାନ୍ ବୁଲୁଛି କି ନାହିଁ ଭଲ ଭାବେ ଶୁଣନ୍ତି । ଯେଉଁ ଘରେ ଫ୍ୟାନ୍ ବୁଲୁନଥାଏ କିମ୍ବା ଘରେ କେହି ନଥିବା ଜଣାପଡ଼େ, ଝରକା ତାଡ଼ି ସେମାନେ ଭିତରକୁ ପ୍ରବେଶ କରନ୍ତି । ବର୍ତ୍ତମାନ ଟାଉନ ଥାନା ପୁଲିସ ଏହି ଗ୍ୟାଙ୍ଗର ଗତିବିଧି ସମ୍ପର୍କରେ ଜାଣିବା ପାଇଁ ପ୍ରୟାସ ଆରମ୍ଭ କରିଛି ଏ ନେଇ ବାହାର ଜିଲ୍ଲାର ପୁଲିସ ସହ ଟାଉନ ଥାନା ଯୋଗାଯୋଗ ମଧ୍ୟ କରିଛି । ଖୁବ୍‌ଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଇନ୍‌ସପେକ୍ଟର ରଶ୍ମୀରଞ୍ଜନ ପ୍ରଧାନ କହିଛନ୍ତି । ସାଧାରଣତଃ କୌଣସି ସ୍ଥାନରେ କିଛି ଅପରାଧ ଘଟିଲେ ପୁଲିସ ଅପରାଧୀ ମାନଙ୍କ ସମ୍ପର୍କରେ ଜାଣିବା ପାଇଁ ବର୍ତ୍ତମାନ ସମୟରେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରୁଛି । ସେହି ସ୍ଥାନରେ ଘଟଣା ଘଟିବା ସମୟରେ ଯେଉଁ ମୋବାଇଲ ନମ୍ବର ଗୁଡ଼ିକ ସଚଳ ଥିଲା, ତାହାକୁ ଯାଞ୍ଚ କରି କରି ପୁଲିସ ଅପରାଧୀ ମାନଙ୍କ ପାଖରେ ପହଞ୍ଚିଯାଉଥିଲା । ମାତ୍ର ଏହି ଘଟଣାରେ ଡକାୟତ ମାନେ ଆଦୌ ମୋବାଇଲ ବ୍ୟବହାର କରିନାହାନ୍ତି । ଏଣୁ ସେମାନେ ନିଶ୍ଚିତ ଭାବେ ପେଷାଦାର୍ ବୋଲି ଜଣାପଡୁଛି ।

## ଆରଏସଏସର ଶତ ବାର୍ଷିକୀ ଉତ୍ସବ ପାଳନ

ଦଶପଲ୍ଲା, (ମହାଭାରତ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ଶହେବର୍ଷ ପଦାର୍ପଣ କରୁଥିବା ଅବସରରେ ରବିବାର ଦିନ ଦଶପଲ୍ଲା ଆରଏସଏସ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି । ଇତ୍ୟବସରରେ ସହରର ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ସହିତ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା । ସଂଘର ଦଶପଲ୍ଲା ଖଣ୍ଡ ପରିଚାଳକ ଯୁଗଳ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବି. ଏସ୍. କଲେଜର ଅଧ୍ୟକ୍ଷ ଡ. ଜୟଦେବ ଗୌଡ ମୁଖ୍ୟ ଅତିଥି ଓ ପୂର୍ବପ୍ରାନ୍ତ ସେବା ପ୍ରମୁଖ ବେଲେଶ୍ୱର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଏଥିସହିତ ମାନସ କୁମାର ସାହୁ, ହାଡିବନ୍ଧୁ ମହାଖୁଡ଼, ଭଗବାନ ଦେହୁରୀ, ତୁଷାର ପରିଡାଙ୍କ ସମେତ ସଂଘର ବହୁ କାର୍ଯ୍ୟକର୍ତ୍ତା ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ ଯେ, ଚଳିତ ବର୍ଷ କୁଟୁମ୍ବ ପ୍ରବୋଧନ, ପର୍ଯ୍ୟାବରଣ ସୁରକ୍ଷା, ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର, ନାଗରିକ କର୍ତ୍ତବ୍ୟ ଓ ସାମାଜିକ ସମର ସତ୍ତା ପାଇଁ ଆରଏସଏସ ପକ୍ଷରୁ ଆହ୍ୱାନ ଦିଆଯାଇଛି ।

# ଶ୍ରୀଲଙ୍କା ଦେବି ଚିତ୍ରେଶ୍ୱରୀଙ୍କ ସ୍ୱତନ୍ତ୍ର ପାର୍ବଣ ପୂଜା



କାକଟପୁର, (ମହାଭାରତ) : ସାରା ରାଜ୍ୟ ଶାରଦୀୟ ନବରାତ୍ର ପୂଜା ପାଇଁ ଚଳଚଞ୍ଚଳ ଥିବା ବେଳେ ଅସ୍ତରଙ୍ଗ କାକଟପୁର ପ୍ରାଚୀ ନଦୀ କୂଳରେ ପୂଜା ପାଉଛନ୍ତି ହଜାର ବର୍ଷର ପୁରୁଣା ଦେବୀ ଚିତ୍ରେଶ୍ୱରୀ । କାକଟପୁର ବ୍ଲକ୍ ଅବଦାନ ପଞ୍ଚାୟତ ଅସ୍ତରଙ୍ଗ ବ୍ଲକ୍ ତଣ୍ଡାହର ଜଙ୍ଗଲ ମଧ୍ୟରେ ଏକ ମନୋରମ ଦେଉଳ ଭିତର ଶୋଭା ପାଉଛି ମାଙ୍କ ପରିବେଶ, ମା ଚିତ୍ରେଶ୍ୱରୀ ରାଜ ରାଜୁଡ଼ା ସମୟରେ ମା ତତ୍‌କାଳୀନ ସିଂହଳ ଦ୍ୱୀପ ବର୍ତ୍ତମାନର ଶ୍ରୀଲଙ୍କା ଆସିଛନ୍ତି ବୋଲି ମାଙ୍କର ମୁଗୁନି ପଥର ଆସନ ଶିଳା ରେ ସିଂହଳ ଲିପିରେ ଉଲ୍ଲେଖ ରହିଛି ଯାହାକୁ ନେଇ ବରିଷ୍ଠ ପୂଜକ ରବି ନାରାୟଣ ପଣ୍ଡା ମତ ପ୍ରକାଶ କରିଛନ୍ତି । ମା ଙ୍କର ଶ୍ରୀ ବିଗ୍ରହ ସମ୍ପୂର୍ଣ କଳା ମୁଗୁନି ପଥର ରେ ହୋଇଥିବା ବେଳେ ମା ହେଉଛନ୍ତି ଚର୍ତୁ ଭୂଜା ମାଙ୍କର ଚାରୋଟି ହାତରେ ପାଶ, ଅଙ୍କୁଶ, ଜପାମାଳ ଆଉ ଏକ ହସ୍ତ ବରଦା ମୁଦ୍ରାରେ ରହିଛି । ମାଙ୍କ ମଥାରେ ସପ୍ତଫେଣି ନାଗ ବିଦ୍ୟମାନ ରହିଛନ୍ତି କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ସ୍ୱରୂପ ଭଳି ଚିତ୍ରେଶ୍ୱରୀଙ୍କ ସ୍ୱରୂପ ଏକାକାର ବର୍ଷ ତମାମ ମାଙ୍କ ପାଖେ ପଞ୍ଚ ଉପଚାର ପୂଜା କରାଯାଏ । କିନ୍ତୁ ଆଶ୍ୱିନ ମୂଳା ଅଷ୍ଟମୀ ଠାରୁ ମହା ଅଷ୍ଟମୀ ପର୍ଯ୍ୟନ୍ତ ମାଙ୍କ ପାଖେ ଗୁପ୍ତ ଷୋଳପୂଜା କରାଯାଏ ଏହି ସମୟରେ ଷୋଡଶ ଉପଚାର ପୂଜା ପଣ୍ଡାଙ୍କ ଦ୍ୱାରା ମାଙ୍କ ନିକଟରେ ନୈବେଦ୍ୟ ପ୍ରଦାନ କରାଯାଏ । ନୈବେଦ୍ୟ ରୂପରେ ମାଙ୍କ ନିକଟରେ ଅର୍ଣ୍ଣ, ଡାଲି, ବେସର, ଆଞ୍ଚଳିକ ଶାଗ ତରକାରୀ , ଲଗା ଯାଉଥିବା ବେଳେ ସ୍ୱତନ୍ତ୍ର ଭୋଗ ହେଉଛି ମାଙ୍କର କାକରା ଆଉ ଖିରି । ମାଙ୍କ ପାର୍ଶ୍ୱ ଦେବାଦେବୀ ହିସାବରେ ଗଣେଶ, କାର୍ତ୍ତିକ, ନରଶିଙ୍ଗୀ, ବ୍ୟାଘ୍ରୀ, ଚାମୁଣ୍ଡା ପୂଜା ପାଉଛନ୍ତି ପଶ୍ଚିମରେ ସ୍ୱପ୍ନେଶ୍ୱର ମହାଦେବ ପୂଜା ପାଉଥିବା ବେଳେ ମାଙ୍କ ନିକଟରେ ଯୁଗ୍ମ ଅବସ୍ଥାରେ ଦେବୀ ଚର୍ଚ୍ଚିକା ପୂଜା ପାଉଛନ୍ତି । ଏହି ନବରାତ୍ର ସମୟରେ ଶଙ୍କୁଡ଼ି ଭୋଗ ଓ ଗୁପ୍ତ ଚଣ୍ଡୀ ପାଠ ସହ ହବନ କାର୍ଯ୍ୟ ଅନୁଷ୍ଠିତ ହୁଏ । ମାଙ୍କୁ ଏଠି ପରମ ବୈଷ୍ଣବୀ ରୂପେ ପୂଜା କରାଯାଉଥିବାରୁ ଏହି ସମୟରେ ବିଲ୍ୱପତ୍ରରେ ଶ୍ୱେତପୁଷ୍ପ, ରକ୍ତପୁଷ୍ପ, ଘୃତ ମିଶ୍ରିତ କରାଯାଇ ହବନ କୁଣ୍ଡରେ ଆହୁତି ଦିଆଯାଏ । ଯାହାକୁ ନେଇ ମାଙ୍କ ପୂଜକ ବିଷ୍ଣୁଚନ୍ଦ୍ର ପଣ୍ଡା ମତ ପ୍ରକାଶ କରିଛନ୍ତି । ଆମ ଅଞ୍ଚଳର ସାଧବ ପୁଅ ମାନେ ସେ ସମୟରେ ପ୍ରାଚୀ, ଚିତ୍ରୋପ୍ତଳା ବଙ୍ଗୋପସାଗର ଦେଇ ଜାଭା , ସୁମାତ୍ରା, ସିଂହଳ ପ୍ରଭୃତି ଦ୍ୱୀପକୁ ବୋଇତ ମାଧ୍ୟମରେ ବାଣିଜ୍ୟ କରିବାକୁ ଯାଉଥିଲେ ସେହି ସମୟରେ ସିଂହଳ ଦ୍ୱୀପରୁ ମା ମଙ୍ଗଳା ଓ ଚିତ୍ରେଶ୍ୱରୀ ବିଗ୍ରହ ଉଦ୍ଧାର ହୋଇଥିବାର କିମ୍ବଦନ୍ତି ରହିଛି ବୌଦ୍ଧ ଏବଂ ପରିବ୍ରାଜକ ହୁଏନସାଂଙ୍କ ଇତିହାସରୁ ମା ଚିତ୍ରେଶ୍ୱରୀଙ୍କର କିମ୍ବଦନ୍ତୀରୁ ମା ଙ୍କ ଇତିହାସ ଜାଣିବାକୁ ମିଳୁଛି । ଏହି ନବରାତ୍ର ସମୟରେ ମାଙ୍କ ନିକଟରେ ଯିଏ ଉପାସନା କରେ ସେମାନଙ୍କର ଅସାଧ ରୋଗରୁ ମୁକ୍ତି ମିଳେ ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି । ଏବେବି ମାଙ୍କ ଦେଉଳ ଚତୁପାର୍ଶ୍ୱରେ ଅନେକ ପୁରୁଣା ପସ୍ତର ଓ ଦଧି ନଉତୀ ଭଗ୍ନ ମୂର୍ତ୍ତି ଗୁଡିକ ଦେଖିବାକୁ ମିଳୁଛି । ଏହାକୁ ପ୍ରତ୍ନ ତତ୍ତ୍ୱ ବିଭାଗ ପୁନଃଉଦ୍ଧାର କରିବା ପାଇଁ ପ୍ରାଚୀ ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ଦାବି କରିଛନ୍ତି ।

## ବାଉଁଶ ବଣର ଦେବୀ ମା' ଡୋକରୀଙ୍କ ଷୋଡ଼ଶ ଉପାଚାର ପୂଜା

ଜୟପାଟଣା, (ମହାଭାରତ) : ଗଙ୍ଗ ବଂଶରୁ ନାଗ ବଂଶର ଉତ୍ତରାଧିକାରୀଙ୍କ ଦ୍ୱାରା ପୂଜା ପାଇ ଅଞ୍ଚଳ ର ଅଧିଷ୍ଠାତ୍ରୀ ଦେବୀ ଭାବରେ ବିଶ୍ୱାସର କେନ୍ଦ୍ର ବିନ୍ଦୁ ପାଲଟି ଥିବା ବାଉଁଶ ବଣର ଦେବୀ ମା' ଡୋକରୀ ଙ୍କର ଶାରଦୀୟ ନବରାତ୍ରୀ ପୂଜନୋତ୍ସବ ଶ୍ରଦ୍ଧାର ସହ ଆରମ୍ଭ ହୋଇଛି । ଜୟପାଟଣା ପୂର୍ବରେ ଅବସ୍ଥିତ ଉଦୟଗିରି ପାହାଡ ର ପାଦଦେଶସ୍ଥ ତାଳଗୁଡ ଗ୍ରାମ ରେ ମାଁ ଙ୍କ ମନ୍ଦିର ଏକ ମନୋରମ ପ୍ରାକୃତିକ ପରିବେଶ ସାଙ୍ଗକୁ ଛଅାଣ ଗାଡ ଝରଣା ଐତିହାସିକ ପୃଷ୍ଠଭୂମି ରହିଥିବା ଠୁଙ୍ଗିଗଡ ଦୁଇ କିଲୋମିଟର ଦୂରରେ ମୁଖିଗୁଡା ଠାରେ ଇନ୍ଦ୍ରାବତୀ ପ୍ରକଳ୍ପ ଶ୍ରଦ୍ଧାଳୁ ଙ୍କ ପାଇଁ ଆପେ ଆପେ ଆକର୍ଷଣ ପାଲଟି ଯାଇଥାଏ । ନବଦୁର୍ଗା ମନ୍ତ୍ର ରେ ଷୋଡ଼ଶ ଉପାଚାର ରେ



ପୂଜା ପାଉଥିବା ମାଁ ଡୋକରୀ ଶାରଦୀୟ ନବରାତ୍ରୀ ପୂଜା ଆଶ୍ୱିନ ପ୍ରତିପଦାରୁ ମହାନବମୀ ପର୍ଯ୍ୟନ୍ତ ଚାଲିଥାଏ । ମହାଳୟା ମଧ୍ୟରାତ୍ରରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ରୁ ମୃତ୍ତିକା ଆଣି ପ୍ରତିପଦାରେ ମାଁଙ୍କ ମସ୍ତକ ରୋପଣ ପରେ ପୂଜାନୋତ୍ସବ ଆରମ୍ଭ ହୋଇଥାଏ । ମାଁ ଡୋକରୀ ଦକ୍ଷିଣକାଳିଙ୍କ ଅନୁରୂପ ଭାବେ ଦୃଶ୍ୟମାନ ହୁଅନ୍ତି । ପ୍ରତ୍ୟହ ମାଙ୍କ ପାଇଁ ବାଳ ଭୋଗ , ଅନ୍ନଭୋଗ, ମଧ୍ୟାହ୍ନ,ଝାଳେର ଭୋଗ, ରାତ୍ର ଅନ୍ନଭୋଗ ଓ ସର୍ବ ଶେଷରେ ଯୁକ୍ତି ଭୋଗ ଦିଆଯାଇଥାଏ । ମା'ଙ୍କୁ ନିୟମିତ ଭାବରେ ପାଇକ ସମ୍ପ୍ରଦାୟର ପୂଜକ ମାନେ ପୂଜା କରି ଆସିଥିବା ବେଳେ ନବରାତ୍ରୀ ସମୟରେ ନବଦୁର୍ଗା ମନ୍ତ୍ର ରେ ଷୋଡ଼ଶ ଉପାଚାର ର ବ୍ରାହ୍ମଣ ପୂଜକ ମାନେ ପୂଜା କରିଥାନ୍ତି । ମନ୍ଦିର ପରିଚାଳନା ଓ ପୃଷ୍ଠପୋଷକତା ମହୁଲପାଟଣା ଜମିଦାର ଙ୍କ ହାତରେ ରହିଥାଏ । ଅଷ୍ଟମୀ ମଧ୍ୟରାତ୍ରରେ ମାଁ ଙ୍କୁ ମାନସିକଧାରୀମାନେ ଛାଗ ବଳି ଅର୍ପଣ କରୁଥିବା ବେଳେ ମହାବଳୀ (ପୋଡ଼) ଦିଆଯାଇଥାଏ । ମହାନବମୀ ପୂଜା ପରେ ମାଁ ଙ୍କ ଦଶମୀ ତିଥିର ଅନ୍ତିମୀ ପୂଜା ପରେ ଦହି ଅନ୍ନ ଲାଗି ହୁଏ ।ପରେ ମାଁ ଙ୍କ ରୋପିତ ମସ୍ତକ କୁ ବିସର୍ଜନ କଳାପରେ ମନ୍ଦିର ରେ ନଅ ଦିନ ପାଇଁ କଣ୍ଟାବାଡ଼ ଦିଆଯାଇଥାଏ । ନଅ ଦିନର ଅଣସର ପରେ ମାଁ ପୁନର୍ବାର ପୂଜା ପାଇଥାନ୍ତି ।

# ରେଙ୍ଗାଲି ଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପଥ ସଂଚଳନ

ସମ୍ବଲପୁର, (ମହାଭାରତ) : ସମ୍ବଲପୁର ରେଙ୍ଗାଲି ଠାରେ ବଡ଼ ଧୁମଧାମ ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ର ଏକସହ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ଶତାବ୍ଦୀ ବର୍ଷ ପାଇଁ ପଥ ସଂଚଳନ କାର୍ଯ୍ୟକ୍ରମ ରଖା ଯାଇଥିଲା । ପ୍ରାୟ ଏକ ସହ ସ୍ୱୟଂ ସେବକ ଏଥିରେ ଯୋଗ ଦେଇଥିଲେ । ରେଙ୍ଗାଲି ବାବା ମନ୍ଦିରରୁ ପୂର୍ଣ୍ଣ ଗଣବେଶ ରେ ବାହାରି ଗଣେଶ ନଗର ପର୍ଯ୍ୟନ୍ତ ପଥ ସଂଚଳନ କରିଥିଲେ ଏବଂ ପରେ ନାଇସ ଛକରେ ଶାଖା ଲଗାଯାଇଥିଲା । ଡାକ୍ତର କେଶବ ବଳିରାମ ହେଡ଼ଗୱାରଙ୍କ ଜୀବନ କର୍ମ ଏବଂ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ସମାଜ ପରିବର୍ତ୍ତନରେ ଭୂମିକା ସମ୍ବନ୍ଧରେ ଆଲୋଚନା ରଖା ଯାଇଥିଲା । ସଙ୍ଘ ପ୍ରଥମେ ୧୯୨୫ ମସିହାରେ ଆରମ୍ଭ ହୋଇଥିଲା ତାହା ଆଜି ୧୦୦ ବର୍ଷ ପୂରଣ ହୋଇ ଏକ ବିରାଟ ବଟ ବୃକ୍ଷ ରେ ପରିଣତ ହୋଇ ଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ତୀର୍ଥଲାଲ ଅଗ୍ରୱାଲ ମୁଖ୍ୟ ବକ୍ତା ଡାକ୍ତର ବିଭୁଦତ୍ତ ପ୍ରମୋଦ କୁମାର ମିଶ୍ର ପ୍ରମୁଖ ବ୍ୟକ୍ତି ବିଶେଷ ପୁରୁଷୋତ୍ତମ ଅଗ୍ରୱାଲ ଏବଂ ରାମକୃଷ୍ଣ ନାଏକ, ଜୀବର୍ଦ୍ଧନ ରାଉତ, ସଚ୍ଚିଦାନନ୍ଦ ସାହୁ, ସନ୍ତୋଷ ମିର୍ଦ୍ଧା, ଯୁଗଳ କିଶୋର ଅଗ୍ରୱାଲ, ଲକ୍ଷ୍ମଣ ଖମାରୀ, ନୀଳକଣ୍ଠ ଚଇନି ଏବଂ ବିଶ୍ୱନାଥ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଏହାକୁ ସଫଳ କରିଥିଲେ ।

# ଅପରାଧୀଙ୍କ ସ୍କାନରରେ ଏବେ ବାଲୁଗାଁ ସହରର ବ୍ୟବସାୟୀ

### ଚବିଶ ଘଣ୍ଟା ଭିତରେ ଦୁଇ ଦୁଇଟି ଘଟଣା



ଖୋର୍ଦ୍ଧା, (ମହାଭାରତ) : ଖୋର୍ଦ୍ଧା ଜିଲ୍ଲାର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ବାଲୁଗାଁ ଅଞ୍ଚଳରେ ଚୋରି ଡକାୟତ ଅପହରଣ ପରି ମାମଲା ଦିନକୁ ଦିନ ବଢିଚାଲିଛି । ବିଭିନ୍ନ ପ୍ରକାରର ଅପରାଧିକ ମାମଲାକୁ ନେଇ ଚର୍ଚ୍ଚାରେ ରହି ଆସୁଥିବା ଚିଲିକା ଅଞ୍ଚଳରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଆଇନ ମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀର ବାଲୁଗାଁ ସହର ଏବେ ଅଶାନ୍ତ ହୋଇ ପଡ଼ିଛି । ପୂରା ନିର୍ବାଚନ ମଣ୍ଡଳୀ ପାଲଟିଛି ଅପରାଧୀଙ୍କ ଚରାଭୂମି । ପୋଲିସ ପେଟ୍ରୋଲିଂ ପରେ ମଧ୍ୟ ବିଚ ବଜାର ଉପରୁ ଦୋକାନ କବାଟ ଭାଙ୍ଗି ଅପରାଧି ଲୁଟି ନେଉଛନ୍ତି ଟଙ୍କା ପଇସା, ସୁନାଗହଣା ପରି ଅନେକ ମୂଲ୍ୟବାନ ସାମଗ୍ରୀ । ଅପରାଧୀ ମାନଙ୍କ ଦୁଃସାହସ ଏତେ ପରିମାଣରେ ବଢି ଯାଇଛି ଯେ, ଅପହରଣ ପରି ଜଘନ୍ୟ କାଣ୍ଡ ଘଟେଇବାକୁ ମଧ ତିଳେ ମାତ୍ର ଭୟ କରୁ ନାହାଁନ୍ତି । ଗତ ୨୭ତାରିଖ ରାତିରେ ଘଟି ଯାଇଥିବା ଏମିତି ଘଟଣା ଏବେ ସମଗ୍ର ବାଲୁଗାଁ ସହରରେ ଭୟର ବାତାବରଣ ସୃଷ୍ଟି କରିଛି । ବ୍ୟବସାୟ ସାରି ରାତିରେ ଘରକୁ ଫେରିଲା ବେଳେ ବାଲୁଗାଁ ଅଞ୍ଚଳର ସୁଶୀଲ ସୁବୁଦ୍ଧି ନାମକ ଜଣେ ବ୍ୟବସାୟୀଙ୍କୁ ଦୁର୍ବୃତ୍ତ ଅପହରଣ କରିଥିଲେ । ଘର ଠାରୁ ମାତ୍ର ପଚାଶ ମିଟର ଦୂରରୁ ପାଞ୍ଚଜଣ ଦୁର୍ବୃତ୍ତ ସୁଶୀଲଙ୍କ ନିକଟରେ ଥିବା ପ୍ରାୟ ଛଅ ଲକ୍ଷରୁ ଉର୍ଦ୍ଧ ଟଙ୍କାକୁ ଲୁଟ୍ କରିବା ଉଦ୍ଦେଶ୍ୟରେ ଏକ କାର ଯୋଗେ ବ୍ୟବସାୟୀ ସୁଶୀଲଙ୍କୁ ଅପହରଣ କରିଥିଲେ ।

ଏ ନେଇ ବାଲୁଗାଁ ଥାନାରେ ସୁଶୀଲଙ୍କ ପତ୍ନୀ ତିଲୋତ୍ତମା ସୁବୁଦ୍ଧି ଲିଖିତ ଅଭିଯୋଗ କରିବା ସମୟରେ ସୁଶୀଲଙ୍କ ପତ୍ନୀ ପାଖକୁ ଦୁର୍ବୃତ୍ତଙ୍କ ତରଫରୁ ଏକ ଫୋନ୍ କଲ୍ ଆସିଥିଲା । ଦୁର୍ବୃତ୍ତ ସୁଶୀଲଙ୍କୁ ଛାଡ଼ିବା ପାଇଁ ପଚାଶ ଲକ୍ଷ ଟଙ୍କା ମାଗିଥିଲେ । ଯାହାକି ପୋଲିସ ପାଇଁ ହୋଇଥିଲା ସବୁଠୁ ବଡ଼ ଅସ୍ତ୍ର । ବାଲୁଗାଁ ପୋଲିସ ଘଟଣାକୁ ଗୁରୁତର ସହ ନେଇ ଆସିଥିବା ଫୋନକଲକୁ ଟ୍ରାକ କରି ତଦନ୍ତ ଆରମ୍ଭ କରିଥିଲା । ପରିଶେଷରେ ପୋଲିସ ଦୁର୍ବୃତ୍ତଙ୍କୁ ଥାନା କରି ପିଛା କରୁଥିବାବେଳେ ଟାଙ୍ଗୀ ଥାନା ଅନ୍ତର୍ଗତ କଟକ ସହର ଅଞ୍ଚଳରୁ ଗ୍ରାମବାସୀଙ୍କ ସହାୟତାରେ ଅପହୃତ ସୁଶୀଲଙ୍କ ଅପହରଣ ଘଟଣାରେ ଜଡ଼ିତ ଥିବା ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଅଞ୍ଚଳର ମୁନା ବେହେରା ଓ ଇଁ ସୁରଜ୍ କୁମାର ଦୋରା ସହିତ ଖଲିକୋଟ ଅଞ୍ଚଳର ଅଭିଜିତ ପଟ୍ଟନାୟକ ତିନିଜଣ ଏବଂ ଖୋର୍ଦ୍ଧା ଜିଲ୍ଲା ବାଣପୁର ଅଞ୍ଚଳର ଧର୍ମରାଜ ପଲ୍ଲେଇ ଓ ଭୁବନେଶ୍ୱର ନିକଟବର୍ତ୍ତୀ ବାଲକାଟି ଅଞ୍ଚଳର ଚନ୍ଦନ ଜେନାଙ୍କୁ କାବୁ କରିବାରେ ସଫଳ ହୋଇଥିଲେ । ଏ ସମ୍ପର୍କରେ ଖୋର୍ଦ୍ଧା ଏସ୍.ପି ବିବେକାନନ୍ଦ ଶର୍ମା ଗଣମାଧ୍ୟମକୁ ପ୍ରେସମିଟ୍ ଜରିଆରେ ସବିଶେଷ ସୂଚନା ଦେଇଥିବା ବେଳେ କିପରି ଭାବରେ ଅପହରଣର ଶିକାର ହେଇଥିଲେ, ସେ ନେଇ ଗଣମାଧ୍ୟମ ଆଗରେ ଆମୂଳଚୁଳ ବର୍ଣ୍ଣନା କରିଛନ୍ତି ବ୍ୟବସାୟୀ ସୁଶୀଲ ସୁବୁଦ୍ଧି ଏବଂ ତାଙ୍କ ସ୍ତ୍ରୀ ତିଲୋତ୍ତମା ସୁବୁଦ୍ଧି । ତେବେ ଏ ସବୁ ମଧ୍ୟରେ ଅପହୃତ ସୁଶୀଲଙ୍କ ଅପହରଣ ଘଟଣା ବାଲୁଗାଁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ପୁଣି ଗତ ଅଠେଇଶ ତାରିଖ ବିଳମ୍ବିତ ରାତିରେ ବାଲୁଗାଁ ମେନରୋଡ଼ ଉପରୁ ବ୍ୟବସାୟୀ ରାଜେଶ ସୁବୁଦ୍ଧିଙ୍କ ରାସନ ଦୋକାନରୁ ବିଳମ୍ବିତ ଟଙ୍କା ପଇସା ସହ ଅନେକ ଜିନିଷ ଲୁଟି ନେଇଥିବା ଘଟଣା ବାଲୁଗାଁ ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅପରାଧୀଙ୍କ ମନରେ ଅପରାଧ ଘଟେଇବା ପାଇଁ ତିଳେ ହେଲେ ଭୟ ନଥିବା ବେଳେ ପୋଲିସକୁ ଖୋଲାଖୋଲି ଅପରାଧୀ ଚାଲେଞ୍ଜ ଦେଉଛନ୍ତି ବୋଲି ବାଲୁଗାଁ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଅନ୍ୟପଟେ ୨୪ଘଣ୍ଟା ଭିତରେ ଦୁଇ ଦୁଇଟି ଘଟଣା ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି କରିଥିବା ବେଳେ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ତେବେ ଆଇନ ମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀର ପ୍ରମୁଖ ବ୍ୟବସାୟୀକ କେନ୍ଦ୍ର ବାଲୁଗାଁ ସହର କାହିଁକି ହୋଇ ପଡ଼ିଛି ଏତେ ଅସୁରକ୍ଷିତ ଆଉ ପୋଲିସର ପାରିବା ପଣିଆ ଉପରେ ଲାଗିଥିବା ଏହି ପ୍ରଶ୍ନବାଚୀକୁ ଲୋକଙ୍କ ମନ ଭିତରୁ ଦୂର କରିବାରେ ସଫଳ ହେଉଛି ବାଲୁଗାଁ ପୋଲିସ ଆଉ ବାଲୁଗାଁ ସହରରେ କେବେ ଫେରି ଆସିବ ଶାନ୍ତି ଶୃଙ୍ଖଳା ଆଉ କେବେ ଲୋପ ପାଇବ ବାଲୁଗାଁ ସହରରୁ ଭୟର ବାତାବରଣ । କିଏ ଦେବ ଏହାର ଉତ୍ତର..ଏମିତି ଅନେକ ପ୍ରଶ୍ନ ଭିତରେ ଛନ୍ଦି ହୋଇ ପଡିଛି ବାଲୁଗାଁ ସହରର ଆଇନ ଶୃଙ୍ଖଳା ପରିସ୍ଥିତି ।

## ଠାକୁରମୁଣ୍ଡା ବ୍ଲକର ଝିଅ ଓଡ଼ିଶା ମହିଳା ଫୁଟବଲ ଟିମରେ ସ୍ଥାନ ପାଇଲେ

କରଞ୍ଜିଆ, (ମହାଭାରତ): ଓଡିଶା ମହିଳା ସିନିୟର ଫୁଟବଲ ଟିମରେ ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଗ୍ରାମପଞ୍ଚାୟତ ସାତକୋଶିଆ ଗ୍ରାମର ଭାଗବତ ନାୟକଙ୍କ ଝିଅ ଅମ୍ବରୁତା ନାୟକ (୨୫ ବର୍ଷ) ସ୍ଥାନ ପାଇଛନ୍ତି । ସେ ଆସନ୍ତା ଡିସେମ୍ବର ମାସ ୩ ତାରିଖ ଦିନ ଛତିଶଗଡ଼ ଠାରେ ପଶ୍ଚିମବଙ୍ଗ ମହିଳା ଫୁଟବଲ ଟିମ ସହିତ ହେବାକୁ ଥିବା ମ୍ୟାଚ ରେ ଓଡିଶା ଦଳରୁ ଖେଳିବେ । ଏନେଇ ଫୁଟବଲ ଆସୋସିଏସନ ଓଡିଶା, କଟକ ପକ୍ଷରୁ ତାଲିକା ପ୍ରକାଶ ପାଇଛି । ସାତକୋଶିଆ ଗ୍ରାମର ଭାଗବତ ନାୟକଙ୍କ ଝିଅ ଆମ୍ବରୁତା ସାତକୋଶିଆ ଉଚ୍ଚ ବିଦ୍ୟାଳୟରେ ପାଠ ସାରିବାପରେ ଭୁବନେଶ୍ୱର ଠାରେ ଥିବା ନିତା ଫୁଟବଲ ଏକାଡେମୀରେ ୬ ବର୍ଷ ଧରି ଫୁଟବଲ ଖେଳର ଅଭ୍ୟାସ କରୁଥିଲେ । ଓଡ଼ିଶା ଫୁଟବଲ ଟିମ ରେ ସ୍ଥାନ ପାଇଥିବାରୁ ତାଙ୍କୁ ପ୍ରେରଣା ଦେଇ ଥିବା ସାତକୋଶିଆର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ନାୟକ ଓ ଠାକୁରମୁଣ୍ଡା ଅଞ୍ଚଳ ବୁଦ୍ଧିଜୀବି ତଥା ଅଞ୍ଚଳବାସୀ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






ମଙ୍ଗଳବାର ୩୦,ସେପ୍ଟେମ୍ବର ୨୦୨୫

## ରଣଜିତ ପୁଣି ହେଲେ ଜିଲ୍ଲା କଂଗ୍ରେସ ସଭାପତି

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କୁ ପୁଣି ଜିଲ୍ଲା ସଭାପତି ଭାବେ ନିଯୁକ୍ତି ମିଳୁଛି।ପୂର୍ବରୁ ମଧ୍ୟ ନୟାଗଡ଼ ଜିଲ୍ଲାର କଂଗ୍ରେସ ଜିଲ୍ଲା ସଭାପତି ଭାବେ ରଣଜିତ ଦାଶ କାମ କରିଆସୁଥିଲେ। କଂଗ୍ରେସର ବରିଷ୍ଠ ନେତା ଭାବେ ଜଣାଶୁଣା ରଣଜିତ ଦାଶ ନୟାଗଡ଼ ଜିଲ୍ଲା ସଭାପତି ରେସ୍‌ରେ ଥିବା ବେଳେ ପୁଣି ଥରେ ତାଙ୍କୁ ଦଳ ସୁଯୋଗ ଦେବ ବୋଲି ଚର୍ଚ୍ଚା ହେଉଥିଲା। ଶେଷରେ ଗତ ଶୁକ୍ରବାର ଦିନ ଏଆଇସିସି ତାଙ୍କୁ ଏହି ଗୁରୁ ଦାୟିତ୍ୱ ପୁଣିଥରେ ପ୍ରଦାନ କରିଛି। ନୟାଗଡ଼ରେ ଜିଲ୍ଲା କଂଗ୍ରେସର ମଙ୍ଗ କିଏ ଧରିବେ, ଏହାକୁ ନେଇ ଦାୟିତ୍ୱରେ ଥିବା ଏଆଇସିସି ପର୍ଯ୍ୟବେକ୍ଷକ ୮ଟି ଯାକ ବ୍ଲକ୍ ବୁଲି ବୁଲି ବିଭିନ୍ନ ବିଭାଗର ଲୋକ ମାନଙ୍କ ସହ ଆଲୋଚନା କରିଥିଲେ। ଏଣୁ ଯେଉଁ ମାନେ ରେସ୍‌ରେ ରହିଥିଲେ ସମସ୍ତଙ୍କୁ ବା୍ ଦେଇ ରଣଜିତ ପୁଣି ଥରେ ସଭାପତି ମୁକୁଟ ପିନ୍ଧିଛନ୍ତି। ପୁଣି ଥରେ ସଭାପତି ଦାୟିତ୍ୱ ମିଳିବା ପରେ ରଣଜିତଙ୍କୁ ବିଭିଓ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ନିଜ ପ୍ରତିକ୍ରିୟାରେ ରଣଜିତ କହିଛନ୍ତି ଯେ, ବିଜେପି ଓ ବିଜେଡି ବିରୋଧରେ ପ୍ରବଳ ଜନମତ ସୃଷ୍ଟି ହୋଇଛି। ଏଣୁ ଏହି ସମୟରେ କଂଗ୍ରେସକୁ ଦୃଢ଼ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ। ଆଗାମୀ ପଞ୍ଚାୟତ ନିର୍ବାଚନରେ ନିଶ୍ଚିତ ଭାବେ ଜିଲ୍ଲାରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ମତ ରଖିଛନ୍ତି।

## ଗଣିଆରେ ସପ୍ତାବ୍ଦୀ ସମାରୋହରେ ଘୋଷ ଯାତ୍ରା

ଗଣିଆ,(ମହାଭାରତ): ନାୟଗଡ ଜିଲ୍ଲା ଗଣିଆ ଖଣ୍ଡ ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଶତାବ୍ଦୀ ପୂର୍ତ୍ତି ଅବସରରେ ବିଜୟ ଦଶମୀ ଉଦଘାଟନୀ ଉତ୍ସବ ସୋମବାର ଦିନ ସରସ୍ୱତୀ ଶିଶୁ ମନ୍ଦିର ଠାରେ ପାଳନ କରାଯାଇଥିଲା । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର ସଦସ୍ୟ ମାନେ ଗୈରିକ ପତାକା ତଳେ ମା ଦୂର୍ଗା ଙ୍କୁ ଶକ୍ତି ପୂଜନ କରାଯାଇ ପ୍ରଣାମ ଜଣାଇଥିଲେ। ଏହି ଉତ୍ସବ ରେ ଅଶିଜଣ ସ୍ୱୟଂ ସେବକ ବୌଦ୍ଧିକ କାର୍ଯ୍ୟକ୍ରମ ରେ ଯୋଗ ଦେବା ସହ ପୂର୍ଣ୍ଣ ଗଣବେଶ ରେ ଗଣିଆ ନଗର ପରିକ୍ରମା କରିଥଲେ। ଏଥିରେ ବାଲ, ଶିଶୁ, ଯୁବକ, ତରୁଣ ସ୍ୱୟଂ ସେବକ ଯୋଗଦେଇଥିଲେ । ବୌଦ୍ଧିକ କାର୍ଯ୍ୟ କ୍ରମ ରେ ମୁଖ୍ୟ ଅତିଥି ଭବେ ସମାଜ ସେବୀ ଅନ୍ତର୍ଯ୍ୟାମୀ ମିଶ୍ର, ଗଣିଆ ଖଣ୍ଡ କର୍ଯ୍ୟବକ୍ଷହ ସୁଜ୍ଜି ଖଟୁଆ, ସଂଘ ର ପୁରୀ ବିଭାଗ ସହ ବୌଦ୍ଧିକ ପ୍ରମୁଖ ଭଗାନ ଦେହୁରି ଯୋଗ ଦେଇ ରାଷ୍ଟ ର ସୁରକ୍ଷା ଓ ପା□ ପରିବର୍ତ୍ତନ ଉପରେ ଆଲୋଚନା କରିଥିଲେ ।ଏଥିରେ ସାମାଜିକ ସମରସିତା , ପର୍ଯ୍ୟବରଣ ସଂରକ୍ଷଣ, ସମ୍ବୋଧ,, ନାଗରିକ କର୍ତ୍ତବ୍ୟ, କୁଟୁମ୍ବ ପ୍ରବୋଧନ ଆଦି ପ୍ରବକ୍ତା ଦେଇଥିଲେ । କାର୍ଯ୍ୟ କ୍ରମ ରେ ପ୍ରାର୍ଥନା ପ୍ରମୁଖ, ସମ୍ପର୍କ ପ୍ରମୁଖ, ଆଦି କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ । ସଂଘ ର ସ୍ୱୟଂ ସେବକ ମାନେ ଗୈରିକ ପତାକା ସହ ଘୋଷ ଯାତ୍ରା ରେ ସାମିଲ ହୋଇ ବଜାର ପରିକ୍ରମା କରିଥଲେ।

## ଦ୍ୱିତୀୟ ବାର୍ଷିକ ବୋଇତବନ୍ଦାଣ ପାଇଁ ପ୍ରସ୍ତୁତି ବୈଠକ

ଅସ୍ତରଙ୍ଗ (ହାଭାରତ) : ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣିମା ବୋଇତ ବନ୍ଦାଣ କୁ ନେଇ ଦ୍ୱିତୀୟ ବାର୍ଷିକୀ ପ୍ରସ୍ତୁତି ବୈଠକ ତାଳଦା ପଞ୍ଚାୟତ ସମାଜସେବୀ ପ୍ରତାପ ଚନ୍ଦ୍ର ପରିଡା ଙ୍କ ବାସ ଭବନରେ ଅନୁଷ୍ଠିତ ହୋଇଯାଇଛି, ଏହି ବୈଠକ ରେ ଉପଦେଷ୍ଟା ଭାବେ ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, ସମାଜସେବୀ ପ୍ରତାପ ଚନ୍ଦ୍ର ପରିଡା, ପ୍ରଫୁଲ୍ଲ କୁମାର ସେନାପତି, ସଭାପତି ଦିବାକର ସାହୁ, ଉପ ସଭାପତି ପ୍ରଦୀପ୍ତ କୁମାର ବିଶ୍ୱାଳ,ତାଳଦା ସରପଞ୍ଚ ଦୀପକ ପରିଡା, ତରାସାହି ସରପଞ୍ଚ ରାଜ କିଶୋର ବେହେରା ଓ ଅନ୍ୟ କର୍ମକତା ମାନେ ଯୋଗ ଦେଇଥିଲେ, ଚଳିତ ବର୍ଷ ବୋଇତ ବନ୍ଦାଣ ଉତ୍ସବ କୁ ବହୁ ଆଡମ୍ବର ସହିତ ଦଶ ଦିନ ଧରି ପାଳନ କରିବାକୁ ଅନୁଷ୍ଠାନ ତରଫରୁ ନିଷ୍ପତି ହୋଇଛି, ପ୍ରଥମେ ନଭେମ୍ବର ୪ ତାରିଖ ରୁ ୯ ତାରିଖ ପର୍ଯ୍ୟନ୍ତ ପୂର୍ବ ପାରମ୍ପରିକ ପ୍ରଥା ଓ ଇତିହାସ କୁ ବଜାୟ ରଖିବା ପାଇଁ ସାଧବ ପୁଅ, ବୋହୁ ଓ ତ ପୋଇ ଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ପ୍ରତ୍ୟେକ ଦିନ ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକ ମାନଙ୍କୁ ଭେଟି ଦିଆଯିବ, ତତସହିତ ନଭେମ୍ବର ୧୨ ତାରିଖ ରୁ ୧୫ ତାରିଖ ପର୍ଯ୍ୟନ୍ତ ଅପେରା ଶ୍ରୀ ମନ୍ଦିର ଦ୍ୱାରା ଯାତ୍ରା ପରିବେଶଣ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି। ଆଗରୁ ଆମ ଅଞ୍ଚଳ ରୁ ଦେବୀ, ପ୍ରାଚୀ ଦେଇ ଅନେକ ସାଧବ ପୁଅ ମାନେ ଜାଭା, ସୁମାତ୍ରା, ସିଂହଳ ପ୍ରଭୃତି ଦୀପ କୁ ନୌବାଣିଜ୍ୟ ରେ ବୋଇତ ମାଧ୍ୟମ ରେ ଯାଉଥିଲେ, ଯାହାର କିମ୍ବଦନ୍ତୀ ଆମ ଅଞ୍ଚଳ ରେ ମା ମଙ୍ଗଳା, ଦେବୀ ଚିତ୍ରେସ୍ୱରୀ ଓ ବୋଇତ କୁଦ ବାଜପୁର ଗ୍ରାମ ର ଇତିହାସ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ରହିଛି, କିନ୍ତୁ ଏହି ଐତିହାସିକ କିମ୍ବଦନ୍ତି ଆମ ଅଞ୍ଚଳ ର ମାତ୍ର ଆମ ପାଖରେ ଉକ୍ତ ଇତିହାସ ଲିଭି ଯାଇଛି, ବର୍ତ୍ତମାନ ଯୁବପିଢୀ ଅନ୍ୟ ଅଞ୍ଚଳ କୁ ଏହି ବୋଇତ ବନ୍ଦାଣ ଉତ୍ସବ ଦେଖୁବାକୁ ଯାଉଥିବା ବେଳେ ଏବେ ଆମ ଅଞ୍ଚଳ ରେ ଏହି ଇତିହାସ ରେ ପୃଷ୍ଠା କୁ ପୁନଃଜୀବିତ କରିବାକୁ ତାଳଦା ଓ ଜଗତସିଂହପୁର ତରାସାହି ଗ୍ରାମବାସୀ ଙ୍କ ନିଆରା ପ୍ରୟାସ କୁ ଅସ୍ତରଙ୍ଗ ଅଞ୍ଚଳ ରେ ଭୂୟସୀ ପ୍ରଶଂସା କରାଯାଇଛି, ତାଳଦା ସେତୁ ନିର୍ମାଣ ହେବା ପରେ ଚଳିତ ବର୍ଷ ବା ୨ ୟ ବାର୍ଷିକ ବୋଇତ ବନ୍ଦାଣ ରେ ୫୦ ହଜାର ଦର୍ଶକ ଙ୍କ ଭିଡ଼ ଜମିବ ବୋଲି ଆଶା କରାଯାଇଛି, ସମାଜସେବୀ ପ୍ରତାପ ପରିଡା ଙ୍କ ଔପଦେଷ୍ଟୀୟ ରେ ଏହି କାର୍ଯ୍ୟକ୍ରମ ସଂସ୍କୃତି, ପରମ୍ପରା ଓ ଇତିହାସ କୁ ପୁନଃ ଜୀବିତ କରାଯାଉଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମାନେ ବେଶ ଖୁସି ଅନୁଭବ କରିଛନ୍ତି, ଏହି ସଭା ଶେଷ ରେ ସଭାପତି ଦିବାକର ସାହୁ ଧନ୍ୟବାଦ ଜ୍ଞାପନ କରି ସଭା ସାଙ୍ଗ କରିଥିଲେ।

## ସିଙ୍ଗାରାମରେ ଦଶହରା ପ୍ରିମିୟର ଲିଗର ଆରମ୍ଭ

କୋରାପୁଟ(ମହାଭାରତ): ଲକ୍ଷ୍ମୀପୁର ବ୍ଲକ୍ର ସିଙ୍ଗାରାମ ଗ୍ରାମରେ ଦଶହରା ଉପଲକ୍ଷେ ଆୟୋଜିତ ଦଶହରା ପ୍ରିମିୟର କ୍ରିକେଟ ଲିଗ୍ରେ ଗ୍ରାମବାସୀଙ୍କ ଉତ୍ସାହ, ସହଯୋଗ ଓ ଆନନ୍ଦର ରଙ୍ଗରେ ସମଗ୍ର ମାଟି ମହୋତ୍ସବରେ ପରିଣତ ହୋଇଗଲା।ଏହି ପ୍ରତିଷ୍ଠିତ ପ୍ରତିଯୋଗିତାକୁ ଶୁଭ ଉଦଘାଟନ କରିଥିଲେ ଯୁବ ସମାଜସେବୀ ଶ୍ରୀଯୁକ୍ତ ପପୁ ହିକକା। ସହ-ଅତିଥି ଭାବେ ଯୋଗଦେଇଥିଲେ ସମାଜସେବୀ କାର୍ତ୍ତିକ ହିକକା।ଉଦଘାଟନୀ ସମାରୋହରେ ପପୁ ହିକକା ଯୁବମାନଙ୍କୁ ସନ୍ଦେଶ ଦେଇ କହିଲେ ଖେଳ ହେଉଛି ଶକ୍ତି, ସ୍ୱାସ୍ଥ୍ୟ ଓ ଶୃଙ୍ଖଳାର ପ୍ରତୀକ। ଏହା ଯୁବମାନଙ୍କୁ ମାଦକତାରୁ ଦୂରେଇ ସମାଜ ପାଇଁ ନୂଆ ପଥ ଦେଖାଇପାରେୟ ଦଳୀୟତା, ମିତ୍ରତା ଓ ସାମୁହିକତାର ମହ□ କ୍ରିକେଟ ଆମକୁ ଶିଖାଏ ।କାର୍ଯ୍ୟକ୍ରମରେ ଗ୍ରାମର ସଚେତନ ଯୁବ ଗଣେଶ ହିକକା, ସୁବେନ୍ଦ୍ର ନାଚିକା ସହିତ ଶହସ୍ରାଧିକ ଗ୍ରାମବାସୀ ଉପସ୍ଥିତ ହୋଇଥିଲେୟ ପିଚ୍ ପ୍ରସ୍ତୁତି, ପାଣି ବ୍ୟବସ୍ଥା, ଦଳମାନଙ୍କ ପାଇଁ ଆତିଥ୍ୟ – ପ୍ରତ୍ୟେକ କାମରେ ଗ୍ରାମବାସୀଙ୍କ ସାମୁହିକ ଭୂମିକା ଅଭିଭୂତ କରିଥିଲା ।ଗ୍ରାମବାସୀମାନଙ୍କର ବିଶ୍ୱାସ – ଏହି ପ୍ରିମିୟର ଲିଗୁ ଅନେକ ପ୍ରତିଭାଶାଳୀ ଯୁବ ଭବିଷ୍ୟତରେ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ କ୍ରିକେଟର ଭାବେ ନିଜ ପରିଚୟ ସୃଷ୍ଟି କରିବେୟ ସିଙ୍ଗାରାମର ଏହି କ୍ରିକେଟ ମହୋତ୍ସବ କେବଳ ଦଶହରାକୁ ସ୍ମରଣୀୟ କରିଦେଲା ତାହା ନୁହେଁ, ବରଂ ଯୁବମାନଙ୍କୁ ନୂଆ ସ୍ୱପ୍ନ, ଏକତା ଓ ସମୁଦାୟିକ ଶକ୍ତିର ପଥରେ ପ୍ରେରଣା ଦେଇଗଲା।

# ବିଷମକଟକର ଆରାଧ୍ୟା ଦେବୀ ମା' ମାର୍କମା

ବିଷମକଟକ(ମହାଭାରତ) : ରାୟଗଡ଼ା ଜିଲ୍ଲାର ବିଷମକଟକ ସହରରେ ଅବସ୍ଥିତ ମା' ମାର୍କମାଙ୍କ ମନ୍ଦିର କେବଳ ଏକ ପୂଜାସ୍ଥଳୀ ନୁହେଁ, ଏହା ସ୍ଥାନୀୟ ଆସ୍ଥା, ସଂସ୍କୃତି ଓ ଐତିହ୍ୟର ଜୀବନ୍ତ ପ୍ରତୀକ। ଓଡ଼ିଶାରେ ଏକମାତ୍ର ଏହି ଶକ୍ତିପୀଠରେ ମା' ମାର୍କମା ସହ ତାଙ୍କ ଭଉଣୀ ମା' କର୍କମାଙ୍କୁ ସମାନ ସ୍ଥାନ ଦେଇ ପୂଜା କରାଯାଏ । ଏହି ପୀଠ ଅଞ୍ଚଳବାସୀଙ୍କ ଧାର୍ମିକ ଜୀବନର କେନ୍ଦ୍ରବିନ୍ଦୁ ହେବା ସହିତ ସମଗ୍ର ରାୟଗଡ଼ା ଜିଲ୍ଲାର ପରିଚୟକୁ ମଧ୍ୟ ଅଲଗା ସ୍ଥାନ ପ୍ରଦାନ କରିଛି। ଇତିହାସ କୁହେ, ସୂର୍ଯ୍ୟବଂଶୀ ରାଜା କଳାହାଣ୍ଡିର ବିଷମକଟକରେ ଶାସନ କରୁଥିବା ସମୟରେ ମା' ମାର୍କମା ତାଙ୍କ ଇଷ୍ଟଦେବୀ ଥିଲେ। ବିଶ୍ୱାସ କରାଯାଏ ଯେ ଯୁଦ୍ଧକ୍ଷେତ୍ରରେ ଦେବୀଙ୍କ କୃପାରେ ରାଜା ବିଜୟୀ ହୋଇଥିଲେ। ପୂର୍ବକାଳରେ ଏହି ମନ୍ଦିରରେ ନରବଳି ପ୍ରଥା ପ୍ରଚଳିତ ଥିଲା, ଯାହାକୁ ବ୍ରିଟିଶ ଶାସନ କାଳରେ ବନ୍ଦ କରାଯାଇଥିଲା । ପରେ ମଇଁଷି ବଳି ପ୍ରଥା ଚାଲିଥିଲା, କିନ୍ତୁ ୧୯୫୩-୫୫ ମସିହାରେ ତତ୍କାଳୀନ ଆଞ୍ଚଳିକ ଅଧିକାରୀ ଗଦାଧର ମିଶ୍ରଙ୍କ ପ୍ରଚେଷ୍ଟାରେ ସେହି ପ୍ରଥାକୁ ସର୍ବଥା ବନ୍ଦ କରାଯାଇଥିଲା। ମା' ମାର୍କମାଙ୍କ ଉଲ୍ଲେଖ ସାରଳା ଦାସଙ୍କ ଚଣ୍ଡୀ ପୁରାଣ ଓ ମଞ୍ଚ ବଳରାମ ଦାସଙ୍କ ବଟ ଅବକାଶ ଭଳି ପ୍ରାଚୀନ ଗ୍ରନ୍ଥରେ ମିଳେ। ସେଠାରେ ତାଙ୍କୁ ଉତ୍କଳୀୟ ଯୋଗିନୀ ଭାବରେ ବର୍ଣ୍ଣନା କରାଯାଇଛି ।ବିଷମକଟକର ମନ୍ଦିର ପରିସରରେ ମା' ମାର୍କମାଙ୍କ ଭଉଣୀ ମା' କର୍କମାଙ୍କ ମନ୍ଦିର ମଧ୍ୟ ଅବସ୍ଥିତ। ଦୁଇ ଭଉଣୀଙ୍କୁ ଏକସଙ୍ଗେ ପୂଜା କରାଯିବାର ଏହି ପ୍ରଥା ଏହି ଶକ୍ତିପୀଠକୁ ବିଶେଷ ଆଧାତ୍ମିକ ଗୌରବ ପ୍ରଦାନ କରେ । ନ୍ଦିର




ପରିସରରେ ଦଶମହାବିଦ୍ୟାଙ୍କ ମୂର୍ତ୍ତି ସ୍ଥାପିତ ହୋଇଥିବାରୁ ଏହାର ପବିତ୍ରତା ଓ ଆଧାତ୍ମିକ ପରିବେଶ ଆହୁରି ଗାଢ଼ ହୋଇଥାଏ ।ପ୍ରତିବର୍ଷ ଏଠାରେ ଦଶହରା ଓ ଚୈତ୍ର ପର୍ବ ମହାଡମ୍ବରରେ ପାଳନ ହୁଏ । ବିଶେଷ କରି ଅଷ୍ଟମୀ ଦିନ ସହରରେ ମା'ଙ୍କ ପରିକ୍ରମା ଏକ ବିଶିଷ୍ଟ ପ୍ରଥା ଭାବେ ଦେଖାଯାଏ । ସେହିଦିନ ସହରର ପ୍ରତ୍ୟେକ ସାହିରେ ମା'ଙ୍କ ଅସ୍ଥାୟୀ ମଣ୍ଡପ ସଜାଯାଇଥାଏ । ଭକ୍ତମାନେ ସେହି ମଣ୍ଡପରେ ପୂଜା-ଅର୍ଚ୍ଚନା କରି ମା'ଙ୍କୁ ସ୍ୱାଗତ କରନ୍ତି। ଏହି ପ୍ରଥା ଯୁଗ ଯୁଗ ଧରି ଚାଲିଆସୁଛି ଓ ଭକ୍ତମାନେ ବିଶ୍ୱାସ କରନ୍ତି ଯେ, ଏଭଳି ପୂଜାରେ ମା'ଙ୍କ କୃପାରେ ତାଙ୍କର ମନୋକାମନା ପୂରଣ ହୁଏ ମା' ମାର୍କମା କେବଳ ବିଷମକଟକର ଇଷ୍ଟଦେବୀ ନୁହେଁ, ସେ ସ୍ଥାନୀୟ ସଂସ୍କୃତି, ଜୀବନ ଓ ପରିଚୟର ଅଖଣ୍ଡ ଅଂଶ ।ତାଙ୍କ ନାମରେ ବିଷମକଟକରେ କନିଷ୍ଠ ମହାବିଦ୍ୟାଳୟ ଓ ଡିଗ୍ରୀ କଲେଜ୍ର ସ୍ଥାପନା ହୋଇଛି । ଏହାରୁ ସ୍ପଷ୍ଟ, ଦେବୀ ପ୍ରତି ସ୍ଥାନୀୟ ଲୋକଙ୍କର ଗଭୀର ଶ୍ରଦ୍ଧା କିପରି ଶିକ୍ଷା ଓ ସମାଜୀକ ଜୀବନରେ ପ୍ରତିଫଳିତ ହୋଇଛି। ବିଷମକଟକ ସହରର ସୀମାରେ, ନିୟମଗିରି ପାହାଡ଼ମାଳାର ସାନିଧ୍ୟରେ ଅବସ୍ଥିତ ମା' ମାର୍କମାଙ୍କ ମନ୍ଦିର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଧାର୍ମିକତାର ସମ୍ପୂର୍ଣ୍ଣ ସମନ୍ୱୟ। ପ୍ରାକୃତିକ ପରିବେଶ ମଧ୍ୟରେ ଅବସ୍ଥିତ ଏହି ପୀଠ ପର୍ଯ୍ୟଟକମାନଙ୍କୁ ଶାନ୍ତି, ଭକ୍ତି ଓ ଅନ୍ତରିକ ଆନନ୍ଦର ଅଭିଜ୍ଞତା ଦେଇଥାଏ।

ବିଷମକଟକର ମା' ମାର୍କମା ମନ୍ଦିର କେବଳ ଏକ ଶକ୍ତିପୀଠ ନୁହେଁ, ବରଂ ରାୟଗଡ଼ା ଓ ସମଗ୍ର ଓଡ଼ିଶାର ଗୌରବ, ଯାହାରେ ଆସ୍ଥା, ଐତିହ୍ୟ ଓ ସଂସ୍କୃତିର ସାମ୍ୟବସ୍ଥା ସ୍ପଷ୍ଟ ଦେଖିବାକୁ ମିଳେ।

## ଡେକାଲବୁଡୁଣି ଓ ଘୋସପଡ଼ିରେ ସାଂସଦ ଓ ବିଧାୟକଙ୍କ ଗ୍ରାମ ପରିଦର୍ଶନ

### ୫ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ଘୋଷଣ



ବିଷମ କଟକ:(ମହାଭାରତ): ମହାଭାରତ: ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର କାଙ୍କୁବାଡ଼ି ଗ୍ରାମ ପଞ୍ଚାୟତର ଡେକାଲବୁଡୁଣି ଏବଂ ଘୋସପାଡ଼ି ଗ୍ରାମରେ ସାଂସଦ ସପ୍ତଗିରି ଉଲ୍ଲାକା ଓ ବିଧାୟକ ନୀଳମାଧବ ହିକକାଙ୍କ ନେତୃତ୍ୱରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ସଭାପତି କୃଷ୍ଣ ନାଣକା ଏବଂ ବିଭିଓ ଗ୍ରାମରୁ ଆଗତ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ ।ଗ୍ରାମବାସୀଙ୍କ ସମସ୍ୟା ଶୁଣି ସାଂସଦ ଶ୍ରୀ ଉଲ୍ଲାକା ଡେକାଲବୁଡୁଣି ଓ ଘୋସପାଡ଼ି ଗ୍ରାମ ପାଇଁ ନିଜ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଘୋଷଣା କରିଛନ୍ତି। ସେ ଏହି ଅନୁଦାନ ତୁରନ୍ତ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ହର୍ଷ ଟ୍ରଷ୍ଟ ତରଫରୁ ସାଂସଦଙ୍କୁ ନିମନ୍ତ୍ରଣ କରାଯାଇ କ୍ଲୋରଫେଲ ଏଜୁକେସନ ଲର୍ଣ୍ଣିଂ ସେ□ର ପରିଦର୍ଶନ କରାଯାଇଥିଲା। ।ଏହି କାର୍ଯ୍ୟକ୍ରମରେ କ୍ଲୋରଫେଲ ଫାଉଣ୍ଡେସନର ଡାଇରେକ୍ଟର ବ୍ରହ୍ମାନନ୍ଦ ସ୍ୱାଇଁ, ଚନ୍ଦନ କୁମାର ସିଂ, ଶିବପ୍ରସାଦ ଗୌଡ ଏବଂ ହର୍ଷ ଟ୍ରଷ୍ଟର ଅମରେନ୍ଦ୍ର ଚନ୍ଦ୍ର ନାଥ ଉପସ୍ଥିତ ରହି ପଟାମୁଣ୍ଡା ଗ୍ରାମର ପୁଷ୍ଟି ବଗିଚା ପରିଦର୍ଶନ କରାଇଥିଲେ। ଏହି କାର୍ଯ୍ୟକ୍ରମ ଗ୍ରାମର ଉନ୍ନୟନ ଓ ସ୍ଥାନୀୟ ସମସ୍ୟା ସମାଧାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଗ୍ରାମବାସୀ ମତ ଦେଇଛନ୍ତି।

## ନୂଆଦିଲ୍ଲୀରେ ସମ୍ମାନିତ ହେଲେ ଗଞ୍ଜାମର ଯୁବ ସମାଜସେବୀ ପ୍ରତ୍ୟୁଷ

ଆସିକା (ମହାଭାରତ): ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗଞ୍ଜାମର ଯୁବ ସମାଜସେବୀ ପ୍ରତ୍ୟୁଷ ରଞ୍ଜନ ଦାଶଙ୍କୁ ନୂଆଦିଲ୍ଲୀର ଭାରତ ମଣ୍ଡପମରେ 'ଯୁବା ସାମୁଦାୟିକ ଚାମ୍ପିଅନ୍ ପୁରସ୍କାର' ସହ ସମ୍ମାନିତ କରାଯାଇଛି। ଆନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ସଂଗଠନ 'ରାଷ୍ଟ୍ରୀୟ ଏକୀକୃତ କଳାକାର ଏବଂ କାର୍ଯ୍ୟକର୍ତ୍ତା ମଞ୍ଚ' (ନିଫା)ର ୨୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ୨୧ ରୁ ୨୪ ସେପ୍ଟେମ୍ବର ମଧ୍ୟରେ ଆୟୋଜିତ ଚାରିଦିନିଆ ରଜତ ଜୟନ୍ତୀ ସ୍ଥାପନା ସମାରୋହ ନୂଆଦିଲ୍ଲୀ ଏବଂ ହରିୟାଣାର କର୍ଣ୍ଣାଲରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦେଶ-ବିଦେଶରୁ ୧୫୦୦ରୁ ଅଧିକ ସମାଜସେବୀ ଏବଂ କଳାକାର ଯୋଗଦେଇଥିଲେୟ ସମସ୍ତ ରାଜ୍ୟରୁ ଚୟନିତ ସମାଜସେବୀ ଓ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶାରୁ ୧୩ ଜଣ ସମାଜସେବୀ ସମ୍ମାନିତ ହୋଇଥିଲେ, ଯାହାମାନଙ୍କ ମଧ୍ୟରେ ଗଞ୍ଜାମରୁ ଯୁବ ସମାଜସେବୀ ପ୍ରତ୍ୟୁଷ ରଞ୍ଜନ ଦାଶ ମଧ୍ୟ ଅନ୍ୟତମ। ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ସେବାକାର୍ଯ୍ୟ ପାଇଁ ସେ ଓଡ଼ିଶାରୁ ଚୟନିତ ହୋଇ 'ଯୁବା ସାମୁଦାୟିକ ଚାମ୍ପିଅନ୍ ପୁରସ୍କାର' ସାଙ୍ଗକୁ 'ୱାର୍ଲ୍ଡ ରେକର୍ଡ଼ ଅଫ୍ ଏକ୍ସଲେନ୍ସ, ଇଂଲଣ୍ଡ' ତରଫରୁ ପ୍ରଶଂସା ପତ୍ର ପ୍ରାପ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରତ୍ୟୁଷ ଓୟୁଏଟିର ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟର ଛାତ୍ର। ଛାତ୍ରଜୀବନରୁ ସେ ବିଭିନ୍ନ ସାମାଜିକ ସଂଗଠନ ସହ ଜଡିତ ହୋଇ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଚେତନତା, ରକ୍ତଦାନ, ବୃକ୍ଷରୋପଣ, ପ୍ରାକୃତିକ ବିପର୍ଯ୍ୟୟରେ ପ୍ରପୀଡ଼ିତଙ୍କୁ ସହାୟତା ପ୍ରଦାନ ଭଳି ସେବାକାର୍ଯ୍ୟରେ ସଦା ନିୟୋଜିତ। କରୋନା ମହାମାରୀ କାଳରେ ସେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହିତ ରୋଗୀମାନଙ୍କ ପାଇଁ ବହୁପ୍ରକାର ସହାୟତା ଯୋଗାଇ 'ଦେବଦୂତ' ସାବ୍ୟସ୍ତ ହୋଇଥିଲେ। ପ୍ରତ୍ୟୁଷ ଏହି ସମ୍ମାନକୁ ସମାଜକୁ ସମର୍ପିତ କରି, ନିଫାର ପ୍ରତିଷ୍ଠାତା ତଥା ଚେୟାରମେନ ଶ୍ରୀ ପ୍ରୀତପାଲ୍ ସିଂ ପାନ୍ତୁ, ସମସ୍ତ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ କାର୍ଯ୍ୟକର୍ତ୍ତା, ରାଜ୍ୟ ସଭାପତି ଶ୍ରୀ ଜ୍ଞାନଚନ୍ଦ୍ର ଶତପଥୀ ଓ ଜିଲ୍ଲା ସଭାପତି ଶ୍ରୀ ଅମୂଲ୍ୟ କୁମାର ଦାଶଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମରିସସ୍ର ମହାମହିମ ରାଷ୍ଟ୍ରପତିଙ୍କ ପ୍ରତିନିଧି, ପ୍ରସିଦ୍ଧ ଲେଖକ ଓ ପ୍ରେରଣାଦାୟକ ବକ୍ତା ଶିବ ଖେରା, ହରିୟାଣା ବିଧାନସଭାର ମାନ୍ୟବର ବାଚସ୍ପତିଙ୍କ ସମେତ ଦେଶ ବିଦେଶରୁ ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷମାନେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ।

## ଆର୍ଯ୍ୟାଟେକ୍ କମ୍ପ୍ୟୁଟର ଏକାଡେମୀ ଉଦ୍‌ଘାଟିତ

ବାଲିପାଟଣା ( ମହାଭାରତ): ବାଲିପାଟଣା କଲେଜ ରୋଡରେ ଆର୍ଯ୍ୟାଟେକ୍ କମ୍ପ୍ୟୁଟର ଏକାଡେମୀ ନାମରେ ଏକ ନୂତନ କମ୍ପ୍ୟୁଟର କୋଚିଂ ଅନୁଷ୍ଠାନ ଉଦଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିର୍ମାଣ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ତଥା ଶିକ୍ଷାବିତ ସିଦ୍ଧେଶ୍ୱର ମହାନ୍ତି ଯୋଗଦେଇ ଏହାର ଉଦଘାଟନ କରିଥିଲେ । ଆଧୁନିକ ଯୁଗରେ କମ୍ପ୍ୟୁଟର ଶିକ୍ଷା ସମସ୍ତଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ ଏବଂ ଏହି ଏକାଡେମୀ ମାଧ୍ୟମରେ ଛାତ୍ରଛାତ୍ରୀ ମାନେ ନୂତନ କ୍ୟାରିୟର ସୃଷ୍ଟି କରିବା ସହ ନିଯୁକ୍ତି ସୁଯୋଗ ପାଇବେ ବୋଲି ମୁଖ୍ୟ ଅତିଥି କହିଛନ୍ତି ।ଏଠାରେ ଛାତ୍ରଛାତ୍ରୀଙ୍କୁ ସବୁପ୍ରକାର କମ୍ପ୍ୟୁଟର ଶିକ୍ଷା ଯେମିତି କି ପିଜିଡିସିଏ , ଏପିଜିଡିସିଏ , ଡିସିଏ , ଟ୍ୟାଲି , ସି++ , ଡ଼ିଟିପି , ଫଟୋସୋପ ସହିତ ସ୍ପୋକନ ଇଂରାଜୀ ଶିକ୍ଷା ପ୍ରଦାନ କରାଯିବ ବୋଲି ଆର୍ଯ୍ୟାଟେକ୍ କମ୍ପ୍ୟୁଟର ଏକାଡେମୀର ମୁଖ୍ୟ ଚନ୍ଦ୍ରଶେଖର ପଣ୍ଡା ଏବଂ ମୋନାଲିସା ସାହୁ କହିଛନ୍ତି।



### ପୂର୍ତ୍ତ ବିଭାଗରେ ଅଚଳାବସ୍ଥା

# ରଣପୁରକୁ ଗୁରୁତ୍ୱ , ଅନ୍ୟ ସବୁ ଉପେକ୍ଷା

ନୟାଗଡ଼, ( ମହାଭାରତ ) : ନୟାଗର ରାସ୍ତା ଓ ଗୃହ ନିର୍ମାଣ ବିଭାଗରେ ସୃଷ୍ଟି ହୋଇଛି ଅଚଳାବସ୍ଥା। ଜିଲ୍ଲାର କୌଣସି କୋଣରେ କାର୍ଯ୍ୟ ସଠିକ ଭାବେ ହେଉନଥିବା ବେଳେ ରଣପୁରରେ କିନ୍ତୁ ବିଲ୍ ଅଟକୁନାହିଁ। ଏଭଳି ସ୍ଥିତିକୁ ନେଇ ଠିକାଦାର ମାନେ ପ୍ରବଳ ଅସନ୍ତୋଷ ଅବସ୍ଥାରେ ରହିଛନ୍ତି। ନୟାଗଡ଼, ଦଶପଲ୍ଲା ନିର୍ବାଚନ ମଣ୍ଡଳୀକୁ ସମ୍ପୂର୍ଣ ଅଣଦେଖା କରାଯାଉଥିବା ଜଣାପଡ଼ିଛି। ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ସରିଥିବା ଅନେକ ପ୍ରକଳ୍ପର ବିଲ୍ ମଧ୍ୟ ପ୍ରଦାନ କରାଯାଉନାହିଁ। ଖଣ୍ଡପଡ଼ାରେ ଯେନତେନ କାର୍ଯ୍ୟ ହେଉଥିବା ବେଳେ ରଣପୁରରେ ପାନରୁ ଚୂନ ଖସୁନାହିଁ। ରଣପୁରରେ ବିନା ଟେଣ୍ଡର ତଥା ସ୍ପିଟପ କାମ ଠାରୁ ଆରମ୍ଭ କରି ନାନାଦି ନୂଆ ପ୍ରକଳ୍ପକୁ ଅନୁମୋଦନ କରାଯାଇ କାର୍ଯ୍ୟ କରାଯାଉଥିବା ବେଳେ ଜିଲ୍ଲାର ଅନ୍ୟ ସମସ୍ତ ପ୍ରକଳ୍ପକୁ ଦୃଷ୍ଟି ଦିଆଯିବା ଆବଶ୍ୟକ ରହିଛି। ପୂର୍ବ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟଧାରାକୁ ନେଇ ଦଶପଲ୍ଲା ଏସ୍ଡିଓ ତେରେଛା ବାଣ ମାରିଥିବା ବେଳେ ଜିଲ୍ଲାର କାର୍ଯ୍ୟରତ ଅନ୍ୟ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ମାନେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିବା ଆରମ୍ଭ କରିଛନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ବର୍ଷ ବର୍ଷ ଧରି ଛୋଟ ଛୋଟ କାମ କରି ପେଟ ପୋଷୁଥିବା ଠିକାଦାର ମାନେ ଏବେ ପକେଟ ଖର୍ଚ୍ଚ କରିବାକୁ ଟଙ୍କାଟିଏ ପାଉନଥିବା ଜଣାପଡ଼ିଛି। ଜରୁରୀ କାଳୀନ ସ୍ଥିତିରେ ଦାୟିତ୍ୱ ମୁଣ୍ଡାଉଥିବା ଠିକାଦାର ମାନେ ମୁହଁ ଫେରାଇବା ଆରମ୍ଭ କରିଛନ୍ତି। ନୟାଗଡ଼ ଜିଲ୍ଲାରେ ଅନେକ ନୂତନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରୁନଥିବା ବେଳେ ନିର୍ମାଣଧୀନ ଅବସ୍ଥାରେ ଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ନୟାଗଡ଼ ଡାହୁକା ନଦୀ ବ୍ରିଜ, ପିଟିଏସ୍ ଠାରୁ ଜଗନ୍ନାଥ ମନ୍ଦିର ରାସ୍ତା, ସଦରଥାନା ଠାରୁ କ୍ଷତ୍ରିବରପୁର ରାସ୍ତା, ମହିପୁର ବାହାଡ଼ଝୋଲା ରାସ୍ତା, ଖଣ୍ଡପଡ଼ା କଳାପଥର ରାସ୍ତା, କାଳିଗିରି ବ୍ରିଜ, ଖଣ୍ଡପଡ଼ା ପଶ୍ଚିମାଞ୍ଚଳ ସେତୁ କାର୍ଯ୍ୟକୁ ନେଇ ଜନଅସନ୍ତୋଷ ତୀବ୍ର ହେଉଛିୟ ନୟାଗଡ଼ ଜିଲ୍ଲାରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଉଥିବା ୨୫ରୁ ଉର୍ଦ୍ଧ୍ୱ ରାସ୍ତା ଅଧା ଅଧୁରା ଅବସ୍ଥାରେ ରହିଥିବା ବେଳେ ୫ଟି ପୋଲ ଅବସ୍ଥା ମଧ୍ୟ ସମାନ। ନୟାଗଡ଼ ଜିଲ୍ଲା ସଦର ବ୍ଲକ ବାଲୁଗାଁ ନିକଟସ୍ଥ ଡାହୁକା ନଦୀ ଉପରେ ଦୀର୍ଘବର୍ଷ ତଳୁ ପୋଲ ନିର୍ମାଣ କାମ ଆରମ୍ଭ ହୋଇଛି। ଏହାର ଗୋଟିଏ ଫୁକାର କାମ ଶେଷ ହୋଇଥିବା ବେଳେ ଅବଶିଷ୍ଟ କାମ ଶେଷ କରିବାକୁ ଅନୁନ୍ୟ ୪ ବର୍ଷ ଲାଗିବ ବୋଲି ଅନୁମାନ କରାଯାଉଛି। ଏହି ପୋଲ ନିର୍ମାଣ ପାଇଁ ୧୦ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ୧ କୋଟି ୮୧ ଲକ୍ଷ ଟଙ୍କା ଠିକାଦାରଙ୍କୁ ବିଲ୍ ପ୍ରଦାନ କରାଯାଇଛି। ସେହିଭଳି ଭାବେ ଶରଣକୁଳ ଦର୍ପନାରାୟଣପୁର ଦୁଆ□ ନଦୀ ଉପରେ ପୋଲ ଅଧପନ୍ତରିଆ ଅବସ୍ଥାରେ ରହିଛି। ଏଥିପାଇଁ ୧୧ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ୨୦୨୫ ମସିହା ଫେବୃୟାରୀ ସୁଦ୍ଧା ନିର୍ମାଣ ଶେଷ କରିବାକୁ ଲକ୍ଷ ରହିଥିଲା। ମହୀପୁର ବାହାଡ଼ାଝୋଲା ରାସ୍ତା ଉପରେ ନିର୍ମାଣ କରାଯାଉଥିବା ୫୦ ମିଟର ହାଇଲ ଲେବଲ୍ ବ୍ରିଜ କାମ ପାଇଁ ୬ କୋଟି ୩୨ ଲକ୍ଷ ବ୍ୟୟ ବରାଦ ହୋଇଥିବା ବେଳେ କାମ ସାମାନ୍ୟ ସରିଥିବା ଦେଖାଯାଇଛି। ଉକ୍ତ ପୋଲ ୨୦୨୪ ଡିସେମ୍ବର ମଧ୍ୟରେ ସାରିବାକୁ ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଉକ୍ତ ପୋଲ ନିର୍ମାଣ କାମ ଶେଷ ହେବାକୁ ୩ ବର୍ଷରୁ କମ ସମୟ ଲାଗିବ ନାହିଁ ବୋଲି ଅନୁମାନ ହେଉଛି। ସବୁଠାରୁ ବ୍ୟସ୍ତ ବହୁଳ ରାସ୍ତା ରାଜସୁନାଖଳା ଚନ୍ଦପୁର ରାସ୍ତା ଉପରେ ଦୀର୍ଘଦିନର ଦାବି ମନ୍ଦାକିନୀ ସେତୁ ନିର୍ମାଣ ପାଇଁ ୭ କୋଟି ୩୫ ଲକ୍ଷ ବ୍ୟୟ ବରାଦ ହୋଇଥିବା ବେଳେ କାମ ୨୦୨୪ ମସିହା ଅଗଷ୍ଟ ମାସ ସୁଦ୍ଧା ଶେଷ କରିବାକୁ ଲକ୍ଷ ରଖାଯାଇଥିଲା। ଅଧୁନା ଉକ୍ତ ପୋଲ ନିର୍ମାଣ ଅଧପନ୍ତରିଆ ଅବସ୍ଥାରେ ରହିଛି। ଓଡ଼ଗାଁ ବାହାଡ଼ଝୋଲା ନୂଆଗାଁ ରାସ୍ତା କୁସୁମୀ ନଦୀ ଉପରେ ନିର୍ମାଣଧୀନ ପୋଲ ପାଇଁ ୮ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ କାମ ଅଧାଅଧୁରା ଅବସ୍ଥାରେ ରହିଛି। ସେହିଭଳି ଭାବେ ଅତ୍ୟନ୍ତ ଜରୁରୀ ପୂର୍ଣ୍ଣ ଭାପୁର ବ୍ଲକ କାଳିଗିରି ବ୍ରିଜ ନିର୍ମାଣ କାର୍ଯ୍ୟ ଅଧା ଅଧୁରା ଅବସ୍ଥାରେ ରହିଛି। ୯ କୋଟି ୭୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ବ୍ରିଜ କାମ କେବେ ଶେଷ ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିଭଳି ଭାବେ ନିର୍ମାଣ ହେବାକୁ ଥିବା ଅନେକ ବ୍ରିଜ ଦୁର୍ବଳ ଅବସ୍ଥାରେ ରହିଥିବା ବେଳେ ସେଗୁଡ଼ିକ କେବେ କାର୍ଯ୍ୟାରମ୍ଭହେବ ବୋଲି ପ୍ରଶ୍ନ ଉଠିଛି। ନୟାଗଡ଼ ଦର୍ପନାରାୟଣପୁର ରାସ୍ତାରେ ୩ଟି ବ୍ରିଜ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ନୟାଗଡ଼ ବୋଦାପଡ଼ା ନିକଟସ୍ଥ ଲୁଣିଝରା ଠାରେ ଦୀର୍ଘବର୍ଷ ତଳୁ ନୂଆ ବ୍ରିଜ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଏସବୁ ପ୍ରତି ବିଭାଗ ନିର୍ବାଚନ ପରଠାରୁ ସମ୍ପୂର୍ଣ ଅଣଦେଖା କରି ଆସୁଛି। ଅନେକ ନିର୍ମାଣଧୀନ ରାସ୍ତା କାର୍ଯ୍ୟ ଶେଷ ହୋଇପାରୁନଥିବା ବେଳେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଉଥିବା ଅନେକ କୋଠା କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହେଉନଥିବା ଜଣାପଡ଼ିଛି। ବର୍ଷାଧିକ କାଳ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ବିଲ୍ ପ୍ରଦାନ ଅବହେଳା ମୁଖ୍ୟ ସମସ୍ୟା ବୋଲି ଜଣାପଡ଼ିଛି। ଅନେକ ନିର୍ମାଣ କାର୍ଯ୍ୟ ସରିଥିବା ପ୍ରକଳ୍ପ ହସ୍ତାନ୍ତର ହୋଇପାରୁନଥିବା ମଧ୍ୟ ଜଣାପଡ଼ୁଛି। ଜିଲ୍ଲାର ଜଣେ ବିଧାୟକଙ୍କ ଚାପରେ ପୂର୍ବ ଅଧିକ୍ଷଣ ଯନ୍ତ୍ରୀ ଚାପ ଗ୍ରସ୍ତ ହୋଇଥିବା ଆଲୋଚନା ହେଉଛି। ଏପରିକି ଜିଲ୍ଲା ପ୍ରଶାସନକୁ ମଧ୍ୟ ପୂର୍ତ୍ତ ବିଭାଗ ଅଣଦେଖା କରୁଥିବା ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ଜିଲ୍ଲା ବିକାଶ ପଥରେ ଆଗେଇବ ନାଁ ବିନାଶ ପଥରେ ଆଗେଇବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବାଂଲାଦେଶରେ ଉତ୍ତେଜନା, ୩ ମୃତ ଏବଂ ଅନେକ ପୋଲିସ୍ ଆହତ

ବାଂଲାଦେଶ: ବାଂଲାଦେଶରେ ପୁଣି ଥରେ ଦେଖାଦେଇଛି ଉତ୍ତେଜନା । ଏକ ଆଦିବାସୀ ବହୁଳ ଅଞ୍ଚଳରେ ତିନି ଜଣଙ୍କର ମୃତ୍ୟୁ ହୋଇଛି । ବାଂଲାଦେଶ ଗୃହ ମନ୍ତ୍ରଣାଳୟ ରବିବାର ଏକ ବିବୃତ୍ତିରେ କହିଛି ଯେ ପାହାଡ଼ି ଜିଲ୍ଲା ଖାଗରାଛରୀରେ ଘଟିଥିବା ଉତ୍ତେଜନାରେ ତିନି ଜଣ ଆଦିବାସୀଙ୍କ ମୃତ୍ୟୁ ହୋଇଛି । ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି । ସେଠାରେ ସେନା ଏବଂ ପୋଲିସ ମୁତୟନ କରାଯାଇଛି । ବିବୃତ୍ତିରେ କୁହାଯାଇଛି ଯେ, ଖାଗରାଛରୀ ଜିଲ୍ଲାର ଗୁଇମାରା ଉପଜିଲାରେ ଦୁର୍ବୃତ୍ତମାନଙ୍କ ଆକ୍ରମଣରେ ତିନି ଜଣ ପାହାଡ଼ି ଲୋକଙ୍କ ମୃତ୍ୟୁ ଏବଂ ଜଣେ ମେଜରଙ୍କ ସମେତ ୧୩ ଜଣ ସେନା କର୍ମଚାରୀ, ଗୁଇମାରା ପୋଲିସ ଷ୍ଟେସନର ଓସିଙ୍କ ସମେତ ତିନି ଜଣ ପୋଲିସ ଏବଂ ଅନେକ ଆହତ ହେବା ଘଟଣାରେ ଗୃହ



ମନ୍ତ୍ରଣାଳୟ ଗଭୀର ଦୁଃଖ ପ୍ରକାଶ କରିଛି । ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଜଣେ ଆଦିବାସୀ ସ୍କୁଲ ଛାତ୍ରୀଙ୍କ ସହ ଗଣଦୁଷ୍କର୍ମ ଅଭିଯୋଗକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା । ଜମ୍ମୁ ଛାତ୍ର ନାମକ ଏକ ଗୋଷ୍ଠୀ ଗଣଦୁଷ୍କର୍ମର ପ୍ରତିବାଦ କରିଥିଲେ । ଗୋଟିଏ ସ୍ଥାନରେ ଆଦିବାସୀ ଏବଂ ବଙ୍ଗାଳୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ବାଂଲାଦେଶ ସରକାର ଏହି ଅଞ୍ଚଳରେ ରାଲିକୁ ନିଷିଦ୍ଧ କରିଛନ୍ତି । ଏଥିସହ ଜାଣିରଖନ୍ତୁ ଯେ, ଜଣେ ଆଦିବାସୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ପରେ ପ୍ରତିବାଦ ଆରମ୍ଭ ହୋଇଥିଲା । ପ୍ରଶାସନ ଧାରା ୧୪୪ ଜାରି କରିଥିଲା । ଏହା ସତ୍ତ୍ୱେ, ପ୍ରତିବାଦ ଜାରି ରହିଲା ଏବଂ ଉତ୍ତେଜନା ଘଟିଥିଲା, ଯେଉଁଥିରେ ଅନେକ ଆହତ ହୋଇଥିଲେ । ଦକ୍ଷିଣ-ପୂର୍ବ ଜିଲ୍ଲାରେ ଆଦିବାସୀ ଏବଂ ବଙ୍ଗାଳୀ ସମ୍ପ୍ରଦାୟର ସଦସ୍ୟଙ୍କ ମଧ୍ୟରେ ସଂଘର୍ଷରେ ଅତି କମରେ ତିନି ଜଣଙ୍କର ମୃତ୍ୟୁ ହୋଇଥିଲା । ପୋଲିସ ମୃତ୍ୟୁର ସତ୍ୟତା ନିଶ୍ଚିତ କରିଥିଲା କିନ୍ତୁ ସେମାନଙ୍କ ପରିଚୟ ପ୍ରକାଶ କରିନଥିଲା । ସ୍ଥାନୀୟ ବାସିନ୍ଦା ଏବଂ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ ଖଗରାଛରୀ ପାହାଡ଼ ଜିଲ୍ଲାରେ ଉଭୟ ପକ୍ଷ ଉତ୍ତେଜନା ହୋଇ ପରସ୍ପରର ଦୋକାନ ଏବଂ ଘର ପୋଡ଼ି ଦେଇଥିଲେ ।

## ଦଳାଚକଟା ଘଟଣା ପରେ ବିଜୟଙ୍କ ଘରକୁ ବୋମାରେ ଉଡ଼ାଇବାକୁ ଧମକ

ତାମିଲନାଡୁ : ଶନିବାର କରୁରରେ ହୋଇଥିବା ଅଘଟଣରେ ସମସ୍ତେ ସ୍ତବ୍ଧ । ବିଜୟଙ୍କ ରାଲିରେ ଏହାପରେ ସାଉଥ ସୁପରଷ୍ଟାର ତଥା ଟିଭିକେର ସଭାପତି ବିଜୟଙ୍କ ବାସଭବନରେ ବୋମା ଧମକ ମିଳିଛି । ଜଣେ ଅଜଣା ବ୍ୟକ୍ତି ପୋଲିସକୁ ଫୋନ୍ କରି ବିଜୟଙ୍କ ଘରକୁ ଉଡ଼ାଇ ଦେବାକୁ ଧମକ ଦେଇଥିଲେ, ଯାହା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ଖବର ମୁତାବକ, ସକାଳ ପ୍ରାୟ ୫ଟା ୨୦ ସମୟରେ ଚେନ୍ନାଇ ପୋଲିସ କଣ୍ଟ୍ରୋଲ ରୁମକୁ ଏକ କଲ୍ ଆସିଥିଲା, ଯେଉଁଥିରେ ଜଣେ ଅଜଣା ବ୍ୟକ୍ତି ବିଜୟଙ୍କ ବାସଭବନରେ ବିସ୍ଫୋରକ ରଖାଯାଇଛି ବୋଲି ଦାବି କରିଥିଲେ । ପୋଲିସ ଏହି ଖବର ପାଇବା ମାତ୍ରେ ବୋମା ଚିହ୍ନଟ ଏବଂ ନିଷ୍କ୍ରିୟକାରୀ ଦଳରୁ ତିନୋଟି ଦଳ, ଏକ ସ୍ନିଫର କୁକୁର ୟୁନିଟ୍ ସହିତ ତୁରନ୍ତ ଘଟଣାସ୍ଥଳକୁ ଯାଇଥିଲେ । ଯାହା ପରେ ସମଗ୍ର ଘର ଏବଂ ଆଖପାଖ ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବରେ ଯାଞ୍ଚ କରାଯାଇଥିଲା । ପ୍ରାୟ ଏକ ଘଣ୍ଟାର ତଦନ୍ତ ପରେ ପୋଲିସକୁ କୌଣସି



ବିସ୍ଫୋରକ ବାସଭବନରୁ ମିଳିନଥିଲା । ବୋମା ଧମକ ମିଥ୍ୟା ହୋଇଥାଇପାରେ, କିନ୍ତୁ ପୋଲିସ ଏବଂ ସୁରକ୍ଷା ବାହିନୀ ଏହାକୁ ଗମ୍ଭୀରତାର ସହ ନେଇଛନ୍ତି । ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, କଲରଙ୍କୁ ଚିହ୍ନଟ କରାଯାଉଛି ଏବଂ ଏକ କଲ୍ ଟ୍ରେସିଂ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଧରାପଡିବା ପରେ ଅପରାଧୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ସୂଚନାଯୋଗ୍ୟ, ସେପଟେମ୍ବର ୨୭ ତାରିଖରେ କରୁରରେ ବିଜୟଙ୍କ ନେତୃତ୍ୱରେ ଟିଭିକେ ରାଲି ସମୟରେ ଦଳାଚକଟାରେ ଏ ପର୍ଯ୍ୟନ୍ତ ମୃତ୍ୟୁ ସଂଖ୍ୟା ୪୦ରେ ପହଞ୍ଚିଛି ଏବଂ ୬୦ରୁ ଅଧିକ ଲୋକ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ଅଛି । ଅନ୍ୟପଟେ ଅଭିନେତା ବିଜୟ ମୃତକଙ୍କ ପରିବାର ପାଇଁ ପ୍ରତ୍ୟେକଙ୍କୁ ୨୦ ଲକ୍ଷ ଏବଂ ଆହତଙ୍କ ପରିବାର ପାଇଁ ୨ ଲକ୍ଷ କ୍ଷତିପୂରଣ ଘୋଷଣା କରିଛନ୍ତି ।

## ଅସ୍ତ୍ର ଛାଡ଼ିବ ହମାସ : କତର



ୱାସିଂଟନ : ଗାଜାରେ ଶାନ୍ତି ଫେରିବାର ଆଶା ସୃଷ୍ଟି ହୋଇଛି । ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ତାଙ୍କ ସାକ୍ଷାତ ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ସେ ବିଶ୍ୱାସ କରୁଛନ୍ତି ଯେ ଗାଜାରେ ଶାନ୍ତି ପ୍ରତିଷ୍ଠା ହେବାକୁ ଯାଉଛି । ସେ କହିଛନ୍ତି ଯେ ଅସ୍ତ୍ରତ୍ୟାଗ କରିବାକୁ ହମାସକୁ ପ୍ରବର୍ତ୍ତାଇବାକୁ କତର ତାଙ୍କୁ ପ୍ରତିଶ୍ରୁତି ଦେଇଛି ।

କତର ଟ୍ରମ୍ପଙ୍କୁ ଆଶ୍ୱାସନା ଦେଇଛି ଯେ ଏହା ହମାସକୁ ଏକ ଶାନ୍ତି ଚୁକ୍ତିରେ ରାଜି ହେବାକୁ ରାଜି କରାଇପାରିବ, ଯେଉଁଥିରେ ଅସ୍ତ୍ରଶସ୍ତ୍ର ସମର୍ପଣ ଏବଂ ସଶସ୍ତ୍ର କାର୍ଯ୍ୟକଳାପ ସମାପ୍ତ କରିବା ପାଇଁ ସର୍ତ୍ତାବଳୀ ଅନ୍ତର୍ଭୁକ୍ତ ହେବ। କତର କହିଛି ଯେ ଏହାର ମଧ୍ୟସ୍ଥତା ଗାଜାରେ ଉତ୍ତେଜନା କମ କରିବାରେ ସାହାଯ୍ୟ କରିବ ଏବଂ ପାଲେଷ୍ଟାଇନୀ ଗୋଷ୍ଠୀକୁ ଆଲୋଚନା କରିବାକୁ ଉତ୍ସାହିତ କରିବ। ଏହି ପଦକ୍ଷେପ ମଧ୍ୟପ୍ରାଚ୍ୟ ଶାନ୍ତି ପ୍ରୟାସରେ ଏକ ମୋଡ଼ ସାବ୍ୟସ୍ତ ହୋଇପାରେ। ଇସ୍ରାଏଲୀ ସମ୍ବାଦପତ୍ର ଦି ଜେରୁଜେଲମ ପୋଷ୍ଟର ରିପୋର୍ଟ ଅନୁସାରେ ୱାସିଂଟନରେ ଅନୁଷ୍ଠିତ ଏହି ବୈଠକରେ କତରର ବରିଷ୍ଠ ଅଧିକାରୀମାନେ ବି ଯୋଗ ଦେଇଛନ୍ତି । ଏହି ବୈଠକ ପୂର୍ବରୁ ନେତାନ୍ୟାହୁ କତରର ପ୍ରଧାନମନ୍ତ୍ରୀ ଶେଖ ମହମ୍ମଦ ବିନ ଅବଦୁଲ ରେହମାନ ଅଲ ଥାନିଙ୍କୁ କଲ କରି ଦୋହାରେ ହୋଇଥିବା ଇସ୍ରାଏଲୀ ଆକ୍ରମଣ ପାଇଁ ଦୁଃଖପ୍ରକାଶ କରିଥିଲେ ।

## ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ କଲେ ସୁରକ୍ଷାବଳ

ଇମ୍ଫାଲ: ମଣିପୁର ପୁଲିସ୍ ଓ ସୁରକ୍ଷା ବଳ ଦ୍ୱାରା ଚଳାଯାଇଥିବା ଅଭିଯାନ ସମୟରେ ବିପୁଳ ପରିମାଣରେ ଅସ୍ତ୍ର-ଶସ୍ତ୍ର ଓ ଗୋଳାବାରୁଦ ଜବତ କରାଯାଇଛି। ଗତ ରବିବାର ଦିନ ଇମ୍ଫାଲ୍ ପଶ୍ଚିମ ଜିଲ୍ଲାର ପାଟସୋଇ ପୁଲିସ୍ ଥାନା ଅଧୀନ ସଙ୍ଗାଇଥେଲ୍ ଲୋଙ୍ଗା କୋଇରେଂ କ୍ରସିଂ ଠାରେ ସୁରକ୍ଷା ବଳ ଏକ ବଡ଼ ଜବତ ଅଭିଯାନ ଚଳାଇଥିଲେ ଓ ଏହି ସମୟରେ ବହୁଳ ପରିମାଣରେ ଅସ୍ତ୍ର-ଶସ୍ତ୍ର, ଗୋଳାବାରୁଦ ଓ ସାମରିକ ସାଜସଜ୍ଜା ଜବତ କରିଥିଲେ। ମଣିପୁର ପୁଲିସ୍ ମୁଖ୍ୟାଳୟ ତରଫରୁ ଜଣାପଡ଼ିଛି ଯେ, ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ଅଛି – ଚାରିଟି ସିଙ୍ଗଲ୍ ବ୍ୟାରେଲ୍ ଗନ୍, ଗୋଟିଏ ସଂଶୋଧିତ ସ୍ନାଇପର୍ ରାଇଫଲ୍, ଗୋଟିଏ ୯ ଏମଏମ ପିସ୍ତଲ୍ ଓ ମ୍ୟାଗଜିନ୍, ଦୁଇଟି .୩୨ ପିସ୍ତଲ୍ ମ୍ୟାଗଜିନ୍, ଦୁଇଟି ଇନସାସ୍ ରାଇଫଲ୍ ମ୍ୟାଗଜିନ୍, .୩୦୩ ରାଇଫଲ୍ ର ୩୭ ରାଉଣ୍ଡ କାର୍ତୁସ, ଏସଏଲଆରର ୬୮ ରାଉଣ୍ଡ ଗୋଳି, ୯ ଏମଏମ ର ୧୫ ରାଉଣ୍ଡ ଗୋଳି, ଛଅଟି ୭.୬୨ ଏମଏମ ହାଇ-ଡେନ୍ସିଟି କାର୍ତୁସ, ଚାରିଟି ଏସଏ ୧୬ ଏମଏମ ସିଙ୍ଗଲ୍ ରେଡ୍ କାରତୁସ ଓ ତିନିଟି ସ୍ନାଇପର୍ ରାଉଣ୍ଡ ସାମିଲ ରହିଛି। ଏହା ସହିତ, ସୁରକ୍ଷା ବଳ ତିନିଟି ବିପି ପ୍ଲେଟ୍, ତିନିଟି ନମ୍ବର ୩୬ ହ୍ୟାଣ୍ଡ ଗ୍ରେନେଡ୍ , ତିନିଟି ଡେଟୋନେଟର୍, ୧୪ଟି ହେଲମେଟ୍, ଦୁଇଟି ବାଓଫେଙ୍ଗ୍ ହ୍ୟାଣ୍ଡସେଟ୍, ତିନିଟି ଛଦ୍ମ ଟି-ଶର୍ଟ୍ ଓ ତିନିଟି ବ୍ୟାଗ୍ ଜବତ କରିଛନ୍ତି।

## ବରେଲି ହିଂସା ପରେ ବଡ଼ କାର୍ଯ୍ୟାନୁଷ୍ଠାନ, ମୌଲାନା ତୌକିର ରଜାଙ୍କ କାର୍ଯ୍ୟାଳୟ ସିଲ୍

ବରେଲି : ବରେଲିରେ ଶୁକ୍ରବାର ପ୍ରାର୍ଥନା ପରେ 'ଆଇ ଲଭ୍ ମହମ୍ମଦ' ଅଭିଯାନକୁ ସମର୍ଥନ କରି ବିକ୍ଷୋଭକାରୀ ଓ ପୁଲିସ ମଧ୍ୟରେ ହିଂସାତ୍ମକ ସଂଘର୍ଷ ହୋଇଥିଲା। ହିଂସାତ୍ମକ ସଂଘର୍ଷର ମାଷ୍ଟରମାଇଣ୍ଡ ଅଭିଯୋଗରେ ସ୍ଥାନୀୟ ମେ ?ଲାନା ତଥା ଇତ୍ତେହାଦ୍-ଏ-ମିଲ୍ଲତ ପରିଷଦର ମୁଖ୍ୟ ତୌକିର ରଜା ଖାନକୁ ପୁଲିସ ଗିରଫ କରିଥିଲା। ଏବେ ତାଙ୍କ ବିରୋଧରେ ଆଉ ଏକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବରେଲି ନଗର ନିଗମ ମୌଲାନା ତୌକିର ରଜାଙ୍କ ସଂଗଠନ, ଇତ୍ତେହାଦ-ଏ-ମିଲ୍ଲତ ପରିଷଦ (ଆଇଏମସି)ର କାର୍ଯ୍ୟାଳୟକୁ ସିଲ୍ କରିଛି। ଏହି କାର୍ଯ୍ୟାନୁଷ୍ଠାନ ବରେଲିରେ ନିଆଯାଇଛି। ଆଇଏମସି କାର୍ଯ୍ୟାଳୟ ଏକ ସପିଂ କମ୍ପ୍ଲେକ୍ସ ଭିତରେ ଥିଲା। ଏହି ସପିଂ କମ୍ପ୍ଲେକ୍ସକୁ ଏକ ଡ୍ରେନ୍ ଉପରେ ବେଆଇନ ଭାବରେ ନିର୍ମାଣ କରାଯାଇଥିବା ଚିହ୍ନଟ କରିଥିଲା ମ୍ୟୁନିସିପାଲ କର୍ପୋରେସନ। ଡ୍ରେନ୍ ଉପରେ ଜବରଦଖଲ କରି ନିର୍ମିତ ହୋଇଥିବା ଏହି ବେଆଇନ ନିର୍ମାଣ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମ୍ୟୁନିସିପାଲ କର୍ପୋରେସନ ଏହି ପଦକ୍ଷେପ ନେଇଛି। ତେବେ ହିଂସାତ୍ମକ ସଂଘର୍ଷର ମାଷ୍ଟରମାଇଣ୍ଡ ଅଭିଯୋଗରେ ଶନିବାର ଏକ ସ୍ଥାନୀୟ କୋର୍ଟ ରଜା ଓ ସାତ ଜଣଙ୍କୁ ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇଥିଲେ। ଜିଲ୍ଲା ମାଜିଷ୍ଟ୍ରେଟ୍ ଅବିନାଶ ସିଂହ ଓ ବରିଷ୍ଠ ପୁଲିସ ଅଧୀକ୍ଷକ ଅନୁରାଗ ଆର୍ଯ୍ୟ ଶନିବାର ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଗିରଫଦାରୀ ଘୋଷଣା କରିଥିଲେ।



ଶୁକ୍ରବାର ପ୍ରାର୍ଥନା ପରେ କୋତୱାଲି ଅଞ୍ଚଳର ଏକ ମସଜିଦ ବାହାରେ 'ଆଇ ଲଭ୍ ମହମ୍ମଦ' ପୋଷ୍ଟର ଧରି ଏକ ବିଶାଳ ଜନତା ପୁଲିସ ସହ ସଂଘର୍ଷ କରିଥିଲେ। ରଜା ଶୁକ୍ରବାର ହିଂସା ସୃଷ୍ଟି କରିବା ପାଇଁ ଉତ୍ତେଜନାମୂଳକ ଭାଷଣ ଦେଇଥିବା ଅଭିଯୋଗ ହୋଇଛି। ରଜାଙ୍କ ଉତ୍ତେଜକ ଭାଷଣ ପରେ ଯୁବକମାନଙ୍କର ଏକ ଭିଡ଼ ରାସ୍ତାକୁ ଓହ୍ଲାଇଥିଲା, ଯାହା ଖଲିଲ ତିରାହାଠାରୁ ଇସଲାମିଆ ଗ୍ରାଉଣ୍ଡ ପର୍ଯ୍ୟନ୍ତ ଅରାଜକତା ପରିବେଶ ସୃଷ୍ଟି କରିଥିଲା। ଗିରଫ ହୋଇଥିବା ଅନ୍ୟ ସାତ ଜଣ ହେଲେ ସରଫରାଜ, ମନିଫୁଦ୍ଦିନ, ଅଜିମ ଅହମଦ, ମହମ୍ମଦ ସରିଫ, ମହମ୍ମଦ ଆମିର, ରେହାନ ଓ ମହମ୍ମଦ ସରଫରାଜ।

## ଭାରତରୁ ଭୁଟାନକୁ ଚାଲିବ ଟ୍ରେନ



ନୂଆଦିଲ୍ଲୀ : ଭାରତ ଏବଂ ଭୁଟାନ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ, ସୋମବାର ସରକାର ୪,୦୩୩ କୋଟି 'ଟଙ୍କା ମୂଲ୍ୟର ଦୁଇଟି ପ୍ରମୁଖ ରେଳ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ କେବଳ ଦୁଇ ଦେଶ ମଧ୍ୟରେ ସଂଯୋଗକୁ ବୃଦ୍ଧି କରିବ ନାହିଁ ବରଂ ବାଣିଜ୍ୟ, ପର୍ଯ୍ୟଟନ ଏବଂ ଲୋକ-ଲୋକଙ୍କ ମଧ୍ୟରେ ଗତିକୁ ମଧ୍ୟ ସୁଗମ କରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆପଣ ଏବେ ଟ୍ରେନ୍ ଯୋଗେ ସିଧାସଳଖ ଭୁଟାନ ଯାତ୍ରା କରିପାରିବେ। ପୂର୍ବରୁ ପଶ୍ଚିମବଙ୍ଗର ହାସିମାରାକୁ ଯାଉଥିବା ଏହି ଟ୍ରେନ୍ ଏବେ ସିଧାସଳଖ ଭୁଟାନର ଗେଲେଫୁକୁ ଚାଲିବ। ପ୍ରଥମ ପ୍ରକଳ୍ପ ହେଉଛି ଆସାମର କୋକରାଝାରରୁ ଭୁଟାନର ଗେଲେଫୁ ପର୍ଯ୍ୟନ୍ତ ଏକ ରେଳ ଲାଇନ ନିର୍ମାଣ କରିବା। ଏହି ୬୯ କିଲୋମିଟର ଲାଇନ ପାଇଁ ୩,୪୫୬ କୋଟି ଟଙ୍କା ଖର୍ଚ୍ଚ ହେବ। ଦ୍ୱିତୀୟ ପ୍ରକଳ୍ପ ପଶ୍ଚିମବଙ୍ଗର ବନରହାଟକୁ ଭୁଟାନର ସାମତ୍ସେ ସହିତ ସଂଯୋଗ କରିବ। ଏହା ୨୦ କିଲୋମିଟର ଲମ୍ବା ଏବଂ ଏଥିରେ ୫୭୭ କୋଟି ଟଙ୍କା ଖର୍ଚ୍ଚ ହେବ।

ଭାରତ ଏବଂ ଭୁଟାନ ମଧ୍ୟରେ ନୂତନ ରେଳ ଲାଇନ ପ୍ରକଳ୍ପ ବିଷୟରେ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ କହିଛନ୍ତି ଯେ ଏହା ସମ୍ପୂର୍ଣ୍ଣ ଭାବରେ ଦ୍ୱିପାକ୍ଷିକ ଚୁକ୍ତି (ଏମ୍ଓୟୁ) ଆଧାରରେ କରାଯାଉଛି ଏବଂ ଏଥିରେ କୌଣସି ତୃତୀୟ ଦେଶର ହସ୍ତକ୍ଷେପ ନାହିଁ।

## ଟ୍ରକ- ଟେମ୍ପୁ ଧକ୍କା: ତିନି ମୃତ

ବିହାର : ବିହାରର ରୋହତାସ ଜିଲ୍ଲାର ତିଲୌଠୁ ଥାନା କ୍ଷେତ୍ରରେ ଡେହରୀ-ରୋହତାସ ଜାତୀୟ ରାଜପଥରେ ଆଜି ସକାଳେ ସ୍ଥାନୀୟ ପେଟ୍ରୋଲ ପମ୍ପ ସାମ୍ନାରେ ଟ୍ରକ୍ ଓ ଅଟୋ ମୁହାଁମୁହିଁ ଧକ୍କା ହେବାରୁ ଅଟୋ ଚାଳକଙ୍କ ସହ ମୋଟ ତିନି ଜଣଙ୍କର ସ୍ଥଳରେ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଜଣେ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି । ତାଙ୍କୁ ସ୍ଥାନୀୟ ପିଏସ୍‌ସିରେ ପ୍ରଥମିକ ଚିକିତ୍ସା ପରେ ଗୁରୁତରର ଅବସ୍ଥାରେ ଡାକ୍ତରମାନେ ସାସାରାମ ରେଫର କରିଛନ୍ତି। ପୁଲିସ ଅନୁଯାୟୀ, ମୃତକ ତିଲୌଠୁ ଥାନା କ୍ଷେତ୍ରର ରେଡିଆ ଗାଁର ରାଜେଶ ଯାଦବଙ୍କ ପୁଅ ଓ ଅଟୋ ଚାଳକ ୩୦ ବର୍ଷୀୟ ଚିତ୍ରଞ୍ଜନ ଯାଦବ, ତାଙ୍କର ଭଉଣୀ, ଭଣଜା ଓ ଭାଣିଜୀକୁ ଅଉରଙ୍ଗାବାଦ ଜିଲ୍ଲାର ନବୀନଗର ଥାନା ଅଧୀନର ବକତୋଆ ଗାଁରୁ ନିଜ ଗାଁକୁ ନେଇ ଆସୁଥିଲେ। ଦୁର୍ଘଟଣାରେ ଟେମ୍ପୁ ଚାଳକ ଚିତ୍ତରଂଜନ, ଭଣଜା ଓ ଭାଣିଜୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଭଉଣୀଙ୍କୁ ଚିକିତ୍ସା ପାଇଁ ମେଡିକାଲ ପଠାଯାଇଛି ।

## ହେରୋଇନ୍ ଜବତ, ୨ ଗିରଫ

ଶିଲଂଗ : ମେଘାଳୟରେ ମାଦକ ଦାର୍ଥ ଚୋରାଚାମାଲ ବିରୁଦ୍ଧରେ ବଡ଼ ପଦକ୍ଷେ ନେଇ ପୁଲିସ୍ ପଶ୍ଚିମ ଜୟନ୍ତିଆ ହିଲ୍ସ ଜିଲ୍ଲାରେ ପ୍ରାୟ ୨.୫ କୋଟି ଟଙ୍କା ମୂଲ୍ୟର ହେରୋଇନ୍ ଜବତ କରିଛି ଓ ମଣିପୁରର ଦୁଇଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ଜିଲ୍ଲା ପୁଲିସ ଓ ରାଜ୍ୟ ମାଦକ ପଦାର୍ଥ ନିରୋଧକ କାର୍ଯ୍ୟବଳଙ୍କ ସଂଯୁକ୍ତ ଦଳ ଏକ ଗୁପ୍ତ ସୂଚନା ଅଧାରରେ ଗତ ରାତିରେ ଫ୍ରାମର୍ ମେର୍ ପୁଲିସ୍ ଟ୍ରାଫିକ୍ ଚେକପୋଇଂଟ ନିକଟରେ ଏହି କାର୍ଯ୍ୟାନୁଷ୍ଠାନ କରିଥିଲେ। ଜିଲ୍ଲା ପୁଲିସ୍ ଅଧୀକ୍ଷକ ଗିରି ପ୍ରସାଦ କହିଛନ୍ତି ଯେ ଖଲିହରିଆତ୍‌ରୁ ଜୋୱାଇଁକୁ ଯାଉଥିବା ଗାଡ଼ିକୁ ଅତିରିକ୍ତ ତଦନ୍ତ କରାଯାଇଥିଲା। ଯାଞ୍ଚ ସମୟରେ, ପୁଲିସ୍ ହେରୋଇନ୍ ଥିବା ୫୦ଟି ପ୍ଲାଷ୍ଟିକ୍ ସାବୁନ୍ କେସ ଜବତ କରିଥିଲେ, ଯାହାର ମୋଟ ଓଜନ୍ ପ୍ରାୟ ୫୧୨.୬୩ ଗ୍ରାମ୍ ଥିଲା। ଗିରଫ ହୋଇଥିବା ଦୁଇଜଣ ବ୍ୟକ୍ତି ବର୍ତ୍ତମାନ ପୁଲିସ ହେପାଜତରେ ଅଛନ୍ତି ଓ ଏହି ଚୋରାଚାମାଲର ସ୍ରୋତ ଓ ଫଂହଚାଉଥିବା ସ୍ଥାନ ଜାଣିବା ପାଇଁ ତଦନ୍ତ ଜାରି ଅଛି।

## ପାକିସ୍ତାନରେ ଉତ୍ତେଜନା, ଶହବାଜ ଶରିଫଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇଲେ ହଜାର ହଜାର ଲୋକ

ନୂଆଦିଲ୍ଲୀ : ପାକିସ୍ତାନ ଅଧିକୃତ କଶ୍ମୀରରେ ଚାଲିଛି ଉତ୍ତେଜନା । ସୋମବାର ହଜାର ହଜାର ସଂଖ୍ୟାର ଲୋକ ରାସ୍ତାକୁ ଓହ୍ଲାଇଛନ୍ତି । ଗୋଟେ ପଟେ ଏସିଆ କପରେ ଭାରତ ପାକିସ୍ତାନକୁ ହରାଇବା ପରେ ପିଓକେ ଅଧିକାର ପାଇଁ ଲଢୁଛନ୍ତି ଏଏସି ବା ଆୱାମୀ ଆକ୍ସନ କମିଟିର ସଦସ୍ୟ । ଦୋକାନ ବଜାର ସଟଡାଉନ ହେବା ସହ ଘରୁ ଲୋକଙ୍କୁ ବାହାରିବାକୁ ମନା କରାଯାଇଛି । ରାସ୍ତାରେ ଗାଡି ଯିବା ଆସିବା ଉପରେ ରୋକ ଲଗାଇଛନ୍ତି ଅସନ୍ତୋଷ ଜନତା । ପାକିସ୍ତାନ ସରକାର ବିରୋଧରେ ପ୍ରଦର୍ଶନ ଜାରି ରହିଛି । ଭିଡ଼ ରୋକିବାକୁ ସୁରକ୍ଷାବଳ ନିୟୋଜିତ ହୋଇଛନ୍ତି ।

ଏନେଇ ଏଏସିର ନେତା



ଶୌକତ ନୱାଜ ମୀର କହିଛନ୍ତି କି, ଆମେ କାହା ବିରୋଧରେ ଯାଉ ନାହୁଁ । ଆମେ କେବଳ ସେହି ମୌଳିକ ଅଧିକାର ଦାବି କରୁଛୁ, ଯାହା ଦଶନ୍ଧି ଧରି ଆମକୁ ଦେବାକୁ କହି ଦିଆଯାଇନାହିଁ । ପିଓକେ ପାକିସ୍ତାନ ଅଧିନକୁ ଆସିବା ୭୦ ବର୍ଷ ବିତିସାରିଲାଣି ମାତ୍ର ପିଓକେର ଲୋକଙ୍କୁ ସେମାନଙ୍କ ମୌଳିକତ ଅଧିକାର ମିଳୁନାହିଁ । ଆମର ଦାବି ପୂରଣ କରିବା ବଦଳରେ ସରକାର ଆନ୍ଦୋଳନକାରୀଙ୍କ ବିରୋଧରେ କଡା ଆକ୍ସନ ନେବା ଆରମ୍ଭ କରିଛନ୍ତି । ଇସଲାମାବାଦରୁ ୧୦୦୦ ସୈନିକ ପଠାଇ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଉଛି । ଦଙ୍ଗା ଚାଲିଥିବା ଆଖପାଖ ଅଂଚଳରେ ଇଣ୍ଟରନେଟ ସଂଯୋଗ ବନ୍ଦ କରିଦିଆଯାଇଛି । କେବଳ ଏତିକି ନୁହେଁ ସରକାର ପଞ୍ଜାବରୁ ଅନେକ ସୈନିକଙ୍କୁ ଘଟଣାସ୍ଥଳରେ ପହଁଚିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଇଣ୍ଟରନେଟକୁ ଅସ୍ଥାୟୀ ରୂପେ ବନ୍ଦ କରିଦିଆଯାଇଛି ।

## ବିହାରକୁ ରେଳମନ୍ତ୍ରୀଙ୍କ ବଡ଼ ଉପହାର

ନୂଆଦିଲ୍ଲୀ: ସୋମବାର ବିହାରକୁ ରେଲୱେ ପକ୍ଷରୁ ବଡ ଉପହାର ମିଳିଛି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ତିନୋଟି ନୂତନ ଅମୃତ ଭାରତ ଏକ୍ସପ୍ରେସ ଏବଂ ଚାରୋଟି ନୂତନ ପାସେଞ୍ଜର ଟ୍ରେନ୍ କୁ ସବୁଜ ପତକା ଦେଖାଇଛନ୍ତି । ଏହି ନୂତନ ଟ୍ରେନ୍ ର ଶୁଭାରମ୍ଭ କେବଳ ଉତର ଭାରତ ସହିତ ନୁହେଁ ବରଂ ଦକ୍ଷିଣ ଭାରତ ସହିତ ମଧ୍ୟ ବିହାରର ସଂଯୋଗକୁ ଆହୁରି ମଜବୁତ କରିବ। ରେଳମନ୍ତ୍ରୀ ବୈଷ୍ଣବ ଦରଭଙ୍ଗା-ଆଜମେର (ମଦାର), ମୁଜାଫରପୁର-ହାଇଦ୍ରାବାଦ (ଚର୍ଲପଲ୍ଲୀ) ଏବଂ ଛପରା-ଦିଲ୍ଲୀ (ଆନନ୍ଦ ବିହାର ଟର୍ମିନାଲ) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିମଧ୍ୟରୁ, ମୁଜାଫରପୁର-ଚର୍ଲପଲ୍ଲୀ ଏକ୍ସପ୍ରେସ ହେଉଛି ଦକ୍ଷିଣ ଭାରତକୁ ଯାତ୍ରା କରୁଥିବା ପ୍ରଥମ ଅମୃତ ଭାରତ ଟ୍ରେନ। ସେହିପରି ଛପରା-ଦିଲ୍ଲୀ ଅମୃତ ଭାରତ ଏକ୍ସପ୍ରେସ ବିହାରର ଷଷ୍ଠ ଟ୍ରେନ ହେବ ଯାହା ସିଧାସଳଖ ଦିଲ୍ଲୀକୁ ସଂଯୋଗ କରିବ। ଏହି ଟ୍ରେନଗୁଡ଼ିକ ଯାତ୍ରୀମାନଙ୍କୁ ଏକ ଦ୍ରୁତ, ସୁରକ୍ଷିତ ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବ। ଅମୃତ ଭାରତ ଏକ୍ସପ୍ରେସକୁ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଭାରତୀୟ ରେଳବାଇ ଦ୍ୱାରା ବିକଶିତ କରାଯାଇଛି। ଏଥିରେ ଅର୍ଦ୍ଧ-ସ୍ୱୟଂଚାଳିତ କପଲର, ଅଗ୍ନି ଚିହ୍ନଟ ପ୍ରଣାଳୀ, ସିଲ୍ ହୋଇଥିବା ଗ୍ୟାଙ୍ଗୱେ ଏବଂ ଟକ୍-ବ୍ୟାକ୍ ୟୁନିଟ୍ ଭଳି ଆଧୁନିକ ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରଥମ ଥର ପାଇଁ, ନନ୍-ଏସି କୋଚରେ ମଧ୍ୟ ଉନ୍ନତ ସୁରକ୍ଷା ପ୍ରଯୁକ୍ତିବିଦ୍ୟା ସ୍ଥାପନ କରାଯାଇଛି। ବୈଷ୍ଣବ କହିଛନ୍ତି ଯେ, ଏହି ଟ୍ରେନ କେବଳ ଏକ ମିତବ୍ୟୟୀ ଏବଂ ଦ୍ରୁତ ଯାତ୍ରା ନୁହେଁ ବରଂ ଏହା ରେଳବାଇ ଆଧୁନିକୀକରଣର ପ୍ରତୀକ ମଧ୍ୟ ହୋଇଛି।

# ଏସିଆ କପ୍ ମ୍ୟାଚ୍ ଫି ଆତଙ୍କବାଦୀଙ୍କୁ ଦାନ କଲା ଟ୍ରଫି ଚୋର ପାକିସ୍ତାନ

ଦୁବାଇ,୨୯।୯: ସବୁ ସୀମା ଟପି ଯାଇଛି ପାକିସ୍ତାନ ପୂର୍ବରୁ ଲୁଚ୍ଛପାରେ ଆତଙ୍କବାଦ ଓ ଆତଙ୍କବାଦୀଙ୍କୁ ସମର୍ଥନ କରୁଥିଲା ପାକିସ୍ତାନ। କିନ୍ତୁ ଏବେ ଆତଙ୍କବାଦୀଙ୍କୁ ଖୋଲାଖୋଲି ସମର୍ଥନ କରିଛି ପାକିସ୍ତାନ ।ପାକିସ୍ତାନ ସରକାରଙ୍କ କଥାରେ ଏବେ ପାକିସ୍ତାନୀ ଖେଳାଳି ମଧ ଆତଙ୍କବାଦୀଙ୍କ ପ୍ରତି ଥିବା ପ୍ରୀତିକୁ ପ୍ରଦର୍ଶନ କରିଛନ୍ତି।

ଭାରତ ବିପକ୍ଷ ସୁପର ୪ ମ୍ୟାଚ୍‌ରେ ପାକିସ୍ତାନର କିଛି ଖେଳାଳି ଆତଙ୍କୀ ମାନସିକତା ପ୍ରଦର୍ଶନ କରିଥିଲେ ଏବେ ଭାରତ ବିପକ୍ଷ ଫାଇନାଲ ମ୍ୟାଚ୍ ହାରି ମଧ ପାକିସ୍ତାନୀ ଖେଳାଳିଙ୍କ ତୋଡ଼ ଭାଙ୍ଗି ନାହିଁ। ପରାଜୟ ପରେ ଭାରତର ବିଜୟ ଟ୍ରଫିକୁ ନେଇ ଚାଲି ଯାଇଥିବା ପାକିସ୍ତାନ କ୍ରିକେଟ ବୋର୍ଡ ବଡ଼ ଘୋଷଣା କରିଛି ।

ଏସିଆ କପ ଫାଇନାଲ ମ୍ୟାଚ୍ ବାବଦରେ ଖେଳାଳିମାନେ ପାଇବାକୁ ଥିବା ଫିକୁ ଏବେ ଆତଙ୍କବାଦୀଙ୍କୁ ପାକିସ୍ତାନ ପକ୍ଷରୁ ଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏକଥା ଖୋଦ ପାକିସ୍ତାନ ଜାତୀୟ ଟିମର କ୍ୟାପ୍ଟେନ ସଲମାନ ଅଲୀ ଆଘା ଓ ପିସିବି ପକ୍ଷରୁ ଘୋଷଣା କରାଯାଇଛି।

ଆପଣ ଭାବୁଥିବେ, ପାକିସ୍ତାନ କେବେ ଠାରୁ ଖୋଲାଖୋଲି ଆତଙ୍କବାଦୀଙ୍କୁ ସମର୍ଥନ କରିବାର ସାହାସ ପାଇଲାଣି ? ଆଜ୍ଞା ହଁ, ଆପଣ ଠିକ ଭାବିଛନ୍ତି ଚୋର ମୁହଁ ଟାଣ ଭଳି ଲୁଚ୍ଛଫାରେ ଏବେ ପାକିସ୍ତାନୀ କ୍ରିକେଟରମାନେ ଆତଙ୍କବାଦୀଙ୍କୁ ସମର୍ଥନ କରିଛନ୍ତି। ଏପରି କି ଫାଇନାଲ ମ୍ୟାଚ୍‌ର ଫିକୁ ମଧ ସେମାନେ ଆତଙ୍କବାଦ ଉଦ୍ଦେଶ୍ୟରେ ଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ପହଲଗାମ ନରସଂହାରର ବଦଳା ନେବାକୁ ଭାରତ ମେ ୭ରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ଏହି ସମୟରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ଥିବା ୯ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରାଯାଇଥିଲା। ଜୈଶ, ହିଜବୁଲ ଓ ଲସ୍କରର ଠିକଣାଗୁଡ଼ିକ ଛିନଛତ୍ର ହୋଇଯାଇଥିଲେ। ଏଥିରେ ଶତାଧିକ ଆତଙ୍କବାଦୀ ପ୍ରାଣ ହରାଇଥିଲେ ଆତଙ୍କବାଦୀ ନିହତ ହେବା ଓ ସେମାନଙ୍କର ଆଡ୍ଡା ଧ୍ୱଂସ ହେବା ଫଟୋ ବି ସାମ୍ନାକୁ ଆସିଥିଲା।

ଭାରତ ଆତଙ୍କବାଦୀଙ୍କ ଉପରେ ପ୍ରହାର କରିଥିବା ବେଳେ ସେମାନଙ୍କ ପାଇଁ ବାହାରି ପୁଣି ସେକା ଖାଇଥିଲା ପାକିସ୍ତାନ ଇସଲାମାବାଦ ପକ୍ଷରୁ ମେ ୭






ଅପରେସନର ଜବାବ ଦେବାକୁ ଜୋରଦାର ଉଦ୍ୟମ ହୋଇଥିଲା କିନ୍ତୁ ଭାରତୀୟ ସେନା ମୁହଁତୋଡ଼ ଜବାବ ଦେବାରୁ ପାକିସ୍ତାନ ମାଟି କାମୁଡ଼ିଥିଲା। ପାକିସ୍ତାନର ଏକାଧିକ ଏୟାର ବେସ୍ ଧ୍ୱଂସ ହେବା ପରେ ଦେଶ ସେନା ମେ ୧୦ରେ ଭାରତ ଆଗରେ ଆକ୍ରମଣ ବନ୍ଦ କରିବାକୁ ନେହୁରା ହୋଇଥିଲା।

ପାକିସ୍ତାନ ଉପରେ ଦୟା କରି ଭାରତ ଆକ୍ରମଣ ବନ୍ଦ କରିଥିଲେ ହେଁ ପାକିସ୍ତାନ ତଥାକଥିତ ବିଜୟ ଉତ୍ସବ ପାଳିଥିଲା ଭାରତ ବିରୋଧରେ ଅପପ୍ରଚାର କରି ଆତଙ୍କୀଙ୍କୁ ଘଣ୍ଟ ଘୋଡ଼ାଇଥିଲା।

ମେ ୭ରେ ନିହତ ଆତଙ୍କବାଦୀଙ୍କୁ ସାଧାରଣ ପାକିସ୍ତାନୀ ବୋଲି ଦର୍ଶାଇ ଭାରତକୁ ବିଶ୍ୱ ଦରବାରରେ ଅପମାନିତ କରିବାକୁ ଚେଷ୍ଟା କରିଥିଲା ପାକିସ୍ତାନ ଏଯାଏ ।ଏଥିରେ ସଫଳ ହୋଇ ନଥିବା ପାକିସ୍ତାନ ଏସିଆ। କପ ଫାଇନାଲ ପରେ ହୋଇଥିବା ଲୋକହସାରୁ ଦୃଷ୍ଟି ହଟାଇବା ପାଇଁ ପୁଣି ନୂଆ। ନାଟକ କରିଛି।

ଭାରତ ଠାରୁ ହାରିଥିବା ପାକିସ୍ତାନ ଟିମ ଉପରେ ପାକିସ୍ତାନୀ ଖପ୍ପା ହୋଇଛନ୍ତି। ଏବେ ନିଜ ଦେଶର ଲୋକଙ୍କ ପ୍ରଶଂସା ସାଉଁଟିବା ପାଇଁ ଫାଇନାଲ ମ୍ୟାଚ୍‌ର ଫିକୁ ମେ ୭ରେ ଭାରତ କରିଥିବା ଆକ୍ରମଣର ପ୍ରାଣ ହରାଇଥିବା ସାଧାରଣ ଲୋକ ଓ ଛୋଟ ପିଲାଙ୍କ ପରିବାର ବର୍ଗଙ୍କୁ ଦାନ କରିବ ବୋଲି ଘୋଷଣା କରିଛି ପାକିସ୍ତାନ କ୍ରିକେଟ ଟିମ। ଏକଥା ଖୋଦ ପାକିସ୍ତାନ ଅଧିନାୟକ ଆଘା ମ୍ୟାଚ୍ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ସେହିପରି ମେ ୭ରେ ନିହତ ହୋଇଥିବା ଆତଙ୍କବାଦୀଙ୍କୁ ସେ ସହିଦର ମାନ୍ୟତା ଦେବାକୁ ମଧ ପଛାଇ ନାହାନ୍ତି ।

ସଲମାନ ଆଘାଙ୍କ ପରେ ପାକିସ୍ତାନ କ୍ରିକେଟ ବୋର୍ଡ ଏକ୍ସରେ କହିଛି ଯେ ପାକିସ୍ତାନ କ୍ରିକେଟ ଟିମ ଏସିଆ। କପ ଫାଇନାଲ ମ୍ୟାଚ୍‌କୁ ମେ ୭ରେ ସହିଦ ହୋଇଥିବା ଲୋକଙ୍କ ପରିବାର ବର୍ଗଙ୍କୁ ଉତ୍ସର୍ଗ କରିଛି ଆମ ପ୍ରାର୍ଥନା ଓ ଭାବନା ସେମାନଙ୍କ ପରିବାର ଲୋକଙ୍କ ସହ ରହିଛି।

ପାକିସ୍ତାନର କହିବା କଥା ଯେ ମେ ୭ରେ ହୋଇଥିବା ଅପରେସନରେ ୧୧ ଜଣ ପାକିସ୍ତାନୀ ସୈନ୍ୟ ଓ ୪୦ ଜଣ ସାଧାରଣ ଲୋକଙ୍କ ଜୀବନ ଯାଇଥିଲା। ବାସ୍ତବରେ ଭାରତ କରିଥିବା ଅପରେସନରେ ଜୈଶ ସମେତ ଶତାଧିକ ଆତଙ୍କବାଦୀ ପ୍ରାଣ ହରାଇଥିଲେ।

## ୱେଷ୍ଟଇଣ୍ଡିଜ ଦଳକୁ ଶକ୍ତ ଧକ୍କା
# ଯୋଶେଫ ଆଉଟ୍, ଲେନଙ୍କୁ ସୁଯୋଗ

ନୂଆଦିଲ୍ଲୀ,୨୯।୯: ଘରୋଇ ଭାରତ ବିପକ୍ଷ ୨ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ୱେଷ୍ଟଇଣ୍ଡିଜ ଦଳକୁ ଶକ୍ତ ଧକ୍କା ଲାଗିଛି। ଦଳର ଚର୍ଚ୍ଚିତ ଯୁବ ଫାଷ୍ଟ୍ ବୋଲର ସମର ଯୋଶେଫ ଏହି ସିରିଜରୁ ବାଦ୍ ପଡ଼ିଛନ୍ତି। ସେ ଆହତ ଅଛନ୍ତି ତାଙ୍କ ସ୍ଥାନରେ ଅନ୍ୟ ଯୁବ ଅଲରାଉଣ୍ଡର



ଜୋହାନ ଲେନଙ୍କୁ ଦଳରେ ସାମିଲ କରାଯାଇଛି ।୨୨ବର୍ଷୀୟ ଜୋହାନ ପ୍ରଥମ ଥର ଟେଷ୍ଟ ଦଳରେ ସୁଯୋଗ ପାଇଛନ୍ତି । ସେ ଇତିମଧ୍ୟରେ ୧୯ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୪୯୫ରନ୍ କରିବା ସହ ୬୬ଟି ୱିକେଟ୍ ନେଇଛନ୍ତି। ସେଥିମଧ୍ୟରେ ସେ ୪ଥର ୫ ୱିକେଟ୍ ସଫଳତା ହାସଲ କରିଛନ୍ତି। ଆସନ୍ତା ଅକ୍ଟୋବର ୨ ତାରିଖରୁ ଅହମ୍ମଦାବାଦରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ଏହାପରେ ଅକ୍ଟୋବର ୧୦ରୁ ୧୪ ତାରିଖ ମଧ୍ୟରେ ଦିଲ୍ଲୀରେ ଦ୍ୱିତୀୟ ଟେଷ୍ଟ ଖେଳାଯିବ।

**ୱେଷ୍ଟଇଣ୍ଡିଜ୍ ଦଳ:** ରଷ୍ଟନ ଚେଜ୍ (ଅଧିନାୟକ), ଜୋମେଲ ୱାରିକାନ (ଉପଅଧିନାୟକ), କେଭଲନ ଆଣ୍ଡରସନ, ଆଲିକ ଆଥାଞ୍ଜି, ଜନ୍ କ୍ୟାମ୍ପବେଲ, ଟାଗେନାରିନ ଚନ୍ଦରପଲ, ଜଷ୍ଟିନ ଗ୍ରେଭ୍‌ସ, ସାଇ ହୋପ, ଟେଭିନ ଇମ୍ଲାଚ, ଅଲଜାରୀ ଯୋଶେଫ, ଜୋହାନ ଲେନ, ବ୍ରାଣ୍ଡନ କିଙ୍ଗ୍, ଆଣ୍ଡରସନ ଫିଲିପ୍, ଖାରି ପିଏରେ, ଜାଡେନ ସିଲ୍ସ ।

# ବିନା ଟ୍ରଫିରେ ସେଲିବ୍ରେସନ କଲା ଭାରତ ଅପରାଜେୟ, ଅପ୍ରତିଦ୍ୱନ୍ଦ୍ୱୀ

ଦୁବାଇ,୨୯।୯: ଆତଙ୍କୀସ୍ତାନ ପରେ ଟ୍ରଫି ଚୋର ସାଜିଲା ପାକିସ୍ତାନ। ଫାଇନାଲ ଜିତିବା ପରେ ବି ଭାରତକୁ ମିଳିଲାନି ଟ୍ରଫି। ଭାରତ ଏସିଆ କପ ଜିତିଥିଲେ ହେଁ ଟ୍ରଫି ନେଇ ପଳାଇଛି ଚୋର ପାକିସ୍ତାନ। ଏସିଆ କପ ଟ୍ରଫି






ସହ ବିଜୟୀ ଦଳର ମେଡାଲକୁ ମଧ ପାକିସ୍ତାନ ଚୋରି କରି ନେଇ ଯାଇଛି। ଭାରତକୁ ଏସିଆ କପରେ ହରାଇବାକୁ ତ ସକ୍ଷମ ହେଲାନି ପାକିସ୍ତାନ। କିନ୍ତୁ ଏସିଆ। କପ ଟ୍ରଫି ଧରି ଚାଲିଗଲେ ପାକିସ୍ତାନ କ୍ରିକେଟର ବୋର୍ଡର ଅଧ୍ୟକ୍ଷ ମୋହଶିନ ନକଭୀ।

ଭାରତ ଏସିଆ ଦଖଲ କରିଥିଲେ ହେଁ ଭାରତକୁ ମିଳିନି ଟ୍ରଫି କିମ୍ବା ମେଡାଲ କ୍ରିକେଟ ଇତିହାସରେ ପ୍ରଥମଥର ପାଇଁ ଏମିତି ଏକ ଘଟଣା ଘଟିଛି। ଯେଉଁଠି ଚାମ୍ପିୟନ ଟିମକୁ ମିଳିନି ବିଜୟୀ ଟ୍ରଫି। ମୋହଶିନ ନକଭୀ ପିସିବି ମୁଖ୍ୟ ସହ ଏସିଆନ କ୍ରିକେଟ କାଉନସିଲର ଅଧ୍ୟକ୍ଷ।

ତାଙ୍କ ଇଚ୍ଛା ଥିଲା ପାକିସ୍ତାନ ଟ୍ରଫି ଜିତୁ। ହେଲେ ପାକିସ୍ତାନ ଫାଇନାଲରେ ଭାରତ ସାମ୍ନାରେ ଆଣ୍ଠେଇଲା। ଆଉ ଏଥିରେ ରାଗି ଯାଇ ପାକିସ୍ତାନ ନକଭୀ ଟ୍ରଫି ନିଜ ସହ ନେଇ ଚାଲି ଯାଇଛନ୍ତି। ପାକିସ୍ତାନର ଏପରି ହରକତକୁ ସାରା ବିଶ୍ୱରେ ନିନ୍ଦା କରାଯାଇଛି ।ଚାରିଆଡ଼େ ପାକିସ୍ତାନକୁ ଟ୍ରଫି ଚୋର ବୋଲି କୁହାଯାଉଛି ।

ପାକିସ୍ତାନ ଟ୍ରଫି ନେଇ ଚାଲି ଯାଇଥିଲେ ହେଁ ଭାରତର ବିଜୟ ସେଲିବ୍ରେସନ ଫିକା ପଡ଼ିନାହିଁ। ଭାରତୀୟ ଟିମ ଓ ସପୋର୍ଟ ଷ୍ଟାଫ ବିନା ଟ୍ରଫିରେ ବି ଷ୍ଟେଜ ଉପରେ ବିଜୟ ଉତ୍ସବ ପାଳିଛନ୍ତି। ଆୟୋଜକ ୟୁଏଇ କ୍ରିକେଟ ବୋର୍ଡ ମଧ ବାଣ ଫୁଟାଇ ଭାରତକୁ ସ୍ୱାଗତ କରିଛି ।ଏହାକୁ ଦେଖି ପାକିସ୍ତାନ ଆହୁରି ବିଚଳିତ ହୋଇପଡ଼ିଛି।

ଭାରତ ବିନା ଟ୍ରଫିରେ ବିଜୟ ଉତ୍ସବ ପାଳୁଥିବାର ଭିଡିଓ ଓ ଫଟୋକୁ ପୂରା ବିଶ୍ୱ ପ୍ରଥମଥର ଦେଖିଛି। ଭାରତୀୟ ଟିମ ଷ୍ଟେଜ ଉପରେ ବିଜୟ ଉତ୍ସବ ପାଳିଥିବା ବେଳେ ପାରମ୍ପରିକ ବିଜୟ ସଙ୍କେତ ନଥିଲା। କୌଣସି ଖେଳାଳି ବିଜୟ ମେଡାଲକୁ ସେମାନଙ୍କ ବେକରେ ପିନ୍ଧି ନଥିଲେ। ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ନିଜ ହାତରେ ବିଜୟ ଟ୍ରଫି ଧରି ନାହାନ୍ତି। ତଥାପି ସେଲିବ୍ରେସନ ହୋଇଛି ସାଙ୍କେତିକ ଭାବେ ବିଜୟ ଟ୍ରଫି କ୍ୟାପ୍ଟେନ ସୂର୍ଯ୍ୟ କୁମାର ଖେଳାଳିଙ୍କୁ ଦେଇଛନ୍ତି। ଖେଳାଳିମାନେ ମଧ ସାଙ୍କେତିକ ଭାବେ ଟ୍ରଫି ଓ ମେଡାଲ ଧରିବା ଭଳି ଅଭିନୟ କରି ପାକିସ୍ତାନକୁ ଶକ୍ତ ଚପୁଡ଼ା ଦେଇଛନ୍ତି । ବାସ୍ତବରେ ପିସିବି ମୁଖ୍ୟ ମୋହଶିନ ନକଭୀ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିବାର ଥିଲା ହେଲେ ଭାରତ ଓ ପାକିସ୍ତାନ ସମ୍ପର୍କରେ ତିକ୍ତତା ଲାଗି ରହିଥିବାରୁ ଟିମ ଇଣ୍ଡିଆ ତାଙ୍କ ହାତକୁ ଟ୍ରଫି କିମ୍ବା ମେଡାଲ ଗ୍ରହଣ କରିବାକୁ ମନା କରି ଦେଇଥିଲା। ନକଭୀ ମଧ ମ୍ୟାଚ ପୂର୍ବରୁ ଭାରତ ବିରୋଧରେ ଉତ୍ତେଜନାମୂଳକ ବୟାନ ଦେଇଥିଲେ। ଖାସ ଏହି କାରଣ ପାଇଁ ତାଙ୍କ ହାତକୁ ଟ୍ରଫି ଗ୍ରହଣ ନ କରିବାକୁ ଭାରତୀୟ ଟିମ ନିଷ୍ପତ୍ତି ନେଇଥିଲା। ଏହା ବଦଳରେ ଭାରତୀୟ ଟିମ ୟୁଏଇ କ୍ରିକେଟ ବୋର୍ଡର ଉପ ସଭାପତି ଖାଲିଦ ଅଲ ଜାରୋନିଙ୍କ ଠାରୁ ବିଜୟ ଟ୍ରଫି ଗ୍ରହଣ କରିବାକୁ ପ୍ରସ୍ତାବ ରଖିଥିଲା। କିନ୍ତୁ ଏସିସି ମୁଖିଆ। ଭାବେ ନକଭୀ ଏଥିରେ ରାଜି ହୋଇ ନଥିଲେ। ଭାରତୀୟ ଟିମ ଟ୍ରଫି ଗ୍ରହଣ ନ କରିବାରୁ ସେ ନିଜ ହୋଟାଲକୁ ଏହାକୁ ନେଇ ଚାଲି ଯାଇଛନ୍ତି।

ଏ ସମ୍ପର୍କରେ ସୂର୍ଯ୍ୟ କୁମାର କହିଛନ୍ତି, ଆମେ ଦଳ ହିସାବରେ ତାଙ୍କ ଠାରୁ(ମୋହଶିନ ନକଭୀ) ଟ୍ରଫି ଗ୍ରହଣ ନ କରିବାକୁ ନିଷ୍ପତ୍ତି ନେଇଥିଲୁ। ଆମକୁ ଏପରି କରିବାକୁ କେହି କହି ନଥିଲେ। କିନ୍ତୁ ମୋ ମତରେ ବିଜୟୀ ଦଳ ଟ୍ରଫି ହାତେଇବାକୁ ହକଦାର ମୁଁ କ୍ରିକେଟକୁ ଜାଣିବା ଦିନ ଠାରୁ ଏପରି ଘଟଣା କେବେ ବି ଦେଖି ନଥିଲି ବିଜୟୀ ଟିମକୁ ଟ୍ରଫି ନ ମିଳିବା ସମ୍ଭବତଃ ପ୍ରଥମ ଘଟଣା । ମ୍ୟାଚ୍ ହାରିଥିଲେ ହେଁ ପାକିସ୍ତାନ ଦଳର ଖେଳାଳି ସେମାନଙ୍କ ରନର୍ସ ଅପ ମେଡାଲ ଗ୍ରହଣ କରିଛନ୍ତି। ଅଭିଷେକ ଶର୍ମା ଓ ତିଳକ ବର୍ମା ଯଥାକ୍ରମେ ମ୍ୟାନ ଅଫ ଦି ସିରିଜ ଓ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରିଥିଲେ। ହେଲେ ସୂର୍ଯ୍ୟ କୁମାର ଯାଦବ ବିଜୟ ଟ୍ରଫି ନେବାକୁ ଆସି ନଥିଲେ । ଗୋଟିଏ ସମୟରେ ଟ୍ରଫି ପ୍ରଦାନ ଜିଦରେ ଅଟଳ ଥିବା ନକଭୀଙ୍କୁ ବିରୋଧ ପ୍ରଦର୍ଶନ କରିବାକୁ ଯୋଜନା କରିଥିଲେ। ଏହି ସମୟରେ ଏସିଆନ କ୍ରିକେଟ କାଉନସିଲର ଜଣେ ଅଧିକାରୀ ପଡ଼ିଆରୁ ଟ୍ରଫି ଧରି ଚାଲି ଯାଉଥିବା ଦେଖିବାକୁ ମିଳିଥିଲା ।

ଦୁବାଇ: ନବମ ଥର ପାଇଁ ଏସିଆ। କପ୍ ବିଜୟ ଭାରତୀୟ କ୍ରିକେଟ୍‌ପ୍ରେମୀଙ୍କ ପାଇଁ ଆଉ ଏକ ସ୍ମରଣୀୟ ମୁହୂର୍ତ୍ତ ଆଣି ଦେଇଛି। ଭାରତ ଏଥି ସହିତ ଶେଷ ୫ଟି ସଂସ୍କରଣରୁ ଚତୁର୍ଥ ଥର ବିଜେତା ହୋଇ ଏସିଆ। ମହାଦେଶର ଅପ୍ରତିଦ୍ୱନ୍ଦ୍ୱୀ କ୍ରିକେଟ୍ ଦେଶ ହୋଇଛି। ଦ୍ୱିତୀୟ ସର୍ବାଧିକ ୬ ଥର ଜିତିଛି। ଶ୍ରୀଲଙ୍କା। ରବିବାର ରାତିରେ ପାକିସ୍ତାନର ତୃତୀୟ ଟ୍ରଫି ସ୍ୱପ୍ନକୁ ଭାରତୀୟ ଦଳ ଚୁରମାର୍ କରି ଏହି ସଫଳତା ଆଣିଛି। ଭାରତୀୟ ଦଳ ମଧ ୨୦୨୩ ପରଠାରୁ ଖେଳିଥିବା ସମସ୍ତ ବହୁରାଷ୍ଟ୍ରୀୟ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟରେ ୧୭ରୁ ୧୭ ଜିତିଯାଇଛି। ଏହା ମଧ୍ୟରେ ଏସୀୟ କ୍ରୀଡ଼ାରେ ୨, ଟ୍ୱେଣ୍ଟି-୨୦ ବିଶ୍ୱକପ୍ ୨୦୨୪ରେ ୮ ଏବଂ ଚଳିତ ଏସିଆ କପ୍‌ରେ ୭ ବିଜୟ ପାଇଛି। ଏସବୁ ଭିତରୁ ଭାରତ ୪




ଥର ଅପରାଜିତ ରହି ବିଜେତା ହୋଇଛି। ଏସିଆ କପ୍ (୨୦୧୬), ଏସୀୟ କ୍ରୀଡ଼ା (୨୦୨୩), ଟ୍ୱେଣ୍ଟି-୨୦ ବିଶ୍ୱକପ୍ (୨୦୨୪) ଏବଂ ଏସିଆ। କପ୍ (୨୦୨୫)ରେ ଭାରତ ଏହି ସଫଳତା ପାଇଛି।

# ଟସ୍‌ରୁ ନାଟକ ଆରମ୍ଭ

ଦୁବାଇ,୨୯।୯: ଭାରତ-ପାକିସ୍ତାନ ଏସିଆ। କପ୍‌ର ଫାଇନାଲ୍ ଲଢ଼େଇ ଟସ୍ ବେଳର ନାଟକରୁ ଆରମ୍ଭ ହୋଇଥିଲ ପୂର୍ବ ଦୁଇ ମୁକାବିଲା ଭଳି ପାକିସ୍ତାନୀ ପ୍ରତିପକ୍ଷଙ୍କ ସହ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ହାତ ମିଳାଇନଥିଲେ। କିନ୍ତୁ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଟସ୍ ବେଳେ ଦୁଇ ଅଧିନାୟକଙ୍କ ପାଇଁ ଅଲଗା ଅଲଗା ଭାଷ୍ୟକାର ରହିବା ଦେଖିବାକୁ ମିଳିଥିଲା। ଭାରତୀୟ ଭାଷ୍ୟକାର ରବି ଶାସ୍ତ୍ରୀଙ୍କ ସହ କଥା ହେବାକୁ ପାକିସ୍ତାନ ଅଧିନାୟକ ପୂର୍ବରୁ ମନା



କରିଦେଇଥିବାରୁ ଏଭଳି ବ୍ୟବସ୍ଥା କରାଯାଇଥିଲା। ଶାସ୍ତ୍ରୀଙ୍କୁ ହଟାଇ ଜଣେ ନିରପେକ୍ଷ ଭାଷ୍ୟକାର ଦେବାକୁ ପିସିବି ଦେଇଥିବା ପ୍ରସ୍ତାବକୁ ଏସିସି ମନାକରି ଦେଇଥିଲା। ଫଳରେ ଟସ୍ ପରେ ସୂର୍ଯ୍ୟକୁମାରଙ୍କ ସହ ଶାସ୍ତ୍ରୀ ଏବଂ ସଲମାନଙ୍କ ସହ ୱାକର୍ ୟୁନିସ୍ ସାକ୍ଷାତାର ନେଇଥିଲେ। ଟ୍ରଫି ସହ ସଲମାନ ମଧ ଏକାକୀ ଫଟୋ ସୁଟ୍ କରିଥିଲେ।

# 'ଆମ ଦଳର ପ୍ରଦର୍ଶନ ଅତି 'ଥାର୍ଡ କ୍ଲାସ୍' ଥିଲା'

ନୂଆଦିଲ୍ଲୀ,୨୯।୯: ୨୦୨୫ ଏସିଆ କପ୍ ଫାଇନାଲରେ ଭାରତଠାରୁ ପାକିସ୍ତାନ ଦଳ ଶୋଚନୀୟ ଭାବେ ପରାସ୍ତ ହୋଇଥିଲା। ରବିବାର ଫାଇନାଲ ଖେଳାଯାଇଥିବା ବେଳେ ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ହ୍ୟାଟ୍ରିକ୍ ବିଜୟ ସହ ଭାରତ ନବମ ଥର ପାଇଁ ଏସିଆ କପ୍ ମୁକୁଟ ଜିତିଥିଲା। ପରାଜୟ ପରେ ପୂର୍ବତନ ପାକିସ୍ତାନୀ ଦ୍ରୁତ ବୋଲର ତନବୀର ଅହମ୍ମଦ ରାଗ ତମତମ ହୋଇ ନିଜ ଦଳକୁ ସମାଲୋଚନା କରିଛନ୍ତି। ଏକ ପାକିସ୍ତାନୀ ଟିଭି ଚ୍ୟାନେଲରେ ସିଧା ପ୍ରସାରଣ ସମୟରେ ତନବୀର ନିଜ ଦେଶର ଖେଳାଳିମାନଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ, ଦଳ ଫାଇନାଲରେ ଖେଳିବା ପାଇଁ ଯୋଗ୍ୟ ନୁହେଁ।



ତନବୀର କହିଥିଲେ ଯେ, 'ସେମାନେ (ଭାରତ) ଫାଇନାଲ ଜିତିଲେ। ଆମ ଦଳ ସବୁବେଳେ ପ୍ରତିଦ୍ୱନ୍ଦ୍ୱିତା ବିଷୟରେ ବହୁତ ବଡ ବଡ କଥା କହେ, କିନ୍ତୁ ସେମାନେ କାମରେ ଦେଖାଇଦେଲେ ଯେ କାହାର ଶକ୍ତି ଅଧିକ। ସେମାନେ ଆମକୁ ଜଣାଇଦେଲେ ଯେ, ସେମାନେ ସବୁକିଛି ଏବଂ ତୁମେ କେବଳ ହାରିବା ପାଇଁ ଯୋଗ୍ୟ।'

ତନବୀର ପାକିସ୍ତାନୀ ଖେଳାଳିମାନଙ୍କ ଉପରେ ତାଙ୍କର କ୍ରୋଧ ପ୍ରକାଶ କରି ଆହୁରି କହିଥିଲେ ଯେ, 'ଭାରତ ଦେଖାଇଦେଲା ଯେ, ସେ ସବୁଥିରେ ପାରଙ୍ଗମ। ତୁମର ବ୍ୟାଟିଂ ଶୂନ ଥିଲା... ଅତି ଥାର୍ଡ କ୍ଲାସ୍। ସାରା ଟୁର୍ଣ୍ଣାମେଣ୍ଟରେ, ତୁମର ଅଧିନାୟକ ପ୍ରେସ୍ କନଫରେନ୍ସରେ ନିଜକୁ ରକ୍ଷା କରି ଚାଲିଥିଲେ। ଅଧିନାୟକ ଏବଂ ମୁଖ୍ୟ ପ୍ରଶିକ୍ଷକ ବାରମ୍ବାର କହୁଥିଲେ, 'ଆମର ଖେଳାଳିମାନେ ସମସ୍ତେ ବିଶ୍ୱସ୍ତରୀୟ... ହେଲେ ଆଜି କ'ଣ ହେଲା ? ମୁଁ ବାଂଲାଦେଶ ଦଳକୁ ଧନ୍ୟବାଦ ଦେବି, ଯେଉଁମାନେ ଏତେ ଖରାପ କ୍ରିକେଟ ଖେଳି ଆମକୁ ଫାଇନାଲକୁ ନେଲେ। ମୁଁ ଶ୍ରୀଲଙ୍କାକୁ ମଧ ଧନ୍ୟବାଦ ଦେଉଛି, ଯାହାର ଖରାପ ପ୍ରଦର୍ଶନ ପାକିସ୍ତାନକୁ ଏହି ସ୍ଥାନରେ ପହଞ୍ଚିବାରେ ସାହାଯ୍ୟ କରିଥିଲା। ଶ୍ରୀଲଙ୍କା ଦ୍ୱିତୀୟ ସ୍ଥାନ ପାଇବାକୁ ଯୋଗ୍ୟ ଥିଲା।'୪୬ ବର୍ଷୀୟ ତନବୀର ଅହମ୍ମଦଙ୍କ ଏହି ବକ୍ତବ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। କ୍ରିକେଟ୍ ପ୍ରଶଂସକ ତାଙ୍କ ସ୍ପଷ୍ଟବାଦୀତାକୁ ପ୍ରଶଂସା କରୁଛନ୍ତି। ଦ୍ରୁତ ବୋଲର ତନବୀର ଅହମ୍ମଦ ୨୦୧୦ ରୁ ୨୦୧୩ ମଧ୍ୟରେ ପାକିସ୍ତାନ ପାଇଁ ପାଞ୍ଚଟି ଟେଷ୍ଟ ମ୍ୟାଚ୍ ଖେଳିଥିଲେ ଏବଂ ୧୭ ୱିକେଟ୍ ନେଇଥିଲେ।

# ରାଜ୍ୟ ସ୍ତରୀୟ ଜୁଡୋ ଚାମ୍ପିଅନସିପରେ ଭାଗେନେବ ମାଲକାନଗିରିର ୨୩ ଜଣିଆ ଟିମ୍

ମାଲକାନଗିରି, ୨୯।୯: ଆସନ୍ତା ୨୭ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର କେଟି ଗ୍ଲୋବଲ୍ ସ୍କୁଲ ପରିସର ମଧ୍ୟେର ହେବାକୁ ଥିବା ରାଜ୍ୟ ସ୍ତରୀୟ ଜୁଡୋ ଚାମ୍ପିଅନସିପ ରେ ବିଭିନ୍ନ ବର୍ଗ ଯଥା ସବ୍ ଜୁନିଅର, ଜୁନିଅର କେଡଟ, ସିନିୟର ପୁରୁଷ ଏବଂ ମହିଳା ବିଭାଗ ରେ ଭାଗେନବା ପାଇଁ ମାଲକାନଗିରି ଜିଲ୍ଲାର ଖେଳାଳୀଙ୍କ ସେମତ ଅଫିସିଆଲ୍ ୨୩ ଜଣ ଖୋର୍ଦ୍ଧା ଜିଲ୍ଲାକୁ ଆଜି ଗସ୍ତ କରିଛନ୍ତି। ଖେଳାଳୀଙ୍କ ମଧ୍ୟରେ ପ୍ରାୟତ ସମେସ୍ତ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳ କିଛି ବାପା ମାଆ ଛେଉଣ୍ଡ (ଅନାଥ) ଖେଳାଳୀ ବି ଅଛନ୍ତି।

ଜିଲ୍ଲା ଜୁଡୋ ଅସୋସିଏସନ୍ ଏବଂ ଆଓମା ଗୁରୁକୂଳର ମିଳିତ ସହେଯାଗେର ଉକ୍ତ ସମସ୍ତ ଖେଳାଳୀଙ୍କୁ ପ୍ରଶିକ୍ଷଣ ଦେବା ସହିତ ରାଜ୍ୟ ସ୍ତରୀୟ ଚାମ୍ପିଅନସିପ ରେ ଭାଗ ନେବାପାଇଁ ସୁେଯାଗ ପ୍ରଦାନ କରିଛନ୍ତି। ଆଜି ଏକ ବିଶେଷ କାର୍ଯ୍ୟକ୍ରମେର ପ୍ରଶାସନ ତରଫରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ତରଫରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନେରଶ ଚନ୍ଦ୍ର ଶବରଙ୍କ ସେମତ ମାନସ ମିଶ୍ର (ଅର୍ଥ), ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ପ୍ରମିଳା ମାଝୀ, ହିମାଂଶୁ ମହାରଣା (କୌଶଳ ବିକାଶ), ଡିପିଏମ ଅେଶାକ ସାହୁ, ସେକ୍ସନ ଅଫିସର୍ ନୀଳକଣ୍ଠ ଭୂୟାଁ, ବରିଷ୍ଠ କିରାଣୀ ଅେଶାକ ପ...ନାୟକ, ଶିକ୍ଷକ କାଳୁ ଚରଣ ମହାରଣାଙ୍କ ସେମତ ଜିଲ୍ଲା ଜୁଡୋ ଅସୋସିଏସନ୍ ର ଉପ ସଭାପତି ଚିନା ରାଓ ଏବଂ ଆଓମା ଗୁରୁକୂଳର ପ୍ରେସଡିେଂଟ ରତ୍ନାକର ଦାଶଙ୍କ ସହିତ ଅେନକ ସମାଜେସବୀ ଉପସ୍ଥିତ ରହି ଖେଳାଳୀଙ୍କୁ ପ୍ରେରଣା ଦେବା ସହିତ ଫୁଲେତାଡ଼ା, ଟୋପି, ଚେକ୍ଲଟ, ମିଠା ଆଦି ଉପହାର ପ୍ରଦାନ ପୂର୍ବକ ଫୁଲ ଚନ୍ଦନ ଦେଇ ଶୁଭକାମନା ଜଣାଇବା ସହିତ ସଫଳତା କାମନା କରି ଖେଳାଳୀଙ୍କ ମେନାବଳ ବଢ଼ାଇଥିଲେ।

# ଆଫଗାନିସ୍ତାନ ବିପକ୍ଷ ସିରିଜରୁ ଲିଟନ ବାଦ, ଫେରିଲେ ସୌମ୍ୟ

ଢାକା,୨୯।୦୯: ଅରସନ୍ତା ଆଫଗାନିସ୍ତାନ ବିପକ୍ଷ ୩ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ ପାଇଁ ବାଂଲାଦେଶ ଦଳ ଘୋଷଣା ହୋଇଛି। ଆହତ ଥିବା ନିୟମିତ ଅଧିନାୟକ ଲିଟନ ଦାସ ଦଳରୁ ବାଦ୍ ପଡ଼ିଛନ୍ତି। ଫଳରେ ଜାକର ଅଲିଙ୍କୁ ନେତୃତ୍ୱ ଦାୟିତ୍ୱ ପ୍ରଦାନ କରାଯାଇଛି।

ଏସିଆ। କପ୍ ଟି-ଟ୍ୱେଣ୍ଟିରେ ଲିଟନ ଆହତ ହୋଇଥିଲେ । ସେ ଦଳର ଶେଷ ୨ଟି ମ୍ୟାଚ୍‌ରୁ (ଭାରତ, ପାକିସ୍ତାନ ବିପକ୍ଷ) ବାଦ୍ ପଡ଼ିଥିଲେ ଅନ୍ୟ ପଟରେ ଭେଟେରାନ ଅଲରାଉଣ୍ଡର ସୌମ୍ୟ ସରକାର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏସିଆ କପ୍ ଦଳର ସଦସ୍ୟ ଥିବା ଅନ୍ୟ ସମସ୍ତ ଖେଳାଳି ସ୍ଥାନ ବଜାୟ ରଖିଛନ୍ତି ବାଂଲାଦେଶ ଓ ଆଫଗାନିସ୍ତାନ ମଧ୍ୟରେ ୟୁଏଇ ଠାରେ ଏହି ସିରିଜ ଖେଳାଯିବ। ଆସନ୍ତା ଅକ୍ଟୋବର ୨, ୩ ଓ ୫ ତାରିଖରେ ୩ଟି ଟି-ଟ୍ୱେଣ୍ଟି ଅନୁଷ୍ଠିତ ହେବ ଏହାପରେ ଉଭୟ ଦଳ ମଧ୍ୟରେ ୩ଟି ଦିନିକିଆ। (ଅକ୍ଟୋବର ୮, ୧୧, ୧୪ତାରିଖ) ଖେଳାଯିବ ।

ବାଂଲାଦେଶ ଦଳ: ଜାକର ଅଲି (ଅଧିନାୟକ), ତନ୍‌ଜିଦ ହାସାନ, ପରଭେଜ ହୋସେନ ଇମୋନ, ସୈଫ୍ ହାସାନ, ତୋହିଦ ହୃଦୟ, ସମିମ ହୋସେନ, ନୁରୁଲ ହାସାନ, ରିଶଦ ହୋସେନ, ମେହଦି ହାସାନ, ନାସୁମ ଅହମ୍ମଦ, ଟସ୍କିନ ଅହମ୍ମଦ, ତନ୍‌ଜିମ ହାସାନ ସାକିବ, ମୁସ୍ତାଫିଜୁର ରେହମାନ, ସରିଫୁଲ ଇସଲାମ, ମହମ୍ମଦ ସୈଫୁଦ୍ଦିନ, ସୌମ୍ୟ ସରକାର।




# ଅଷ୍ଟ୍ରେଲିଆ ଅଣ୍ଡର-୨୧ ଟିମକୁ ୧-୦ରେ ପରାସ୍ତ କଲା ଭାରତୀୟ ମହିଳା ହକି ଟିମ୍

କେନବରା, ସେପ୍ଟେମ୍ବର ୨୯(ହି.ସ) - ଭାରତୀୟ ଜୁନିଅର ମହିଳା ହକି ଟିମ୍ ତାର ଅଷ୍ଟ୍ରେଲିଆ ଗସ୍ତର ତୃତୀୟ ମ୍ୟାଚରେ ସୋମବାର ଦିନ ଅଷ୍ଟ୍ରେଲିଆ ଅଣ୍ଡର-୨୧ ଟିମ୍ କୁ ୧-୦ ରେ ପରାଜିତ କରିଛି। କ୍ୟାନବେରାର ନ୍ୟାସନାଲ୍ ହକି ସେଂଟରରେ ଖେଳାଯାଇଥିବା ଏହି ମୁକାବିଲାରେ କନିକା ସିୱାଚ (୩୨') ଭାରତ ପାଇଁ ନିର୍ଣ୍ଣାୟକ ଗୋଲ୍ କରିଥିଲେ ।ପ୍ରଥମ ହାଫ୍‌ରେ ଦୁଇ ଦଳ ମଧ୍ୟରେ କଠିନ ପ୍ରତିସ୍ପର୍ଧା ଦେଖିବାକୁ ମିଳିଥିଲା, କିନ୍ତୁ ତୃତୀୟ କ୍ୱାର୍ଟର ଆରମ୍ଭରେ କନିକା ସିୱାଚଙ୍କର ମହତ୍ତ୍ୱପୂର୍ଣ୍ଣ ଫିଲ୍ଡ ଗୋଲ୍ ଭାରତକୁ ଜିତ ଦେଇଥିଲା ।ତା'ପୂର୍ବରୁ ଭାରତ ଅଷ୍ଟ୍ରେଲିଆ ଅଣ୍ଡର-୨୧ ବିରୁଦ୍ଧରେ ଲଗାତାର ଦୁଇଟି ମ୍ୟାଚ ହାରିଥିଲା, କିନ୍ତୁ ଏହି ଜିତ ସହିତ ଦଳ ତାଙ୍କର ଆତ୍ମବିଶ୍ୱାସ ପୁନଃ ପ୍ରାପ୍ତ କରିଛି ଓ ଅବଶିଷ୍ଟ ମ୍ୟାଚଗୁଡ଼ିକୁ ନେଇ ଭଲ ପ୍ରଦର୍ଶନ କରିବାର ଆଶା ରଖୁଛି ।ଭାରତର ପରବର୍ତ୍ତୀ ମୁକାବିଲା ଅଷ୍ଟ୍ରେଲିଆର ପ୍ରିମିୟର ହକି ୱନ୍ ଲିଗ କ୍ଲବ୍, କ୍ୟାନବେରା ଚିଲ୍ ବିରୁଦ୍ଧରେ ହେବ। ଏହି ମ୍ୟାଚଗୁଡ଼ିକ ଯଥାକ୍ରମେ ୩୦ ସେପ୍ଟେମ୍ବର ଓ ୨ ଅକ୍ଟୋବରରେ ଖେଳାଯିବ, ଯାହା ପରେ ଭାରତର ଅଷ୍ଟ୍ରେଲିଆ ଗସ୍ତ ସମାପ୍ତ ହେବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ